بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ


وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ସାପ୍ତାହିକ

ବଦର୍

Weekly

କାଦିଆନ

BADAR

Qadian

Odia


**ଅଲ୍ଲାଃତାଲାଙ୍କ ବାଣୀ**

## ବିଶ୍ୱାସ ଓ ଅଧ୍ୟାତ୍ମ ପରିଚୟ ।

فَسَبِّحۡ بِحَمۡدِ رَبِّکَ وَ کُنۡ مِّنَ السّٰجِدِیۡنَ ﴿۹۹﴾ وَاعۡبُدۡ رَبَّکَ حَتّٰی یَاۡتِیَکَ
الۡیَقِیۡنُ ﴿۱۰۰﴾

**ଅନୁବାଦ: ସୁତରାଂ ତୁମ୍ଭେ ପ୍ରଶଂସାପୂର୍ବକ ନିଜ ପାଳନକର୍ତ୍ତାଙ୍କର ଗୁଣ ଗାନ କର ଓ ତାହାଙ୍କର ସଂପୂର୍ଣ୍ଣ ଆଜ୍ଞା ପାଳନକାରୀମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୁଅ । ମୃତ୍ୟୁ ସମୟର ଆଗମନ ପର୍ଯ୍ୟନ୍ତ ନିଜ ପାଳନକର୍ତ୍ତାଙ୍କର ଉପାସନା କରୁଥାଅ ।**

**(ଅଲ୍ ହିଜର୍ : 99-100)**


**ସମ୍ପାଦକ:** କମ୍ରୁଲ୍ ହକ୍ ଖାନ୍ | **ସହ ସମ୍ପାଦକ:** ସୟଦ୍ ଅତାଉଲ୍ ୱାହାବ୍ | **ଖଣ୍ଡ: 11 | ସଂଖ୍ୟା: 39** | 10 ରବିଉସ୍ ସାନି, 1448 ହି.କ, 24 ତବୁକ୍ 1405 ହି.ଶ, 24 Sep 2026




**ଆଁହଜରତ୍ ସ.ଅଙ୍କ ବାଣୀ**

## "ତୁମେ ଅଲ୍ଲାଃଙ୍କ ନିକଟରେ ଦୁଆ (ପ୍ରାର୍ଥନା) କର ଏବଂ ଏହି ଦୃଢ଼ ବିଶ୍ୱାସ ସହିତ କର ଯେ, ତୁମର ଦୁଆ ନିଶ୍ଚୟ ସ୍ୱୀକୃତ ହେବ ।"

عَنۡ أَبِي هُرَيۡرَةَ قَالَ: قَالَ رَسُولُ اللّٰهِ صَلَّى اللّٰهُ عَلَيۡهِ وَسَلَّمَ: " ادۡعُوا اللّٰهَ وَأَنۡتُمۡ مُوقِنُونَ بِالۡإِجَابَةِ، وَاعۡلَمُوا أَنَّ اللّٰهَ لَا يَسۡتَجِيبُ دُعَاءً مِنۡ قَلۡبٍ غَافِلٍ لَاهٍ"

**ଅନୁବାଦ:** ହଜରତ୍ ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ କହିଲେ: "ତୁମେ ଅଲ୍ଲାଃଙ୍କ ନିକଟରେ ଦୁଆ (ପ୍ରାର୍ଥନା) କର ଏବଂ ଏହି ଦୃଢ଼ ବିଶ୍ୱାସ ସହିତ କର ଯେ ତୁମର ଦୁଆ ନିଶ୍ଚୟ ସ୍ୱୀକୃତ ହେବ ଏବଂ ଭଲ ଭାବରେ ଜାଣିରଖ ଯେ, ଅଲ୍ଲାଃତାଲା ଅବହେଳା, ଅନ୍ୟମନସ୍କତା ଏବଂ ମନୋରଞ୍ଜନ ଓ ଖେଳକୁଦରେ ଲିପ୍ତ ଥିବା ହୃଦୟର ଦୁଆକୁ ସ୍ୱୀକାର କରନ୍ତି ନାହିଁ ।" **(ସୁନନୁତ୍ ତର୍ମିଜି, କିତାବୁଦ୍ ଦାୱାତ୍, ଅନ୍ ରସୁଲିଲ୍ଲାଃହି ସ.ଅ, ହଦିସ୍ ନଂ-3479)**

عَنۡ عُمَرَ بۡنِ الۡخَطَّابِ قَالَ: قَالَ رَسُولُ اللّٰهِ صَلَّى اللّٰهُ عَلَيۡهِ وَسَلَّمَ "لَوۡ أَنَّكُمۡ كُنۡتُمۡ تَوَكَّلُونَ عَلَى اللّٰهِ حَقَّ تَوَكُّلِهِ لَرُزِقۡتُمۡ كَمَا تُرۡزَقُ الطَّيۡرُ تَغۡدُو خِمَاصًا وَتَرُوحُ بِطَانًا

ହଜରତ ଉମର ବିନ୍ ଅଲ୍ ଖତ୍ତାବ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ କହିଲେ: "ଯଦି ତୁମେମାନେ ଅଲ୍ଲାଃଙ୍କ ଉପରେ ସେହିପରି ତୱକ୍କୁଲ (ଭରସା) କର ଯେପରି ଭରସା କରିବାର ପ୍ରକୃତ ଅଧିକାର ରହିଛି ତେବେ ତୁମକୁ ସେହିପରି ରିଜିକ୍ (ଜୀବିକା) ମିଳିବ ଯେପରି ପକ୍ଷୀମାନଙ୍କୁ ମିଳିଥାଏ । ଅର୍ଥାତ୍ ଯେପରି ସେମାନେ ସକାଳେ ଭୋକିଲା ପେଟରେ ବାହାରନ୍ତି ଏବଂ ସନ୍ଧ୍ୟା ସମୟରେ ପେଟ ପୁରି ତୃପ୍ତ ହୋଇ ଫେରିଥାଆନ୍ତି ।" **(ସୁନନୁତ୍ ତର୍ମିଜି, କିତାବୁଜ୍ ଜୁହୋଦ୍, ଅନ୍ ରସୁଲିଲ୍ଲାଃହି ସ.ଅ, ହଦିସ୍ ନଂ-2344)**



## ହ. ମସିହ ମଉଦ୍ ଅ.ସଙ୍କ ନିତୀବାଣୀ (ତବରରୁକାତେ ହ. ମସିହ ମଉଦ୍ ଅ.ସ)

### କାର୍ଯ୍ୟ ଏବଂ ଧର୍ମପରାୟଣତାରେ ଦେଖାଯାଉଥିବା ସମସ୍ତ ଦୁର୍ବଳତାର ମୂଳ କାରଣ ହେଉଛି ମାଆରିଫତ୍ (ଅର୍ଥାତ୍ ଈଶ୍ୱରଙ୍କ ସମ୍ପର୍କରେ ଅଧ୍ୟାତ୍ମ ଜ୍ଞାନ)ର ଅଭାବ କିମ୍ବା ଦୁର୍ବଳତା ।"

ପୁଣ୍ୟଶ୍ଳୋକ ହ. ମସିହ ମଉଦ୍ ଅ.ସ କୁହନ୍ତି: "ବିଶ୍ୱାସକୁ ସୁଦୃଢ଼ କରିବାର ଅତ୍ୟନ୍ତ ଆବଶ୍ୟକତା ରହିଛି । କାରଣ ବିଶ୍ୱାସ ବିନା ସମସ୍ତ କୃତ୍ୟ (ଅମଲ୍) ମୃତ ପରି ଅଟନ୍ତି । ବିଶ୍ୱାସ ଥିଲେ ହିଁ ମନୁଷ୍ୟକୁ ସେହି ମାଆରିଫତ୍ (ଈଶ୍ୱରଙ୍କ ଅଧ୍ୟାତ୍ମ ଜ୍ଞାନ) ପ୍ରାପ୍ତ ହୁଏ ଯଦ୍ୱାରା ସେ ଆକାଶ ଆଡ଼କୁ (ଅର୍ଥାତ୍ ଆଧ୍ୟାତ୍ମିକ ଉନ୍ନତି ଆଡ଼କୁ) ଅଗ୍ରସର ହୋଇଥାଏ ଏବଂ ଯଦି ଏହା ନ ଥାଏ ତେବେ ନା ଆଶୀର୍ବାଦ (କଲ୍ୟାଣ) ମିଳେ ଓ ନା ହିଁ ଆନନ୍ଦ ମିଳିଥାଏ । ଈଶ୍ୱରଙ୍କୁ ଅନୁଭବ କରିବା ଏବଂ ଦେଖିବା ପରେ ଯେତେବେଳେ କୌଣସି କାର୍ଯ୍ୟ କରାଯାଏ ସେତେବେଳେ ସେହି କାର୍ଯ୍ୟର ଯେଉଁ ମହତ୍ତ୍ୱ ଥିବ ତାହା କ'ଣ ଅନ୍ୟ କୌଣସି କାର୍ଯ୍ୟର ହୋଇପାରିବ କି ? କଦାପି ନୁହେଁ । କାର୍ଯ୍ୟର ଦୁର୍ବଳତା ଏବଂ ଧର୍ମପରାୟଣତା ଭଗବତ୍ ଭୟର ଯେତେ ବି ଦୋଷ ଦେଖାଯାଏ ସେହି ସବୁର ମୂଳ କାରଣ ହେଉଛି ମାଆରିଫତ୍‌ର ଦୁର୍ବଳତା । ଗୋଟିଏ କୀଟ ସମ୍ପର୍କରେ ବି ଯଦି ମନୁଷ୍ୟ ଜାଣିନିଏ ଯେ, ଉକ୍ତ କୀଟଟି ମୋତେ କ୍ଷତି ପହଞ୍ଚାଇ ପାରିବ ତେବେ ସେ ତାହାକୁ ମଧ୍ୟ ଡରେ । ସେହିପରି ଯେତେବେଳେ ଈଶ୍ୱରଙ୍କ ମାଆରିଫତ୍ (ସମ୍ୟକ୍ ଅଧ୍ୟାତ୍ମ ଜ୍ଞାନ) ଥିଲେ ସେ ତାହାଙ୍କୁ କାହିଁକି ଡରିବ ନାହିଁ ? ସଂକ୍ଷେପରେ କହିବାକୁ ଗଲେ ମାଆରିଫତ୍ ଅର୍ଥାତ୍ ଅଧ୍ୟାତ୍ମ ଜ୍ଞାନର ଯଥେଷ୍ଟ ଆବଶ୍ୟକତା ରହିଛି ।

ମୁଁ ଦେଖୁଛି ଯେ ଯଦିଓ ଆମର ସମ୍ପ୍ରଦାୟ ବୃଦ୍ଧି ପାଉଛି । କିନ୍ତୁ ଏବେ ବି କେବଳ ବାହ୍ୟ ଖୋଳପା (ଚୋପା) ହିଁ ବଢ଼ୁଛି । ଯଦି ଭିତରର ସାରବସ୍ତୁ (ମଗଜ୍ ବା ମଞ୍ଜି) ବଢ଼ନ୍ତା ତେବେ ଯାଇ ପ୍ରକୃତ କଥା ହୁଅନ୍ତା । ସୁତରାଂ ମନରେ ଏହି ବିଚାର ବାରମ୍ବାର ଆସେ ଯେ, ମୁହମ୍ମଦ ସ.ଅଙ୍କର କି ଆଶ୍ଚର୍ଯ୍ୟଜନକ ଆଧ୍ୟାତ୍ମିକ ଐଶୀ ଶକ୍ତି ଥିଲା ଯେ, ତାଙ୍କ ଉପରେ ବିଶ୍ୱାସ ଆଣି ସହାବାମାନେ ଏକାଥରକେ ଦୁନିଆର ନିଷ୍ପତ୍ତି ନେଇନେଲେ ! ଜୀବନଠାରୁ ବଳି ଅନ୍ୟ କ'ଣ ଅଛି ? ସେମାନେ ନିଜ ରକ୍ତ ଦେଇ ଧର୍ମ ଉପରେ ମୋହର ମାରିଦେଲେ। ଏବେ ଲୋକମାନେ ନିଷ୍ଠାର ସହିତ ଯୋଡ଼ି ହୁଅନ୍ତି (ଅର୍ଥାତ୍ ବୈଅତ୍ କରନ୍ତି) କିନ୍ତୁ ଦେଖାଯାଏ ଯେ, ସେମାନେ ସାଙ୍ଗରେ ଗୁପ୍ତ ସାଂସାରିକ ଉଦ୍ଦେଶ୍ୟ ବି ନେଇ ଆସନ୍ତି ଯେ, ଅମକ ସାଂସାରିକ କାମଟି ହୋଇଯାଉ ଏବଂ ଏହା ହୋଇଯାଉ ତାହା ହୋଇଯାଉ । ଏହା ସତ୍ୟ ଯେ, ଯିଏ ପ୍ରକୃତ ବିଶ୍ୱାସକାରୀ ହୋଇଯାଏ ଈଶ୍ୱର ତା'ର ପ୍ରତ୍ୟେକ ଅସୁବିଧା ସହଜରେ ଦୂର କରିଦିଅନ୍ତି । କିନ୍ତୁ ସର୍ବପ୍ରଥମେ ଅଧ୍ୟାତ୍ମ ଜ୍ଞାନ ଓ ଈଶ୍ୱରଙ୍କ ପରିଚୟ ନିହାତି ଆବଶ୍ୟକ । ତା'ପରେ ଈଶ୍ୱର ସ୍ୱୟଂ ତା'ର ପ୍ରତ୍ୟେକ ଆବଶ୍ୟକତାର ଦାୟିତ୍ୱ ନେବେ ଓ ତା'ର ଆବଶ୍ୟକତାକୁ ପୂରଣ କରିବେ ।"**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-5, ପୃଷ୍ଠା-222-223)**



**ତଫସିର୍ କବିରରୁ ଉଦ୍ଧୃତ ଆଲେଖ୍ୟ (ତବରରୁକାତେ ହ. ମୁସଲେହ୍ ମଉଦ୍ ର.ଅ)**

## ବିଶ୍ୱାସର ଜଣାଶୁଣା ଓ ପ୍ରକୃତ ଅର୍ଥ ।

ସୟେଦିନା ହ. ଖଲିଫତୁଲ୍ ମସିହ ସାନି ତଥା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରତୁଲ୍ ହିଜର୍‌ର ଆୟତ୍ وَاعۡبُدۡ رَبَّکَ حَتّٰی یَاۡتِیَکَ الۡیَقِیۡنُ ର ବ୍ୟାଖ୍ୟା କରି କୁହନ୍ତି: "ଏଠାରେ 'ୟକୀନ୍'ର ଅର୍ଥ ହେଉଛି 'ମୃତ୍ୟୁ' । ଈଶ୍ୱର କୁହନ୍ତି ଯେ, ଏବେ ତୁମେ ମୃତ୍ୟୁ ପର୍ଯ୍ୟନ୍ତ ଆମର ଉପାସନାରେ ଲିପ୍ତ ରୁହ । ଅର୍ଥାତ୍ ଇସ୍‌ଲାମକୁ ଯେଉଁ ଉନ୍ନତି ମିଳିବ ସେଥିରେ ବର୍ତ୍ତମନ କୌଣସି ବାଧା ବିଘ୍ନ ସୃଷ୍ଟି ହେବ ନାହିଁ ଏବଂ ତୁମେମାନେ ସମ୍ପୂର୍ଣ୍ଣ ସ୍ୱାଧୀନତା ଏବଂ ସୁଖ ଶାନ୍ତିର ସହିତ ନିଜ ମୃତ୍ୟୁ ପର୍ଯ୍ୟନ୍ତ ଖୋଲାଖୋଲି ଭାବେ ଅଲ୍ଲାଃତାଲାଙ୍କର ଉପାସନା କରିପାରିବ । ଏହି ଲୋକମାନେ ଯେଉଁମାନେ ବର୍ତ୍ତମାନ ତୁମ ଉପାସନାରେ ବାଧା ଦେଉଛନ୍ତି, ଅଲ୍ଲାଃତାଲା ସେମାନଙ୍କୁ ଏପରି ବିନାଶ କରିଦେବେ ଯେ, ତୁମର ସମଗ୍ର ଜୀବନ ଉପାସନାର ସ୍ୱାଧୀନତା ଦୃଷ୍ଟିରୁ ଶାନ୍ତି ଓ ଆରାମରେ ବିତିବ । 'ୟକୀନ୍'ର ସାଧାରଣ ଓ ଜଣାଶୁଣା ଅର୍ଥ ମଧ୍ୟ ଏଠାରେ ହୋଇପାରିବ ଏବଂ ସେହି ପରିସ୍ଥିତିରେ ଏହାର ଅର୍ଥ ଏହା ହେବ ଯେ, ଯେଉଁ ନିର୍ଦ୍ଦିଷ୍ଟ ସମୟ (ସାଅତ୍)ର ପ୍ରତିଶ୍ରୁତି ଦିଆଯାଇଛି ତାହା ଆସିବା ପର୍ଯ୍ୟନ୍ତ ବିଶେଷ ଭାବରେ ଉପାସନାରେ ମନୋନିବେଶ କର । ଗୋଟିଏ ପ୍ରକାରେ ଶାସ୍ତି ବା ସେହି ସମୟର ଲକ୍ଷଣ ପ୍ରକାଶ ପାଇବାକୁ ହିଁ 'ୟକୀନ୍' କୁହାଯାଇଛି । କାରଣ ଯେପର୍ଯ୍ୟନ୍ତ ପ୍ରତିଶ୍ରୁତି ପୂରଣ ନ ହୋଇଛି ସେପର୍ଯ୍ୟନ୍ତ ତାହାର ପୂର୍ଣ୍ଣ ବାସ୍ତବତା ପ୍ରକାଶ ପାଏ ନାହିଁ । ତେଣୁ ଏହା କୁହାଗଲା ଯେ, ଯେତେବେଳେ ଅଲ୍ଲାଃତାଲାଙ୍କ ପକ୍ଷରୁ କୌଣସି ପ୍ରତିଶ୍ରୁତି ମିଳେ ସେତେବେଳେ ବିଶେଷ ଭାବରେ ଦୁଆ (ପ୍ରାର୍ଥନା) ଏବଂ ଉପାସନାରେ ଲିପ୍ତ ହୋଇଯିବା ଉଚିତ୍ । କାରଣ ସେହି ପ୍ରତିଶ୍ରୁତି ସମସ୍ତ ପ୍ରକାର କଲ୍ୟାଣ ସହିତ ପୂରଣ ହୋଇପାରିବ । ଏହାର ଅର୍ଥ ଏହା ନୁହେଁ ଯେ **ଅବଶିଷ୍ଟାଂଶ...ପୃ-11 ରେ**

**ଅହମଦିୟା ଖବର**

**ଅଲ୍‌ହମଦୁଲିଲ୍ଲାଃ ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍‌ୱର୍[ଅ.ବ] ସକୁଶଳେ ଅଛନ୍ତି ।**

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍‌ୱର୍[ଅ.ବ]ଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍‌ୱର୍[ଅ.ବ]ଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ । ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍‌ୱର୍[ଅ.ବ]ଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । **ଆମିନ୍ ।**

## ସମ୍ପାଦକୀୟ

## ହ. ମସିହ ମଉଦ୍ ଅ.ସ ଏବଂ ଅହ୍ୟାଏ ମୌତା (ମୃତ ବ୍ୟକ୍ତିକୁ ଜୀବିତ କରିବା)ର ମହାନ୍ ନିଦର୍ଶନ !

لَآ اِلٰهَ اِلَّا اللّٰهُ مُحَمَّدٌ رَّسُوْلُ اللّٰهِ

ପୁଣ୍ୟଶ୍ଳୋକ ତଥା ସୈୟଦନା ହଜରତ୍ ମିର୍ଜା ଗୁଲାମ ଅହମଦ କାଦିୟାନୀ ଅ.ସ ଯାହାଙ୍କୁ ଅଲ୍ଲାଃତାଲା ମସିହେ ମଉଦ୍ ଓ ମେହଦୀଏ ମଉଦ୍ ପଦବୀରେ ଅଧିଷ୍ଠିତ କରିଛନ୍ତି । ଆପଣ ଅ.ସ ମସିହଙ୍କ ସଦୃଶ ହେବାର ଦାବି କରିଥିଲେ । ମସିହଙ୍କ ସମ୍ବନ୍ଧରେ ପବିତ୍ର କୁରଆନ କରୀମ୍ ଏବଂ ବାଇବେଲରେ ଉଲ୍ଲେଖ ରହିଛି ଯେ, ସେ ଈଶ୍ୱରଙ୍କ ଆଜ୍ଞାରେ ମୃତକମାନଙ୍କୁ ଜୀବିତ କରୁଥିଲେ ଏବଂ ରୋଗୀମାନଙ୍କୁ ସୁସ୍ଥ କରୁଥିଲେ ଓ ଅନ୍ଧମାନଙ୍କୁ ଦୃଷ୍ଟିଶକ୍ତି ପ୍ରଦାନ କରୁଥିଲେ । ଯଦିଓ ଏହାର ପ୍ରକୃତ ଅର୍ଥ ହେଉଛି ଆଧ୍ୟାତ୍ମିକ ମୃତକମାନଙ୍କୁ ଆଧ୍ୟାତ୍ମିକ ଜୀବନ ଦେବା ଏବଂ ଆଧ୍ୟାତ୍ମିକ ରୋଗୀମାନଙ୍କୁ ଆରୋଗ୍ୟ କରିବା ଓ ଆଧ୍ୟାତ୍ମିକ ଅନ୍ଧ ବ୍ୟକ୍ତିମାନଙ୍କୁ ଦୃଷ୍ଟିଶକ୍ତି ପ୍ରଦାନ କରିବା । କିନ୍ତୁ ତହିଁରେ (ଏଥିରେ) ମଧ୍ୟ କୌଣସି ସନ୍ଦେହର ଅବକାଶ ନାହିଁ ଯେ, ଅଲ୍ଲାଃତାଲାଙ୍କ କୃପାରୁ ମସିହ୍ ଏବଂ ଅନ୍ୟାନ୍ୟ ନବୀମାନଙ୍କୁ ବିଶେଷ କରି ଆମର ପ୍ରିୟ ନବୀ ହଜରତ୍ ମୁହମ୍ମଦ୍ ସ.ଅଙ୍କୁ ଅଲ୍ଲାଃତାଲା ଏହି ଶକ୍ତି ମଧ୍ୟ ପ୍ରଦାନ କରିଥିଲେ ଯେ, ଶାରୀରିକ ଭାବରେ ମଧ୍ୟ ଯେଉଁ ଲୋକମାନେ ମୃତ୍ୟୁ ମୁଖରେ ପଡ଼ିସାରିଥିଲେ ଏବଂ ମୁମୂର୍ଷୁ ଅବସ୍ଥାରେ ଥିଲେ, ଯାହାଙ୍କ ଚିକିତ୍ସାରୁ ଦୁନିଆର ଡାକ୍ତରମାନେ ହାତ ଟେକି ଦେଇଥିଲେ, ଏପରି ରୋଗୀମାନଙ୍କୁ ମଧ୍ୟ ଆପଣ ସ.ଅ ମୃତ୍ୟୁମୁଖରୁ ଉଦ୍ଧାର କରିଛନ୍ତି ।

ଏହିପରି ମହାନ୍ ଚମତ୍କାର ଆଜି ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ମାଧ୍ୟମରେ ମଧ୍ୟ ପରିପ୍ରକାଶିତ ହୋଇଛି । ଏହିସବୁ ନିଦର୍ଶନ ଦେଖି ପୂର୍ବବର୍ତ୍ତୀ ନବୀମାନଙ୍କ ଏବଂ ହଜରତ୍ ମସିହଙ୍କ ନିଦର୍ଶନସମୂହ ଉପରେ ମଧ୍ୟ ପୂର୍ଣ୍ଣ ବିଶ୍ୱାସ ଜାଗ୍ରତ ହୁଏ । ନଚେତ୍ ଆଜିର ଏହି ଯୁଗରେ ସେଗୁଡ଼ିକ କେବଳ ଶୁଣାକଥା ଭଳି ମନେହୁଏ । ନିମ୍ନରେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ଦ ଅ.ସଙ୍କର ସେହି ଶହ ଶହ ଚମତ୍କାର ମଧ୍ୟରୁ ସମ୍ପ୍ରତି କେବଳ ଗୋଟିଏ ଚମତ୍କାରର ଉଲ୍ଲେଖ କରାଯାଉଛି ।

1906 ମସିହାର କଥା; କାଦିୟାନରେ ଅବଦ୍ଧୁଲ୍ କରୀମ୍ ନାମକ ଜଣେ ଛାତ୍ର ପଢ଼ିବା ପାଇଁ ଆସିଲା ଏବଂ ମାଦ୍ରାସା ଅହମଦିୟା କାଦିୟାନ୍‌ର ଚତୁର୍ଥ ବର୍ଷରେ ନାମ ଲେଖାଇଲା। ତାହା ସହିତ କ'ଣ ଘଟିଲା ତାହା ହଜରତ ପୁଣ୍ୟଶ୍ଳୋକ ମସିହେ ମଉଦ୍ ଅ.ସଙ୍କ ନିଜ ପବିତ୍ର ଶବ୍ଦରେ ହିଁ ପାଠ କରନ୍ତୁ: "ଅବଦ୍ଧୁଲ୍ କରୀମ୍, ପିତା ଅବଦ୍ଧୁର୍ ରହମାନ୍, ଦକ୍ଷିଣ ଭାରତ ସ୍ଥିତ ହାଇଦ୍ରାବାଦର ନିବାସୀ, ଆମ ମାଦ୍ରାସାରେ ଜଣେ ଛାତ୍ର ଅଟେ । ଦୁର୍ଭାଗ୍ୟବଶତଃ ତାକୁ ଗୋଟିଏ ବୁଲା ପାଗଳ କୁକୁର କାମୁଡ଼ି ଦେଲା। ଆମେ ତାକୁ ଚିକିତ୍ସା ପାଇଁ କସୌଲି ପଠାଇଲୁ । କିଛି ଦିନ କସୌଲିରେ ତାହାର ଚିକିତ୍ସା ଚାଲିଲା । ତା'ପରେ ସେ କାଦିୟାନ୍ ଫେରି ଆସିଲା । କିଛି ଦିନ ବିତିଯିବା ପରେ ପୁଣି ତାହାଠାରେ ପାଗଳାମି ଅର୍ଥାତ୍ ଜଳାତଙ୍କ ରୋଗର ଲକ୍ଷଣ ପ୍ରକାଶ ପାଇଲା । ଏହି ଲକ୍ଷଣ ପାଗଳ କୁକୁର କାମୁଡ଼ିବା ପରେ ହିଁ ପ୍ରକାଶ ପାଇଥାଏ । ସେ ପାଣିକୁ ଦେଖି ଡରିବାକୁ ଲାଗିଲା ଏବଂ ଭୟାନକ ପରିସ୍ଥିତି ସୃଷ୍ଟି ହେଲା । ସେତେବେଳେ ଏହି ନିରାଶ୍ରୟ, ନିରୀହ ବିଦେଶୀ ବାଳକ ପାଇଁ ମୋ ହୃଦୟ ଅତ୍ୟନ୍ତ ବ୍ୟାକୁଳ ହୋଇ ଉଠିଲା ଏବଂ ପ୍ରାର୍ଥନା (ଦୁଆ) ପାଇଁ ଏକ ବିଶେଷ ଏକାଗ୍ରତା ସୃଷ୍ଟି ହେଲା । ପ୍ରତ୍ୟେକ ବ୍ୟକ୍ତି ଭାବୁଥିଲା ଯେ, ଏହି ଗରିବ ପିଲାଟି କିଛି ଘଣ୍ଟା ପରେ ମରିଯିବ । ବାଧ୍ୟ ହୋଇ ତାକୁ ବୋର୍ଡିଂରୁ ବାହାର କରି ଏକ ଅଲଗା ଘରେ ଅନ୍ୟମାନଙ୍କଠାରୁ ପୃଥକ କରି ସମସ୍ତ ସାବଧାନତା ସହିତ ରଖାଗଲା ଏବଂ କସୌଲିର ଇଂରେଜ ଡାକ୍ତରମାନଙ୍କ ନିକଟକୁ ଟେଲିଗ୍ରାମ (ତାର) ପଠାଇ ପଚରାଗଲା ଯେ, ଏହି ଅବସ୍ଥାରେ ଏହାର ଅର୍ଥାତ୍ ରୋଗୀ କୌଣସି ଚିକିତ୍ସା ତଥା ଉପଚାରା ଅଛି କି ? ସେପଟୁ ଅର୍ଥାତ୍ ପ୍ରତ୍ୟୁତ୍ତରରେ ଟେଲିଗ୍ରାମ ମାଧ୍ୟମରେ ଏହି ଉତ୍ତର ଆସିଲା ଯେ 'ବର୍ତ୍ତମାନ ଏହାର କୌଣସି ଚିକିତ୍ସା ନାହିଁ'। କିନ୍ତୁ ଏହି ଗରିବ ଓ ବିଦେଶୀ ପିଲାଟି ପାଇଁ ମୋ ହୃଦୟରେ ବହୁତ ଧ୍ୟାନ ଏବଂ ଏକାଗ୍ରତା ସୃଷ୍ଟି ହେଲା । ମୋର ବନ୍ଧୁମାନେ ମଧ୍ୟ ତା' ପାଇଁ ପ୍ରାର୍ଥନା କରିବାକୁ ବହୁତ ଅନୁରୋଧ କଲେ । କାରଣ ଏହି ଅସହାୟ ଅବସ୍ଥାରେ ପିଲାଟି ଦୟାର ପାତ୍ର ଥିଲା ଏବଂ ହୃଦୟରେ ଏହି ଭୟ ମଧ୍ୟ ସୃଷ୍ଟି ହେଲା ଯେ, ଯଦି ସେ ମରିଯାଏ ତେବେ ତାହାର ମୃତ୍ୟୁ ଶତ୍ରୁମାନଙ୍କ ଉପହସର କାରଣ ହେବ। ଅତଏବ୍ ସେତେବେଳେ ମୋ ହୃଦୟ ତା' ପାଇଁ ପ୍ରବଳ ଯନ୍ତ୍ରଣା ଓ ବ୍ୟାକୁଳତାରେ ପ୍ରପୀଡ଼ିତ ହେଲା । ଏକ ଅଲୌକିକ ଏକାଗ୍ରତା ତଥା ଧ୍ୟାନ ଜାଗ୍ରତ ହେଲା । ଏହି ଏକାଗ୍ରତା ଓ ଧ୍ୟାନ ସ୍ୱଇଚ୍ଛାରେ ସୃଷ୍ଟି ହୁଏ ନାହିଁ ବରଂ କେବଳ ଓ କେବଳ ଈଶ୍ୱରଙ୍କ ତରଫରୁ ହିଁ ସୃଷ୍ଟି ହୋଇଥାଏ । ଯଦି ତାହା ସୃଷ୍ଟି ହୋଇଯାଏ ତେବେ ଈଶ୍ୱରଙ୍କ ଆଜ୍ଞାରେ ତାହା ଏପରି ପ୍ରଭାବ ଦେଖାଏ ଯେ, ପ୍ରାୟ ମୃତବ୍ୟକ୍ତି ମଧ୍ୟ ଜୀବିତ ହୋଇ ଉଠେ । ମୋଟାମୋଟି ଭାବେ କହିବାକୁ ଗଲେ ତା' ପାଇଁ ଈଶ୍ୱରଙ୍କ ଆଡ଼କୁ ସମ୍ପୂର୍ଣ୍ଣ ଆକର୍ଷିତ ହେବାର ଅବସ୍ଥା ପ୍ରାପ୍ତ ହେଲା । ଯେତେବେଳେ ସେହି ଏକାଗ୍ରତା ଚରମ ସୀମାରେ ପହଞ୍ଚିଲା ଓ ହୃଦୟରେ ଦୁଃଖ ସମ୍ପୂର୍ଣ୍ଣ ଆଧିପତ୍ୟ ବିସ୍ତାର କଲା ସେତେବେଳେ ସେହି ରୋଗୀ ଯିଏ ବାସ୍ତବରେ ମୃତପ୍ରାୟ ଥିଲା ତା' ଉପରେ ଏହି ଏକାଗ୍ରତାର ପ୍ରଭାବ ପ୍ରକାଶ ପାଇବାକୁ ଲାଗିଲା । ସେ ଯେଉଁ ପାଣିକୁ ଦେଖି ଡରୁଥିଲା ଏବଂ ଆଲୋକରୁ ଦୂରେଇ ପଳାଉଥଲା ହଠାତ୍ ତା'ର ସ୍ୱାସ୍ଥ୍ୟ ଆରୋଗ୍ୟ ଆଡ଼କୁ ମୁହାଁଇଲା ଏବଂ ସେ କହିଲା ଯେ 'ବର୍ତ୍ତମାନ ମୋତେ ଆଉ ପାଣିକୁ ଦେଖି ଆଉ ଭୟ ଲାଗୁ ନାହିଁ'। ସୁତରାଂ ସେତେବେଳେ ତାକୁ ପାଣି ଦିଆଗଲା । ସେ ନିର୍ଭୟରେ ତାହା ପିଇନେଲା । କେବଳ ସେତିକି ନୁହେଁ ବରଂ ପାଣିରେ ଓ୍ୱଜୁ କରି ନମାଜ୍ ମଧ୍ୟ ପାଠ କରିନେଲା ଏବଂ ସାରା ରାତି ଶୋଇ ରହିଲା। ତାହାର ଭୟାନକ ଓ ହିଂସ୍ରାବସ୍ଥା ଦୂର ହୋଇଗଲା । ଏପରିକି କିଛି ଦିନ ମଧ୍ୟରେ ହିଁ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଗଲା । ମୋ ହୃଦୟରେ ତତ୍‌କ୍ଷଣାତ୍ ଏହି ଧାରଣା ଜାତ ହେଲା ଯେ, ତା' ଭିତରେ ସୃଷ୍ଟି ହୋଇଥିବା ଏହି ପାଗଳାମିର ଲକ୍ଷଣ ତାକୁ ବିନାଶ କରିବା ପାଇଁ ନଥିଲା ବରଂ ଏଥିପାଇଁ ଥିଲା ଯେ, ଈଶ୍ୱରଙ୍କ ନିଦର୍ଶନ ପ୍ରକାଶ ପାଇବ । ଅଭିଜ୍ଞ ଲୋକମାନେ କୁହନ୍ତି ଯେ, ଦୁନିଆରେ (ସଂସାରରେ) କେବେହେଲେ ଏପରି ଚମତ୍କାର ଦେଖିବାକୁ ମିଳି ନାହିଁ ଯେ, ଯେତେବେଳେ କୌଣସି ବ୍ୟକ୍ତିକୁ ପାଗଳ କୁକୁର କାମୁଡ଼ିବା ପରେ ପାଗଳାମିର ଲକ୍ଷଣ ପ୍ରକାଶ ପାଏ ଓ ପୁନଶ୍ଚ ତା'ପରେ ସେହି ବ୍ୟକ୍ତି ଉକ୍ତ ଅବସ୍ଥାରୁ ଜୀବିତ ବଞ୍ଚିପାରିବ ।" **(ତତିମ୍ମା ହକିକତୁଲ୍ ୱହି, ପୃଷ୍ଠା-46-47)**

ଆଜି ଯେତେବେଳେ ରେବିସ୍ (Rabies) ଇଞ୍ଜେକ୍ସନ ଆବିଷ୍କୃତ ହେବାର ଦେଢ଼ ଶହ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତି ଗଲାଣି ଏବଂ ଏହାର ଆବିଷ୍କାରକ ଲୁଇସ ପାଶ୍ଚର (LOUIS PASTEUR)ଙ୍କର ଏହି ଗବେଷଣା ବର୍ଷକୁ ବର୍ଷ ସଫଳ ପର୍ଯ୍ୟାୟ ଦେଇ ଗତି କରୁଅଛି । ବୁଲା ପାଗଳ କୁକୁର କାମୁଡ଼ିବା ପରେ ଏହି ଟୀକାର ସକାରାତ୍ମକ ପ୍ରଭାବ ପ୍ରକାଶ ପାଉଅଛି ଏବଂ ରୋଗୀର ଜୀବନ ବଞ୍ଚି ଯାଉଛି । କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ଏପରି କୌଣସି ଚିକିତ୍ସା ଆବିଷ୍କୃତ ହୋଇ ନାହିଁ ଯେ, ଯେଉଁ ରୋଗୀ ଠାରେ ପାଗଳାମିର ଲକ୍ଷଣ ପ୍ରକାଶ ପାଇସାରିଛି ତାହା ଉପରେ ପୁଣି ଏହି ଭ୍ୟାକସିନ୍ କାମ କରିପାରିବ । କିନ୍ତୁ ସୈୟଦନା ହଜରତ୍ ଅକଦସ୍ ମସିହେ ମଉଦ୍ ଅ.ସଙ୍କ ମାଧ୍ୟମରେ ଈଶ୍ୱର ଏହି ଚମତ୍କାର ଦେଖାଇଲେ ଯେ, ଯେଉଁ ବ୍ୟକ୍ତିଠାରେ ପାଗଳାମିର ଲକ୍ଷଣ ଏବଂ ଆକ୍ରମଣ ହୋଇ ସାରିଥିଲା, ସମସ୍ତ ଲକ୍ଷଣ ପ୍ରକାଶ ପାଇ ସାରିଥିଲା, ଆଉ ଡାକ୍ତରମାନେ ଲିଖିତ ଭାବରେ ଉତ୍ତର ଦେଇ ଦେଇଥିଲେ ଯେ, "Sorry Nothing Can be done for Abdul Kareem" (ଦୁଃଖିତ, ଅବଦ୍ଧୁଲ୍ କରୀମଙ୍କ ପାଇଁ ବର୍ତ୍ତମାନ ଆଉ କିଛି କରାଯାଇ ପାରିବ ନାହିଁ) ତାହା ସତ୍ତ୍ୱେ ହ. ମସିହ ମଉଦ୍ ଅ.ସ ଙ୍କ ପ୍ରାର୍ଥନା (ଦୁଆ)ର ଦ୍ୱାରା ଅଲ୍ଲାଃତାଲା ଏହି ଚମତ୍କାର ପ୍ରକାଶ କଲେ ଯେ, ସେ (ଅଲ୍ଲାଃତାଲା) ହ. ଅବଦ୍ଧୁଲ୍ କରୀମ ସାହେବଙ୍କୁ ଆରୋଗ୍ୟ ପ୍ରଦାନ କଲେ । ମେଡିକାଲ୍ ସାଇନସ୍ (ଚିକିତ୍ସା ବିଜ୍ଞାନ)ରେ ଏହା ଏପରି ଏକ ଆଶ୍ଚର୍ଯ୍ୟଜନକ ଓ ଦୁର୍ଲଭ ଘଟଣା ଅଟେ ଯାହାର ଉଦାହରଣ ଆଜି ପର୍ଯ୍ୟନ୍ତ ସଂସାରରେ ଦେଖିବାକୁ ମିଳି ନାହିଁ । ନିଃସନ୍ଦେହ ରୂପେ ଏହା ହ. ଅକଦସ୍ ମସିହେ ମଉଦ୍ ଅ.ସଙ୍କ ସତ୍ୟତାର ଏକ ଜୀବନ୍ତ ଓ ଜ୍ୱଳନ୍ତ ନିଦର୍ଶନ ଅଟେ ।

ଅବଦ୍ଧୁଲ୍ କରୀମ ସାହେବଙ୍କ ସହ ଏହି ଘଟଣା 1907 ମସିହାରେ ଘଟିଥିଲା। ଏହା ପରେ 1939 ମସିହାରେ ତାଙ୍କର ଦେହାନ୍ତ ହେଲା । ଅର୍ଥାତ୍ ହ. ଅକଦସ୍ ମସିହେ ମଉଦ୍ ଅ.ସଙ୍କ ପ୍ରାର୍ଥନା ସ୍ୱୀକୃତ ହେବାର ଏହି ଚମତ୍କାର ପରେ ସେ 32 ବର୍ଷ ପର୍ଯ୍ୟନ୍ତ ଜୀବିତ ରହିଥିଲେ ଏବଂ ଏକ ସୁସ୍ଥ ଜୀବନ ଅତିବାହିତ କରିଥିଲେ । ସେ ୟାଦ୍‌ଗୀର (କର୍ଣ୍ଣାଟକ)ର ଅଧିବାସୀ ଥିଲେ । କାଦିୟାନରୁ ଫେରିବା ପରେ ଅଲ୍ଲାଃଙ୍କ କୃପାରୁ ୟାଦ୍‌ଗୀର୍ ଏବଂ ଅନ୍ୟାନ୍ୟ ଅଞ୍ଚଳରେ ସେ ସଂଗଠନ (ଜମାଅତ୍)ର ସେବା ମଧ୍ୟ ସମ୍ପାଦନ କରୁଥିଲେ । ୟାଦ୍‌ଗୀର ଠାରେ ସେ ଶୁକ୍ରବାର ପ୍ରାର୍ଥନାର (ଜୁମା) ଖୁତ୍‌ବା (ଅଭିଭାଷଣ) ଦେଉଥିଲେ ଏବଂ ଉଦ୍‌ବୋଧକ ମଧ୍ୟ ଥିଲା । ତାଙ୍କର ଦୁଇ ନାତି ଶ୍ରୀଯୁକ୍ତ ଜୁବୈର୍ ଅହମଦ ସାହେବ ଏବଂ ଖାଲିଦ୍ ଅହମଦ ସାହେବ ଏବେ ବି ୟାଦ୍‌ଗୀର ଠାରେ ଜୀବିତ ଅଛନ୍ତି ଏବଂ ସକ୍ରିୟ ଜୀବନ ଅତିବାହିତ କରୁଛନ୍ତି । ଅଲ୍‌ହମଦୁଲିଲ୍ଲାହ (ସକଳ ପ୍ରଶଂସା ଈଶ୍ୱରଙ୍କ ନିମନ୍ତେ ଉଦ୍ଦିଷ୍ଟ)।

କାଦିୟାନ୍ ଦାରୁଲ ଅମାନ୍ ଠାରେ ମଧ୍ୟ ଅଲ୍ଲାଃତାଲାଙ୍କ କୃପାରୁ ତାଙ୍କ ବଂଶର କିଛି ବ୍ୟକ୍ତିମାନେ ରହୁଛନ୍ତି । ସୁବହାନାଲ୍ଲାହ (ଈଶ୍ୱର କେଡ଼େ ପବିତ୍ର) ! ମୃତ ସଞ୍ଜୀବନୀର (ଅର୍ଥାତ୍ ମୃତ ବ୍ୟକ୍ତିର ଜୀବିତ ହେବାର) ଏହି ମହାନ୍ ଚମତ୍କାର କେଡ଼େ ଅଦ୍ଭୁତ ଓ ବିଚିତ୍ର ! ମୃତସଞ୍ଜୀବନୀର ଏହିପରି ବିଂଶାଧିକ ନିଦର୍ଶନ ହ. ଅକଦସ ମସିହେ ମଉଦ୍ ଅ.ସଙ୍କ ମାଧ୍ୟମରେ ଅଲ୍ଲାଃତାଲା ପ୍ରକାଶ କରିଛନ୍ତି ।

ତେଣୁ ହଜରତ୍ ଈସା ଅ.ସଙ୍କ ସଂପର୍କରେ ମଧ୍ୟ ଏହିପରି ମୃତ ସଞ୍ଜୀବନୀ ପ୍ରମାଣିତ ଅଟେ । ଏହା ନୁହେଁ ଯେ, ସେ ପ୍ରକୃତ ମୃତକମାନଙ୍କୁ ପୁନର୍ବାର ଜୀବିତ କରି ଦେଉଥିଲେ। ହ. ଅକଦସ ମସିହେ ମଉଦ୍ ଅ.ସ କୁହନ୍ତି: "ବାସ୍ତବରେ... ମୃତସଞ୍ଜୀବନୀ (ଅହ୍ୟାଏ ମୌତା) ଉପରେ ଆମର ଏହି ବିଶ୍ୱାସ ନାହିଁ... ନା ମୃତସଞ୍ଜୀବନୀର ଅର୍ଥ ଏହା ଯେ, ପ୍ରକୃତ ମୃତକଙ୍କୁ ଜୀବିତ କରାଗଲା । ବରଂ ମୃତସଞ୍ଜୀବନୀର ଏହି ଅର୍ଥ ରହିଛି (୧) ଆଧ୍ୟାତ୍ମିକ ଜୀବନ ପ୍ରଦାନ କରାଯାଉ (୨) ପ୍ରାର୍ଥନା ଦ୍ୱାରା ଏପରି ମଣିଷକୁ ଆରୋଗ୍ୟ ପ୍ରଦାନ କରାଯାଉ ଯିଏ ମୃତକଙ୍କ ମଧ୍ୟରେ ଗଣ୍ୟ (ଗଣା) ହୋଇ ସାରିଥିବ । ଅର୍ଥାତ୍ ଯେପରି ସାଧାରଣ କଥାବାର୍ତ୍ତାରେ କୁହାଯାଏ ଯେ 'ଅମକ ତ' ମରିକି ଜିଇଁଲା'। ମୃତସଞ୍ଜୀବନୀର ଅର୍ଥ ବିପଜ୍ଜନକ ଭାବେ ଆକ୍ରାନ୍ତ ମୃତପ୍ରାୟ ରୋଗୀ ସୁସ୍ଥ ହେବା ଅଟେ।" **(ବଦର୍, 7 ଫେବୃଆରୀ 1907 ମସିହା, ପୃଷ୍ଠା-4)**

ବାସ୍ତବରେ ଏହି ନିଦର୍ଶନଗୁଡ଼ିକର ପ୍ରକାଶ ଯେଉଁଠି ସୟେଦିନା ହ. ଅକ୍‌ଦସ୍ ମିର୍ଜା ଗୁଲାମ୍ ଅହମଦ କାଦିୟାନୀ ଅ.ସଙ୍କ ସତ୍ୟତାକୁ ପରିପ୍ରକାଶିତ ଓ ପ୍ରତିପାଦିତ କରେ ସେଠାରେ ତହିଁରୁ ଉକ୍ତ କଥାର ପ୍ରମାଣ ମଧ୍ୟ ମିଳେ ଯେ, ଯେଉଁ ମୁନିବ ଅର୍ଥାତ୍ ହ. ମୁହମ୍ମଦ୍ ସ.ଅଙ୍କ ଦାସତ୍ୱର ଆପଣ ଅ.ସ ଦାବି ଓ ଦମ୍ଭୋକ୍ତି ପ୍ରକାଶ କରନ୍ତି ସେ ମଧ୍ୟ ସତ୍ୟତାର ଆଲୋକ ଏବଂ ସତ୍ୟର ସ୍ତମ୍ଭ ଥିଲେ ।

ଆପଣ ଅ.ସ କୁହନ୍ତି: "ଈଶ୍ୱର ସେହି ପ୍ରିୟ ରସୁଲଙ୍କ ଆଜ୍ଞାପାଳନ ଓ ପ୍ରେମର କଲ୍ୟାଣ (ଆଶୀର୍ବାଦ)ରୁ ଏବଂ ନିଜ ପବିତ୍ର ବାଣୀର ଅନୁସରଣର ପ୍ରଭାବରୁ ଏହି ବିନୀତକୁ ନିଜର ସମ୍ବୋଧନ ଦ୍ୱାରା ବିଶେଷିତ କରିଛନ୍ତି ଏବଂ ଅବଶିଷ୍ଟାଂଶ...ପୃ-11 ରେ

(ଖୁତ୍‌ବା ଜୁମା)



## କୃତଜ୍ଞତା ସଂପର୍କରେ ହ. ମସିହ ମଉଦ୍ ଅ.ସଙ୍କ ଶିକ୍ଷା ଓ ବ୍ୟବହାରିକ ଆଦର୍ଶ ।

**ଖୁତ୍‌ବା ଜୁମା 14 AUG 2026 ମସିହା ଅନୁଯାୟୀ ୧୪ ଜହୁର୍ ୧୪୦୫ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ୍ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି ।

الرَّجِيْمِ. بِسْمِ اللهِ الرَّحْمٰنِ الرَّحِيْمِ. اَلْحَمْدُ لِلّٰهِ رَبِّ الْعَالَمِيْنَ. اَلرَّحْمٰنِ الرَّحِيْمِ. مٰلِكِ يَوْمِ الدِّيْنِ. اِيَّاكَ نَعْبُدُ وَاِيَّاكَ نَسْتَعِيْنُ. اِهْدِنَا الصِّرَاطَ الْمُسْتَقِيْمَ. صِرَاطَ الَّذِيْنَ اَنْعَمْتَ عَلَيْهِمْ. غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ.

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ଆଁହଜରତ୍ ସ.ଅ କୃତଜ୍ଞତାର ପରିପ୍ରକାଶ ସଂପର୍କରେ ଯେଁଉ ଶିକ୍ଷା ପ୍ରଦାନ କରିଥିଲେ ସେଥି ସଂକ୍ରାନ୍ତରେ ଆପଣ ସ.ଅ ଯେଉଁ ଆଦର୍ଶ ସ୍ଥାପନ କରିଥିଲେ ତାହାର ଚର୍ଚ୍ଚା ମୁଁ ପୂର୍ବ ଖୁତ୍‌ବାରେ କରିଥିଲି । ସେହି ଶିକ୍ଷା ଓ ସର୍ବୋଚ୍ଚ ସ୍ତରକୁ ଏହି ଯୁଗରେ ଆପଣ ସ.ଅଙ୍କ ସତ୍ୟବାଦୀ ଦାସ ହ. ମସିହ ମଉଦ୍ ଅ.ସ କିପରି ବୁଝିଥିଲେ ଏବଂ ବିଭିନ ସମୟରେ ବିଭିନ ପ୍ରସଙ୍ଗରେ କିପରି ଉପସ୍ଥାପନ କରିଥିଲେ ? ଆଜି ସେହି ବିଷୟରେ ମୁଁ କିଛି ଚର୍ଚ୍ଚା କରିବି ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ଆପଣ ଅ.ସଙ୍କ ନିଜସ୍ୱ କୃତ୍ୟ କ'ଣ ଥିଲା, ଘରେ ପିଲାମାନଙ୍କୁ ଏହି ବିଷୟରେ ଆପଣ ଅ.ସ କିପରି ଉପଦେଶ ଦେଉଥିଲେ ଏବଂ ଜଣେ ଅହମଦିଙ୍କ ଠାରୁ ଆପଣ ଅ.ସ କ'ଣ ଆଶା ରଖୁଥିଲେ ? ଏହିସବୁ କଥା ଏହି ଯୁଗରେ ଆମମାନଙ୍କ ପାଇଁ ଏକ କାର୍ଯ୍ୟପନ୍ଥା (ଲାହେ ଅମଲ୍) ଅଟେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମସିହ ମଉଦ୍ ଅ.ସ ଅନୁଗ୍ରହ (ନେମତ୍) ଗୁଡ଼ିକ ପାଇଁ ଈଶ୍ୱର (ଅଲ୍ଲାଃତାଲା)ଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବାର ମହତ୍ତ୍ୱ ଓ ଗୁଢ଼ତା ବ୍ୟାଖ୍ୟା କରି କୁହନ୍ତି ଯେ, ''ଯେତେବେଳେ ମନୁଷ୍ୟ କୌଣସି ଉଚ୍ଚ ପଦବୀ ପ୍ରାପ୍ତ କରେ, ସେତେବେଳେ ସେ ଅହଂକାରୀ ହୋଇଯାଏ । ଯଦିଓ ସେହି ସମୟ ମଧ୍ୟରେ ସେ ଅନେକ ଭଲ କାମ କରିପାରି ଥାଆନ୍ତା ଏବଂ ମାନବଜାତିର କଲ୍ୟାଣ ତଥା ହିତ ସାଧନ କରିପାରି ଥାଆନ୍ତା । ଅଲ୍ଲାଃତାଆଲା ପବିତ୍ର କୁରଆନ୍‌ରେ କୁହନ୍ତି: 'لَئِنْ شَكَرْتُمْ لَاَزِيْدَنَّكُمْ وَلَئِنْ كَفَرْتُمْ اِنَّ عَذَابِيْ لَشَدِيْدٌ' **(ସୁରାଃ ଇବ୍ରାହିମ୍: 8)** 'ଅର୍ଥାତ୍ ଯଦି ତୁମେମାନେ ମୋର କୃତଜ୍ଞତା ଜ୍ଞାପନ କରିବ ତେବେ ମୁଁ ମୋର ଅନୁଗ୍ରହ (ପୁରସ୍କାର) ଏବଂ ଉପକାରକୁ ତୁମ ଉପରେ ଆହୁରି ବୃଦ୍ଧି କରିଦେବି । ସେହିପରି ଯଦି ତୁମେମାନେ କୃତଘ୍ନତା (କୁଫର୍) କରିବ, ତେବେ ମୋର ଶାସ୍ତି (ଅଜାବ୍) ମଧ୍ୟ ଅତ୍ୟନ୍ତ କଠୋର ଅଟେ।' ଅର୍ଥାତ୍ ମନୁଷ୍ୟ ଉପରେ ଯେତେବେଳେ ଅଲ୍ଲାଃତାଲାଙ୍କର କୃପା ଏବଂ ଅନୁଗ୍ରହ ହୁଏ ସେତେବେଳେ ସେ ତାହାଙ୍କର କୃତଜ୍ଞତା ଜ୍ଞାପନ କରିବା ଉଚିତ୍ ଓ ମାନବ ସମାଜର ମଙ୍ଗଳ କାମନା ସଂପର୍କରେ ଚିନ୍ତା କରିବା ଉଚିତ୍ । କିନ୍ତୁ ଯଦି କୋଣସି ବ୍ୟକ୍ତି ଏପରି ନ କରି ଓଲଟା ଅତ୍ୟାଚାର ଆରମ୍ଭ କରେ ତେବେ ଅଲ୍ଲାଃତାଲା ତାହାଠାରୁ ସେହି ଅନୁଗ୍ରହ ତଥା ପୁରସ୍କାର ଛଡ଼ାଇ ନିଅନ୍ତି ଏବଂ ତାକୁ ଶାସ୍ତି ଦିଅନ୍ତି ।''

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-10, ପୃଷ୍ଠା-200, ସଂସ୍କରଣ 2022 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅନ୍ୟ ଏକ ସ୍ଥାନରେ ହ. ମସିହ ମଉଦ୍ ଅ.ସ କୁହନ୍ତି ଯେ, ''ସବୁଠାରୁ ପ୍ରଥମେ ଅଲ୍ଲାଃଙ୍କର କୃତଜ୍ଞତା ଜ୍ଞାପନ କରିବା ଉଚିତ୍ । କାରଣ ଯିଏ ଆମମାନଙ୍କୁ ଜୀବନ ଦେଲେ, ସ୍ୱାସ୍ଥ୍ୟ ଦେଲେ, ନିରାପତ୍ତା ଦେଲେ ଏବଂ ଧର୍ମର ପ୍ରଚାର ପ୍ରସାର ପାଇଁ ଆବଶ୍ୟକ ସାମଗ୍ରୀମାନ ଯୋଗାଇଦେଲେ ତାହାଙ୍କ ପ୍ରତି କୃତଜ୍ଞ ହେବା ଓ ତାହାଙ୍କର କୃତଜ୍ଞତା ଜ୍ଞାପନ କରିବା ଆମମାନଙ୍କର ପରମ କର୍ତ୍ତବ୍ୟ ଅଟେ । ପ୍ରକୃତ କଥା ହେଉଛି ଯଦି ଆମେମାନେ ଅଲ୍ଲାଃତାଲାଙ୍କ ଏହିସବୁ ଅନୁଗ୍ରହକୁ ଗଣିବାକୁ ଚାହିଁବା ତେବେ ସେହି ଈଶ୍ୱରଙ୍କ କୃପା ଓ ଦୟାକୁ ଗଣନା କରିବା କଦାପି ସମ୍ଭବ ନୁହେଁ ।''

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-10, ପୃଷ୍ଠା-330-331, ସଂସ୍କରଣ-2022 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଅନ୍ୟ ଏକ ସମୟରେ ଆପଣ ଅ.ସ କୁହନ୍ତି ''ମୁସଲମାନମାନେ ଅଲ୍ଲାଃତାଲାଙ୍କର ଅଶେଷ କୃତଜ୍ଞତା ଜ୍ଞାପନ କରିବା ଉଚିତ୍, ଯିଏ ସେମାନଙ୍କୁ ଏପରି ଏକ ଧର୍ମ ପ୍ରଦାନ କରିଛନ୍ତି ଯାହା ଜ୍ଞାନାତ୍ମକ ଏବଂ ବ୍ୟାବହାରିକ ରୂପେ ନାନା ପ୍ରକାରର ଉପଦ୍ରବ , କୁତ୍ସିତ କଥା ଏବଂ ପ୍ରତ୍ୟେକ ପ୍ରକାରର ମନ୍ଦତାଠାରୁ ପବିତ୍ର ଅଟେ । ଯଦି ମନୁଷ୍ୟ ଗଭୀରତାର ସହିତ ଉକ୍ତ ଧର୍ମକୁ ଗ୍ରହଣ କରେ ଏବଂ ଉକ୍ତ ଧର୍ମ ଉପରେ ଚିନ୍ତା କରେ ତେବେ ସେ ଜାଣିପାରିବ ଯେ ପ୍ରକୃତରେ ସକଳ ପ୍ରଶଂସା ଓ ଗୁଣର ଅଧିକାରୀ କେବଳ ଓ କେବଳ ଅଲ୍ଲାଃତାଲା ହିଁ ଅଟନ୍ତି । ଅନ୍ୟ କୌଣସି ମନୁଷ୍ୟ ବା ସୃଷ୍ଟି ପ୍ରକୃତରେ ପ୍ରଶଂସାର ପାତ୍ର ନୁହେଁ । ଯଦି ମନୁଷ୍ୟ କୌଣସି ସ୍ୱାର୍ଥ ରଖି ନ ଦେଖେ ତେବେ ତାହା ପାଇଁ ପ୍ରତ୍ୟକ୍ଷ ହୋଇଯିବ ଯେ, ଯେଉଁ ବ୍ୟକ୍ତି ପ୍ରଶଂସାର ଯୋଗ୍ୟ ବୋଲି ବିବେଚିତ ହୁଏ ସେ ହୁଏତ ଏହି କାରଣରୁ ଯୋଗ୍ୟ ହୋଇପାରେ ଯେ, ଯେତେବେଳେ କୌଣସି ସତ୍ତା ନଥିଲା ଏବଂ କୌଣସି ଅସ୍ତିତ୍ୱର ଖବର ନଥିଲା ସେତେବେଳେ ସେ ଅର୍ଥାତ୍ ଅଲ୍ଲାଃତାଲା ତାହାକୁ ଅର୍ଥାତ୍ ମନୁଷ୍ୟକୁ ସୃଷ୍ଟି କରିଥିଲେ । ନଚେତ୍ ଏହି କାରଣରୁ ଯେ, ଯେତେବେଳେ କିଛି ନଥିଲା ଏବଂ କିଛି ଜଣା ନଥିଲା ଯେ, ଜୀବନର ସ୍ଥାୟୀତ୍ୱ, ସ୍ୱାସ୍ଥ୍ୟ ରକ୍ଷା ଓ ସୃଷ୍ଟିର ସ୍ଥିତି ପାଇଁ କି କି ଉପାଦାନ ଆବଶ୍ୟକ ସେତେବେଳେ ସେ ଅର୍ଥାତ୍ ଅଲ୍ଲାଃତାଲା ହିଁ ସେହି ସମସ୍ତ ସାମଗ୍ରୀ ଯୋଗାଇଦେଲେ କିମ୍ବା ଏପରି ସମୟରେ ଯେତେବେଳେ ତାହା ଅର୍ଥାତ୍ ମନୁଷ୍ୟ ଉପରେ ଅନେକ ବିପଦ ଆସିପାରି ଥାଆନ୍ତା ସେତେବେଳେ ସେ ଦୟା କରି ତାହାକୁ ସୁରକ୍ଷିତ ଓ ନିରାପଦ ରଖିଲେ । ଏହି କାରଣରୁ ଅଲ୍ଲାଃତାଲା ପ୍ରଶଂସାର ଯୋଗ୍ୟ ଅଟନ୍ତି । ସେ ପରିଶ୍ରମୀ ବ୍ୟକ୍ତିର ପରିଶ୍ରମକୁ ବୃଥା ଯିବାକୁ ଦିଅନ୍ତି ନାହିଁ ଏବଂ ପରିଶ୍ରମୀର ଅଧିକାର ସମ୍ପୂର୍ଣ୍ଣ ଭାବେ ପ୍ରଦାନ କରନ୍ତି । ଯଦିଓ ବାହ୍ୟତଃ ପରିଶ୍ରମ କରୁଥିବା ବ୍ୟକ୍ତିର ପାରିଶ୍ରମିକ ଦେବା ଏକ ବିନିମୟ ଏବଂ ପ୍ରତିଦାନ ଅଟେ । କିନ୍ତୁ ତଥାପି ଯେଉଁ ବ୍ୟକ୍ତି ସମ୍ପୂର୍ଣ୍ଣ ଅଧିକାର ସମ୍ପାଦନ କରେ ତେବେ ସେ ମଧ୍ୟ ଉପକାରକାରୀ (ମୁହ୍‌ସିନ୍) ଅଟେ ।''

ତେଣୁ ଯଦି ଏହି ଜିନିଷଗୁଡ଼ିକ ଉପଲବ୍ଧ ଓ ବିଦ୍ୟମାନ ନଥାଏ ଏବଂ ତଥାପି ସେ ସାହାଯ୍ୟ କରନ୍ତି ତେବେ ହିଁ ତାହାଙ୍କର ପ୍ରଶଂସା କରାଯାଇପାରିବ । ଆପଣ ଅ.ସ କୁହନ୍ତି ''ଏହିସବୁ ଉଚ୍ଚକୋଟୀର ଗୁଣାବଳୀ ହିଁ କୌଣସି ବ୍ୟକ୍ତିକୁ ପ୍ରଶଂସାର ପାତ୍ର ତଥା ଅଧିକାରୀ କରାଇପାରିବ । ବର୍ତ୍ତମାନ ଗଭୀର ଭାବେ ଚିନ୍ତା କରି ଦେଖିନିଅ ଯେ, ପ୍ରକୃତ ରୂପେ ଏହି ସମସ୍ତ ପ୍ରଶଂସାର ପାତ୍ର କେବଳ ଅଲ୍ଲାଃତାଲା ହିଁ ଅଟନ୍ତି ।'' ହୁଜୁର୍ ଅନ୍‌ୱର୍ କହିଲେ, ମୁଁ ଯେଉଁ ତିନି ଚାରୋଟି କଥା ବ୍ୟାଖ୍ୟା କଲି, ଆପଣ ଅ.ସ କହିଲେ ଯେ ''ଏହାର ଯୋଗ୍ୟ ଓ ପାତ୍ର କେବଳ ଓ କେବଳ ଅଲ୍ଲାଃତାଲା ହିଁ ଅଟନ୍ତି । ଯିଏ ସମ୍ପୂର୍ଣ୍ଣ ଭାବେ ଏହି ଗୁଣବାଳୀଗୁଡ଼ିକରେ ଗୁଣାନ୍ବିତ ଏବଂ ଅନ୍ୟ କାହାଠାରେ ଏହି ଗୁଣ ନାହିଁ।''ଅନ୍ୟ କୌଣସି ବ୍ୟକ୍ତି ନାହିଁ ଯାହା ଠାରେ ଏହି ଗୁଣାବଳୀଗୁଡ଼ିକ ବିଦ୍ୟମାନ ରହିଛି। ସେହିପରି ଏପରି କୌଣସି ସତ୍ତା ନାହିଁ ଯାହା ଠାରେ ଏପରି ବୈଶିଷ୍ଟ୍ୟତା ଥିବ । ''

**(ରୁଏଦାଦ୍ ଜଲ୍‌ସା ଦୁଆ, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-15, ପୃଷ୍ଠା-597-598)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଇସଲାମ୍ ଧର୍ମର ପୁନରୁଦ୍ଧାର (ନଶ୍‌ଅତେ ସାନିଆ) ଏବଂ ଜମାଅତ୍ ଅହମଦିୟାର ସ୍ଥାପନା ପାଇଁ ଅଲ୍ଲାଃତାଲାଙ୍କ କୃତଜ୍ଞତା ଜ୍ଞାପନ କରିବା ପ୍ରତି ଧ୍ୟାନ ଆକର୍ଷଣ କରି ହ. ମସିହ ମଉଦ୍ ଅ.ସ କୁହନ୍ତି ''ହେ ବୁଦ୍ଧିଜୀବୀମାନେ! ତୁମେମାନେ ଏଥିରେ ଆଶ୍ଚର୍ଯ୍ୟ ହୁଅ ନାହିଁ ଯେ, ଅଲ୍ଲାଃତାଲା ଏହି ଆବଶ୍ୟକତା ସମୟରେ ଏବଂ ଏହି ଘୋର ଅନ୍ଧକାର ଦିନମାନଙ୍କରେ ଏକ ଆକାଶୀୟ ଆଲୋକ ଅବତୀର୍ଣ୍ଣ କଲେ। ଅଲ୍ଲାଃତାଲା ସାଧାରଣ କଲ୍ୟାଣ ପାଇଁ ଜଣେ ଦାସଙ୍କୁ ବିଶେଷ ଭାବେ ମନୋନୀତ (ବାଛି) କରି ଇସଲାମ୍ ଧର୍ମର ଶ୍ରେଷ୍ଠତା, ପ୍ରତିଷ୍ଠା, ଶ୍ରେଷ୍ଠ ମାନବ ହ. ମୁହମ୍ମଦ୍ ସ.ଅଙ୍କ ଦ୍ୱାରା ଆଗତ ଧର୍ମ ଇସ୍‌ଲାମ୍ ଧର୍ମର ପ୍ରସାର, ମୁସଲମାନମାନଙ୍କ ସାହାଯ୍ୟ ପାଇଁ ଏବଂ ସେମାନଙ୍କର ଆଭ୍ୟନ୍ତରୀଣ ଅବସ୍ଥାକୁ ସୁଧାରିବା ଉଦ୍ଦେଶ୍ୟରେ ଆପଣ ସ.ଅଙ୍କୁ ଏହି ସଂସାରକୁ ପଠାଇଥିଲେ । ଆଶ୍ଚର୍ଯ୍ୟ ତ' ସେତେବେଳେ ହୋଇଥାନ୍ତା ଯଦି ସେହି ଈଶ୍ୱର ଯିଏ ଇସ୍‌ଲାମ ଧର୍ମର ରକ୍ଷକ ଅଟନ୍ତି ଏବଂ ଯିଏ ପ୍ରତିଶ୍ରୁତି ଦେଇଥିଲେ ଯେ 'ମୁଁ ସଦାସର୍ବଦା କୁରଆନ କରୀମ୍‌ର ଶିକ୍ଷାର ସୁରକ୍ଷା କରିବି ଏବଂ ଏହାକୁ ନିସ୍ତେଜ, ଶ୍ରୀହୀନ ତଥା ଆଲୋକହୀନ ହେବାକୁ ଦେବି ନାହିଁ' । ଅତଏବ୍ ଅଲ୍ଲାଃତାଲା ସେହି ଅନ୍ଧକାରକୁ ଦେଖି ଏବଂ ଏହି ଆଭ୍ୟନ୍ତରୀଣ ଓ ବାହ୍ୟ ବିକୃତିଗୁଡ଼ିକୁ ଦୃଷ୍ଟିରେ ରଖି କ'ଣ ନୀରବ ରହିଥାନ୍ତେ ଏବଂ ନିଜର ସେହି ପ୍ରତିଶ୍ରୁତିକୁ ମନେ ରଖି ନଥାନ୍ତେ ଯାହା ସେ ନିଜ ପବିତ୍ର ବାଣୀରେ ଦୃଢ଼ତାର ସହ ପ୍ରକାଶ କରି ସାରିଛନ୍ତି ?''

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲା ଯେଉଁ ପୁରସ୍କାର ବା ଅନୁଗ୍ରହ ପଠାଇଛନ୍ତି ତାହା ଅଲ୍ଲାଃଙ୍କ ପ୍ରତିଶ୍ରୁତି ଅନୁଯାୟୀ ଅଟେ । ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଆଶ୍ଚର୍ଯ୍ୟ ତ' ସେତେବେଳେ ହୋଇଥାନ୍ତା ଯଦି ଅଲ୍ଲାଃତାଲା ସେହି ପ୍ରତିଶ୍ରୁତି ପୂରଣ କରିନଥାନ୍ତେ ଏବଂ ଇସଲାମ୍ ଧର୍ମରେ ଯେଉଁ ଅବନତି (ପତନ) ଚାଲିଥିଲା ତାହା ଚାଲିଥାନ୍ତା ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆପଣ ଅ.ସ ପୁନଶ୍ଚ କୁହନ୍ତି '' ମୁଁ ପୁଣିଥରେ କହୁଛି ଯେ, ଯଦି ଆଶ୍ଚର୍ଯ୍ୟର କୌଣସି ସ୍ଥାନ (କାରଣ) ଥିଲା ତେବେ ତାହା ଏହା ଥିଲା ଯେ, ସେହି ପବିତ୍ର ବାର୍ତ୍ତାବହ (ହ. ମୁହମ୍ମଦ ସ.ଅ)ଙ୍କର ସ୍ପଷ୍ଟ ପ୍ରତିଶ୍ରୁତି ତଥା ଭବିଷ୍ୟବାଣୀ ଭୁଲ୍ ପ୍ରମାଣିତ ହୋଇଯାଇଥାନ୍ତା ଯେଉଁଥିରେ ଏହା କୁହାଯାଇଥିଲା ଯେ, ପ୍ରତ୍ୟେକ ଶତାବ୍ଦୀର ଆରମ୍ଭରେ ଅଲ୍ଲାଃତାଲା ଏପରି ଜଣେ ଭକ୍ତଙ୍କୁ ସୃଷ୍ଟି (ଛିଡ଼ା) କରୁଥିବେ ଯିଏ ତାହାଙ୍କ ଧର୍ମର ପୁନରୁଦ୍ଧାର (ତଜ୍‌ଦୀଦ୍) କରିବ । ତେଣୁ ଏହା ଆଶ୍ଚର୍ଯ୍ୟର ବିଷୟ ନୁହେଁ ବରଂ ହଜାର ହଜାର (ସହସ୍ର ସହସ୍ର ) କୃତଜ୍ଞତା ଜ୍ଞାପନ କରିବାର ବିଷୟ ଅଟେ । ବିଶ୍ୱାସ ଓ ଆସ୍ଥା ବୃଦ୍ଧି କରିବାର ସମୟ ଅଟେ ।'' ଅର୍ଥାତ୍ ଅଲ୍ଲାଃତାଲା ନିଜର ଅଶେଷ ଦୟାବାନ୍ ଓ ସଦା କରୁଣାମୟ ଅଙ୍ଗୀକାରକୁ ପୂରଣ କଲେ । ସେ ନିଜର ବାର୍ତ୍ତାବହଙ୍କ ଭବିଷ୍ୟବାଣୀରେ ତିଳେମାତ୍ର ତାରତମ୍ୟ ହେବାକୁ ଦେଲେ ନାହିଁ । ଅଲ୍ଲାଃତାଲା କେବଳ ଭବିଷ୍ୟବାଣୀ ପୂର୍ଣ୍ଣ କଲେ ନାହିଁ ବରଂ ଭବିଷ୍ୟତରେ ସହସ୍ର ଭବିଷ୍ୟବାଣୀ ଏବଂ ଚମତ୍କାରର ଦ୍ୱାରା ଉନ୍ମୁକ୍ତ କରିଦେଲେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ଆମେମାନେ ଏହା ମଧ୍ୟ ଦେଖୁ ଯେ, ହ. ମସିହ୍ ମଉଦ୍ ଅ.ସଙ୍କ ଆଗମନ (ଆସିବା) ଯୋଗୁଁ ଅଲ୍ଲାଃତାଲା ଆହୁରି ଅନେକ ଭବିଷ୍ୟବାଣୀ ସଂପୂର୍ଣ୍ଣ କଲେ । ଦ୍ୱାର ଖୋଲିଦେଲେ ।'' ହଜରତ୍ ମସିହ୍ ମଉଦ୍ ଅ.ସଙ୍କ ଆଗମନ ଦ୍ୱାରା ଆହୁରି ଅନେକ ଭବିଷ୍ୟବାଣୀ ଅଲ୍ଲାଃତାଲା ପୂରଣ କଲେ । ଆପଣ ଅ.ସ କୁହନ୍ତି ''ଯଦି ତୁମେମାନେ ବିଶ୍ୱାସୀ, ତେବେ କୃତଜ୍ଞତା ଜ୍ଞାପନ କର ଏବଂ କୃତଜ୍ଞତାର ସଜ୍‌ଦା କର । କାରଣ ଯେଉଁ ସମୟକୁ ଅପେକ୍ଷା କରି କରି ତୁମର ପୂର୍ବପୁରୁଷମାନେ ଏହି ସଂସାରରୁ ଚାଲିଗଲେ ଏବଂ ଅସଂଖ୍ୟ ଆତ୍ମାମାନେ ତାହାର (ସେହି ସମୟ ଅର୍ଥାତ୍ ପ୍ରତିଶ୍ରୁତ ମସିହ୍ ଅ.ସଙ୍କ ସମୟ) ଆକାଂକ୍ଷାରେ ହିଁ ଚାଲିଗଲେ । ସେହି ସମୟକୁ ତୁମେମାନେ ପାଇନେଲ ।''

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଯେଉଁ ମସିହ୍ ମଉଦଙ୍କ ଆଗମନର ଅପେକ୍ଷାରେ ପୁରୁଣା ମୁସଲମାନମାନେ କରୁଥିଲେ, ଜ୍ଞାନୀ ପଣ୍ଡିତମାନେ କରୁଥିଲେ, ମୁରବୀମାନେ କରୁଥିଲେ ସେମାନେ କିନ୍ତୁ ସେହି ପ୍ରତିଶୃତ ମସିହଙ୍କୁ ପାଇଲେ ନାହିଁ । ଆପଣ ଅ.ସ କହିଲେ, "ତୁମେମାନେ ଭାଗ୍ୟବାନ୍ ଯେ, ତୁମେମାନେ ସେହି ସମୟ ପାଇଗଲ । ଏବେ ତୁମେମାନେ ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନ କର ।'' ବର୍ତ୍ତମାନ ଏହାର ଅର୍ଥାତ୍ ସେହି ପ୍ରତିଶୃତ ମସିହର ଆଦର କରିବା ବା ନ କରିବା ଏବଂ ଏଥିରୁ (ପ୍ରତିଶୃତ ମସିହରୁ) ଲାଭ ଉଠାଇବା ବା ନ ଉଠାଇବା ତୁମମାନଙ୍କ ହାତରେ ଅଛି । ମୁଁ ଏହାକୁ ବାରମ୍ବାର ବ୍ୟାଖ୍ୟା କରିବି ଏବଂ ଏହା ପ୍ରକାଶ କରିବାରୁ ମୁଁ ନିଜକୁ ଅଟକାଇ ପାରିବି ନାହିଁ । କାରଣ ମୁଁ ସେହି ବ୍ୟକ୍ତି ଅଟେ ଯିଏ ସଠିକ୍ ସମୟରେ ମାନବ ସମାଜର ସଂସ୍କାର ନିମନ୍ତେ ପ୍ରେରିତ ହୋଇଛି ।'' ଅଲ୍ଲାଃତାଲାଙ୍କ ପ୍ରତିଶ୍ରୁତି ମୋ ରୂପରେ ପରିପୂର୍ଣ୍ଣ ହୋଇଛି । ଫଳତଃ ଧର୍ମକୁ ପୁନର୍ବାର ହୃଦୟରେ ସ୍ଥାପିତ ଓ ଆସନ୍ନିତ କରାଯାଇପାରିବ ।''

**(ଫତହ୍ ଇସ୍‌ଲାମ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-3, ପୃ-6-8)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏପରି ହୁଅନ୍ତା କି ! ଆପଣ ଅ.ସଙ୍କ ବିରୋଧୀ ଏବଂ ଆପଣ ଅ.ସଙ୍କୁ ଗ୍ରହଣ କରୁ ନଥିବା ମୁସଲମାନମାନେ ଏହି କଥାକୁ ବୁଝି ନିଅନ୍ତେ ଓ ସେମାନେ ଅଲ୍ଲାଃତାଲାଙ୍କ କୃତଜ୍ଞ ହୋଇ ତାହାଙ୍କ ଦ୍ୱାରା ପ୍ରେରିତ ଯୁଗ ପୁରୁଷଙ୍କୁ ଗ୍ରହଣ କରି ନିଅନ୍ତେ । ସେହି ମୁସଲମାନମାନେ ନିଜକୁ ଏକତାର ସୂତ୍ରରେ ବାନ୍ଧି ନିଅନ୍ତେ। ଫଳତଃ ଆଜିକାଲି ମୁସଲମାନମାନେ ଯେଉଁ ସଙ୍କଟ ଦେଇ ଗତି କରୁଛନ୍ତି ସେଥିରୁ ସେମାନେ ରକ୍ଷା ପାଇ ପାରନ୍ତେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସତ୍ୟର ଜଣେ ସାଧକ ତଥା ସତ୍ୟାନ୍ୱେଷୀଙ୍କୁ ସମ୍ବୋଧିତ କରି ହ. ଅ.ସ କହିଲେ, ''ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନ କର ଯେ, ସେ ପ୍ରକୃତ ସମୟରେ ସାହାଯ୍ୟ କଲେ ଏବଂ ଏହି ସଂପ୍ରଦାୟ (ଅର୍ଥାତ୍ ଜମାଅତ୍ ଅହମଦିୟା) ସ୍ଥାପନ କଲେ । ତେଣୁ ତୁମ ପାଇଁ ଉଚିତ୍ ଯେ, ତୁମକୁ ଦିଆଯାଇଥିବା ଏହି ଅନୁଗ୍ରହକୁ ନଷ୍ଟ କର ନାହିଁ । ତୁମେମାନେ ଶ୍ରଦ୍ଧାପୂର୍ଣ୍ଣ ଦୃଷ୍ଟିରେ ସେହି ପରୁସ୍କାରକୁ ତଥା ଅନୁଗ୍ରହକୁ ଦେଖ ଏବଂ ତୁମକୁ ମିଳିଥିବା ଏହି ସାହାଯ୍ୟ ଓ ସହଯୋଗର ଆଦର କର (ସମ୍ମାନ ଜଣାଅ) । ନିଶ୍ଚିତ ଭାବେ ମନେରଖ ଯେ, ଈଶ୍ୱରଙ୍କ ସାହାଯ୍ୟ ବିନା ଏବଂ ତାହାଙ୍କ ଦ୍ୱାରା ଆହୂତ ନ ହୋଇ କୌଣସି ବ୍ୟକ୍ତି ସତ୍ୟତା ଓ ସମ୍ପୂର୍ଣ୍ଣ ଶକ୍ତିର ସହ କୌଣସି ବିଷୟକୁ (ପ୍ରସଙ୍ଗ ବା କଥାକୁ) ବ୍ୟାଖ୍ୟା କରିପାରିବ ନାହିଁ । ତାହାଙ୍କ ବିନା ପ୍ରମାଣ ମିଳେ ନାହିଁ।'' ଅଲ୍ଲାଃତାଲାଙ୍କ ସାହାଯ୍ୟ ଥିଲେ ହିଁ ପ୍ରମାଣ ମିଳିଥାଏ ।'' ବ୍ୟାଖ୍ୟାର ଶୈଳୀ ପ୍ରଦାନ କରାଯାଏ ନାହିଁ ଏବଂ ଏହି ବ୍ୟାଖ୍ୟାତ୍ମକ ଶୈଳୀ ଦ୍ୱାରା ସତ୍ୟତା ଗ୍ରହଣର ସାମର୍ଥ୍ୟବାନ୍ ବ୍ୟକ୍ତିମାନେ ହିଁ ସେହି ପୁରୁଷଙ୍କୁ ଚିହ୍ନି ନିଅନ୍ତି ଯେ କି ଈଶ୍ୱରଙ୍କ ଶକ୍ତି ଓ ସାମର୍ଥ୍ୟ ପାଇ ପବିତ୍ରାତ୍ମା (ରୁହୁଲ୍ କୁଦ୍ଦୁସ୍)ରେ ପରିପୂର୍ଣ୍ଣ ହୋଇ କୁହନ୍ତି ।'' ଅଲ୍ଲାଃତାଲାଙ୍କର ଏହା ଅପାର କୃପା ଯେ, ତାହାଙ୍କ ପ୍ରେରିତ ପୁରୁଷଙ୍କୁ ସାମର୍ଥ୍ୟବାନ ଲୋକମାନେ ହିଁ ଚିହ୍ନି ନିଅନ୍ତି । ''ତେଣୁ ଏହା ତୁମମାନଙ୍କ ଉପରେ ଅଲ୍ଲାଃତାଲାଙ୍କର ଏକ ମହାନ ଅନୁଗ୍ରହ (ପରୁସ୍କାର) ଯେ, ସେ ତୁମମାନଙ୍କୁ ଏହି ଶକ୍ତି ପ୍ରଦାନ କରିଛନ୍ତି ଏବଂ ଚିହ୍ନିବା ନିମନ୍ତେ ଆଖି ଦେଇଛନ୍ତି ।''

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସତ୍ୟାନ୍ୱେଷୀମାନଙ୍କୁ ଆପଣ ଅ.ସ କହିଲେ ଯେ, "ତୁମକୁ ସତ୍ୟର ସନ୍ଧାନର ଆବଶ୍ୟକତା ରହିଛି ତେଣୁ ତୁମେମାନେ ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନ କର ଯେ, ସେ ତୁମକୁ ଏହି ବୁଦ୍ଧି ବିବେକ ପ୍ରଦାନ କଲେ । ଅର୍ଥାତ୍ ପ୍ରତିଶୃତ ମସିହ୍ ଅ.ସଙ୍କୁ ଦେଖିବା ଏବଂ ଚିହ୍ନିବା ନିମନ୍ତେ ବୁଦ୍ଧି ଓ ବିବେକ ପ୍ରଦାନ କଲେ । ଅନେକ ଲୋକ ଅଛନ୍ତି ଯେଉଁମାନେ ନିଜକୁ ବଡ଼ ବିଦ୍ୱାନ୍ ବୋଲି ମନେକରନ୍ତି। କିନ୍ତୁ ସେମାନଙ୍କ ନିକଟରେ ବୁଦ୍ଧି ନାହିଁ । ଯଦ୍ୱାରାକି ସେମାନେ ବିରୋଧରେ ଆଗେଇ ଚାଲିଛନ୍ତି । କିନ୍ତୁ ତୁମେମାନେ କୃତଜ୍ଞ ହୁଅ ଯେ, ଅଲ୍ଲାଃତାଲା ତୁମକୁ ବୁଦ୍ଧି ଓ ବିବେକ ପ୍ରଦାନ କଲେ । ଅଲ୍ଲାଃତାଲାଙ୍କର ଅନେକ ଅଶେଷ କୃପା ରହିଛି ଓ ବହୁତ୍ ବଡ଼ ଉପକାର ତୁମମାନଙ୍କ ଉପରେ ରହିଛି ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆପଣ ଅ.ସ କହିଲେ: ''ଯଦି ସେ ଅର୍ଥାତ୍ ଅଲ୍ଲାଃତାଲା ଏହି କୃପା କରିନଥାନ୍ତେ ତେବେ ଯେପରି ଅନ୍ୟ ଲୋକମାନେ ଅଜ୍ଞାନତାର ପରଦା ଭିତରେ ରହିଛନ୍ତି ଏବଂ ଗାଳିଗୁଲଜ କରୁଛନ୍ତି ତୁମେମାନେ ମଧ୍ୟ ସେମାନଙ୍କ ଗହଣରେ ଥାଆନ୍ତ ।'' ତେଣୁ ଯେଉଁମାନେ ଗ୍ରହଣ କଲେ, ସେମାନେ ଭାଗ୍ୟବାନ୍ । ''ଯେଉଁ ଜିନିଷ ତୁମକୁ ଆକର୍ଷିତ କରିଛି ତାହା କେବଳ ଅଲ୍ଲାଃତାଲାଙ୍କର ହିଁ କୃପା ଅଟେ।'' ଆପଣ ଅ.ସ ପୁନଶ୍ଚ ଏକ ଉଦାହରଣ ଦେଇଛନ୍ତି ଯେ, ''ଯେପରି ମିଆଁ ମୁନସୀ ଅବ୍‌ଦୁଲ୍ ହକ୍‌ଙ୍କୁ ଦେଖ ଯେ, ଈଶ୍ୱରଙ୍କ କୃପା ତାଙ୍କର ସାହାଯ୍ୟ ଯଦି କରିନଥାନ୍ତା ତେବେ ସେ ଏହି ଭୋଗବିଳାସର ସ୍ଥାନରୁ କିପରି ବାହାରି ପାରିଥାନ୍ତେ ?'' ଏଠାରେ ଆପଣ ଅ.ସ ଯେଉଁ ମିଆଁ ଅବ୍‌ଦୁଲ୍ ହକ୍‌ଙ୍କ ଉଦାହରଣ ଦେଉଛନ୍ତି, ତହିଁରୁ ଯଥାର୍ଥ ମୁନ୍‌ଶୀ ଅବ୍‌ଦୁଲ୍ ହକ୍ ସାହେବ ଅଟନ୍ତି। ସେ କସୂର୍ ସହରର ବାସିନ୍ଦା ଥିଲେ ଏବଂ ଛାତ୍ର ଥିଲେ । ସେହି ସମୟରେ ବି.ଏ. ପଢୁଥିଲେ । ମୁସଲମାନ ହୋଇଥିବା ସତ୍ତ୍ୱେ ଆପଣ ଅ.ସ ଏହି ବକ୍ତବ୍ୟ ଦେବାର ତିନି ବର୍ଷ ପୂର୍ବରୁ ସେ ଖ୍ରୀଷ୍ଟିଆନ୍ ହୋଇ ଯାଇଥିଲେ ଏବଂ 'ଅଲ୍-ହକମ୍' ପତ୍ରିକା ଓ ହଜରତ୍ ମସିହ୍ ମଉଦ୍ ଅ.ସଙ୍କର କିଛି ରଚନା ପଢ଼ି ସେ ହଜରତ୍ ଅ.ସଙ୍କ ସେବାରେ ଏକ ଚିଠି ଲେଖିଥିଲେ ଯେ, ସେ ଇସ୍‌ଲାମ୍‌ର ସତ୍ୟତାକୁ ବ୍ୟାବହାରିକ ରୂପେ ଦେଖିବାକୁ ଚାହାନ୍ତି। ଅବଦ୍ଦୁଲ୍ ହକ୍ ସାହେବ କୁହନ୍ତି ଯେ, "ମୋତେ ଇସ୍‌ଲାମ୍ ଧର୍ମରେ କିଛି ଦେଖାଗଲା ନାହିଁ। ତେଣୁ ମୁଁ ବ୍ୟାବହାରିକ ରୂପେ ନିଦର୍ଶନ ଦେଖିବାକୁ ଚାହୁଁଛି।'' ସେ ହଜରତ୍ ମସିହ୍ ମଉଦ୍ ଅ.ସଙ୍କୁ ପତ୍ର ଲେଖିଥିଲେ । ପ୍ରତ୍ୟୁତ୍ତରରେ ହଜରତ୍ ମସିହ୍ ମଉଦ୍ ଅ.ସ ତାଙ୍କୁ ପତ୍ର ଲେଖି ପଠାଇଲେ ଯେ, ମହୋଦୟ ଆପଣ ଅନ୍ତତଃ ଦୁଇ ମାସ ପାଇଁ କାଦିୟାନ୍ ଆସି ରୁହନ୍ତୁ । ତଦନୁସାରେ ସେ ଦାରୁଲ୍ ଆମାନ୍ (କାଦିୟାନ୍) ଅଭିମୁଖେ ବାହାରିଲେ ଏବଂ 1901 ମସିହାରେ ସେଠାରେ ପହଞ୍ଚିଲେ । ସେ ଆପଣ ଅ.ସଙ୍କ ପାଖରେ ରହିଲେ ବିଶେଷ କରି ଏପରି ପରିସ୍ଥିତିରେ ଯେତେବେଳେ ତାଙ୍କ ପାଖରେ ଅନେକ ଉପଦେଷ୍ଟା ମଧ୍ୟ ଏକତ୍ରିତ ହୋଇଥିଲେ । ଏପରି ପରିସ୍ଥିତିରେ ସେ ପହଞ୍ଚିଲେ ଯେ ଯେତେବେଳେ ସେ ସେଠାକୁ ଆସିବାକୁ ସ୍ଥିର କଲେ, ଅନେକ ଲୋକ ତାଙ୍କୁ କାଦିୟାନ୍ ନ ଯିବାକୁ ଉପଦେଶ ଦେଲେ, ବାରଣ କଲେ, ଏପରିକି ଜଣେ ବ୍ୟକ୍ତି ଗାଳି ମଧ୍ୟ ଦେଲା। ଯଦ୍ୟପି ଗାଳି ଦେବା ସେମାନଙ୍କ ଧର୍ମରେ ନିଷେଧ ଏବଂ ସାଧାରଣତଃ ସଭ୍ୟତା ଓ ଶାଳୀନତାର ବିପରୀତ ତଥା ପରିପନ୍ଥୀ ଅଟେ । କିନ୍ତୁ ଏହିସବୁ କଥା ଉପରେ (ସତ୍ତ୍ୱେ) ଈଶ୍ୱରଙ୍କ କୃପା ବିଜୟୀ ହେଲା ଏବଂ ଈଶ୍ୱରଙ୍କ କୃପା ତାଙ୍କୁ ଟାଣି ଆଣିଲା। ତାଙ୍କୁ ଅସତ୍‌ମାର୍ଗର ସାଧନ ଉପଲବ୍ଧ ହେଲା ନାହିଁ । ନା ହିଁ ସେହି ସମୟରେ ତାଙ୍କର ବିବାହ ହୋଇଥିଲା । ଆପଣ ଅ.ସ କହିଲେ ଯେ, ବେଳେବେଳେ ବିବାହ ହେତୁ ମଧ୍ୟ ବଡ଼ ସମସ୍ୟା ସୃଷ୍ଟି ହୁଏ। ''ଯଦି ସେ ବିବାହ କରି ନେଇଥାଆନ୍ତେ, ତେବେ ପରୀକ୍ଷା (ଇବ୍‌ତିଲା)ର ସମ୍ମୁଖୀନ ହୋଇଥାଆନ୍ତେ । କିନ୍ତୁ ଈଶ୍ୱର ସବୁମତେ (ପ୍ରତ୍ୟେକ ଦୃଷ୍ଟିରୁ) ତାଙ୍କୁ ରକ୍ଷା କଲେ । ଈଶ୍ୱରଙ୍କ କୃପା ଅକସ୍ମାତ୍ (ମୁସ୍‌ତହ୍‌ଦସ୍) ନୁହେଁ'' ଅର୍ଥାତ୍ ନୂତନ ଭାବେ ସୃଷ୍ଟ ହୁଏ ନୁହେଁ । ଏହା ଅଲ୍ଲାଃତାଲାଙ୍କର କୃପା ଯେ, ସେ ଯାହା ଉପରେ ଦୟା କରନ୍ତି ତାହାକୁ ପ୍ରତ୍ୟେକ ପାର୍ଶ୍ୱରୁ ରକ୍ଷା କରିଥାଆନ୍ତି । ଏହା କୌଣସି ନୂଆ କଥା ନୁହେଁ। ଅଲ୍ଲାଃତାଲା ଯାହା ଉପରେ ନିଜ କୃପା କରନ୍ତି ତାହାକୁ ସବୁମତେ (ପ୍ରତ୍ୟେକ ଦୃଷ୍ଟିରୁ ଓ ପାର୍ଶ୍ୱରୁ)''ରକ୍ଷା କରିନିଅନ୍ତି । ଏହା ଭାବ ନାହିଁ ଯେ ଆମେ ମୁସଲମାନ ଅଟୁ । ଇସ୍‌ଲାମ୍ ଧର୍ମ ଏକ ଏକ ମହାନ ପୁରସ୍କାର ଏବଂ ଅବଦାନ ଅଟେ । ଏହାର ଆଦର କର, ସମ୍ମାନ କର ଏବଂ କୃତଜ୍ଞତା ପ୍ରକାଶ କର । ଏହି ଧର୍ମ ମଧ୍ୟରେ ଏପରି ଦାର୍ଶନିକତା (ଫିଲୋସୋଫି) ରହିଛି ଯାହା କେବଳ ମୁଖରେ କହିଦେଲେ ହାସଲ ହୁଏ ନାହିଁ ।''

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-2, ପୃଷ୍ଠା-435-436 ଓ 515-516, ସଂସ୍କରଣ ବର୍ଷ 2022 ମସିହାରୁ ଉଦ୍ଧୃତ) (ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-2, ପୃଷ୍ଠା-515-516 ସଂସ୍କରଣ ବର୍ଷ 2022 ମସିହାରୁ ଉଦ୍ଧୃତ) (ଉର୍ଦ୍ଦୁ ଅଭିଧାନ, ଗ୍ରନ୍ଥଖଣ୍ଡ-17, ପୃ-986)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, କେବଳ ନିଜକୁ ମୁସଲମାନ କହିଦେଲେ କାମ ସରିଯାଏ ନାହିଁ ଓ ସମସ୍ୟାର ସମାଧାନ ହୋଇଯାଏ ନାହିଁ । ବରଂ ଯେଉଁ ପ୍ରସଙ୍ଗଗୁଡ଼ିକ ରହିଛି, ଯେଉଁ କାର୍ଯ୍ୟ ଓ ଶିକ୍ଷା ସବୁ ରହିଛି, ତାହା ଉପରେ ଚାଲିବାକୁ ମଧ୍ୟ ପଡ଼ିବ । ଅର୍ଥାତ୍ କାର୍ଯ୍ୟାକାରୀ କରିବାକୁ ହେବ । ଅହମଦିୟା ସଂପ୍ରଦାୟ ପାଇଁ ଆନ୍ତରୀକତା ଓ ପ୍ରେମ ରଖୁଥିବା ବ୍ୟକ୍ତିମାନଙ୍କର କୃତଜ୍ଞତା ଜ୍ଞାପନ କରି ହ. ମସିହ ମଉଦ୍ ଅ.ସ କୁହନ୍ତି ''ଏଠାରେ ମୁଁ ଏହି କଥା ପ୍ରକାଶ ନ କରି ଏବଂ ଏହି କୃତଜ୍ଞତା ଜ୍ଞାପନ ନ କରି ରହି ପାରୁନାହିଁ ଯେ, ଅଲ୍ଲାଃତାଲାଙ୍କ କୃପା ଓ ଅନୁଗ୍ରହ ମୋତେ ଏକାକୀ ଛାଡ଼ି ନାହିଁ । ମୋ ସହିତ ଭ୍ରାତୃତ୍ୱର ସମ୍ପର୍କ ସ୍ଥାପନ କରୁଥିବା ଏବଂ ଏହି ସଂପ୍ରଦାୟରେ ସାମିଲ ହେଉଥିବା ବ୍ୟକ୍ତିମାନେ ତଥା ଯାହାକୁ ଅର୍ଥାତ୍ ଏହି ସଂପ୍ରଦାୟକୁ ଅଲ୍ଲାଃତାଲା ନିଜ ହାତରେ ସ୍ଥାପନ କରିଛନ୍ତି । ସେହି ସଂପ୍ରଦାୟର ଲୋକମାନେ ପ୍ରେମ ଓ ଆନ୍ତରୀକତାରେ ଏକ ନିଆରା ରଙ୍ଗରେ ରଙ୍ଗୀନ୍ ଅଟନ୍ତି । ଏହା ମୋର ପରିଶ୍ରମ ଦ୍ୱାରା ନୁହେଁ । ବରଂ ଅଲ୍ଲାଃତାଲା ନିଜର ବିଶେଷ କୃପା ଯୋଗୁଁ ଏହି ନିଷ୍ଠାପର ଆତ୍ମାଗୁଡ଼ିକୁ (ଅହମଦି ଲୋକମାନେ) ମୋତେ ପ୍ରଦାନ କରିଛନ୍ତି ।''

ଆପଣ ଅ.ସ ନିଷ୍ଠାପର ଅନୁଗାମୀମାନଙ୍କର ପ୍ରଶଂସା କରି କୁହନ୍ତି ଯେ, ଏହି ସତ୍ୟତାରେ ପରିପୂର୍ଣ୍ଣ ଆତ୍ମାଗୁଡ଼ିକୁ ମୋତେ ପ୍ରଦାନ କରାଯାଇଛି । ''ସର୍ବପ୍ରଥମେ ମୁଁ ନିଜର ଜଣେ ଆଧ୍ୟାତ୍ମିକ ଭ୍ରାତା (ଭାଇ)ଙ୍କ ବିଷୟରେ ଉଲ୍ଲେଖ କରିବାକୁ ହୃଦୟରେ ଆବେଗ ଅନୁଭବ କରୁଛି । ଯାହାଙ୍କ ନାମ ତାଙ୍କ ଆନ୍ତରୀକତାର ଆଲୋକ ପରି 'ନୁରୁଦ୍ଦୀନ୍' (ଧର୍ମର ଆଲୋକ) ଅଟେ । ମୁଁ ତାଙ୍କର କେତେକ ଧାର୍ମିକ ସେବାକୁ ଯାହା ସେ ନିଜ ହଲାଲ୍ (ବୈଧ) ଉପାର୍ଜନରୁ ଇସ୍‌ଲାମ୍ ଧର୍ମର ମହତ୍ତ୍ୱ ପ୍ରଚାର ପାଇଁ କରୁଛନ୍ତି ସଦାସର୍ବଦା ଆକାଂକ୍ଷାର ଦୃଷ୍ଟିରେ ଦେଖେ ଯେ, ଏପରି ହୁଅନ୍ତା କି ! ସେହି ସେବାଗୁଡ଼ିକ ମୋ ଦ୍ୱାରା ମଧ୍ୟ ସମ୍ପାଦନ ହୋଇପାରି ଥାଆନ୍ତା !'' ବର୍ତ୍ତମାନ ଆପଣ ଅ.ସ ଇସ୍‌ଲାମ୍ ଧର୍ମ ପାଇଁ ଏତେ ସବୁ କାମ କରୁଛନ୍ତି । ତଥାପି ଆପଣ ଅ.ସ କୁହନ୍ତି ଯେ, ହଜରତ୍ ମୌଲାନା ନୁରୁଦ୍ଦୀନ୍ ସାହେବଙ୍କ ତ୍ୟାଗକୁ ଦେଖି ମୋ ମନରେ ଏହି ଆକାଂକ୍ଷା ସୃଷ୍ଟି ହୁଏ ଯେ, ଏପରି ହୁଅନ୍ତା କି ! ମୁଁ ମଧ୍ୟ ଏତେ ଆର୍ଥିକ ସେବା କରିପାରନ୍ତି ! ''ତାଙ୍କ ହୃଦୟରେ ଧର୍ମର ସାହାଯ୍ୟ ପାଇଁ ଯେଉଁ ଉତ୍ସାହ ଓ ଆବେଗ ଭରି ରହିଛି ତାହାର କଳ୍ପନାରୁ ଈଶ୍ୱରୀୟ ଶକ୍ତିର ଚିତ୍ର ମୋ ଆଖି ଆଗରେ ଆସିଯାଏ ଯେ, ସେ କିପରି ନିଜ ଦାସମାନଙ୍କୁ ନିଜ ଆଡ଼କୁ ଟାଣିନିଅନ୍ତି ? ସେ ଅର୍ଥାତ୍ ହ. ମୌଲାନା ହକିମ୍ ନୁରୁଦ୍ଦୀନ୍ ସାହେବ ର.ଅ ନିଜର ସମସ୍ତ ସମ୍ପତ୍ତି, ସମସ୍ତ ଶକ୍ତି ଏବଂ ସମସ୍ତ ସାମର୍ଥ୍ୟ ସହିତ ଯାହା ତାଙ୍କୁ ଉପଲବ୍ଧ ରହିଛି ସେ ପ୍ରତ୍ୟେକ ମୁହୂର୍ତ୍ତରେ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହଙ୍କ ଆଜ୍ଞାପାଳନ ପାଇଁ ପ୍ରସ୍ତୁତ ହୋଇ ଛିଡ଼ା ହୋଇଛନ୍ତି ।'' ଅର୍ଥାତ୍ ଖଲିଫା ଅୱଲ୍ (ଜମାଅତ୍ ଅହମଦିୟାର ପ୍ରଥମ ଖଲିଫା)ଙ୍କ ବିଷୟରେ କୁହନ୍ତି ''ଏବଂ ମୁଁ ଅନୁଭବରୁ (କେବଳ ସୁଚିନ୍ତାରୁ ନୁହେଁ) ଏହି ସତ୍ୟ ଜାଣିଛି ଯେ, ମୋ ମାର୍ଗରେ ସମ୍ପତ୍ତି ତ' ଦୂରର କଥା, ନିଜ ଜୀବନ ଓ ସମ୍ମାନ ଦେବାକୁ ମଧ୍ୟ ସେ କୁଣ୍ଠାବୋଧ ମନେକରିବେ ନାହିଁ । ଯଦି ମୁଁ ତାଙ୍କୁ ଅନୁମତି ପ୍ରଦାନ କରନ୍ତି ତେବେ ସେ ସବୁକିଛି ଏହି ମାର୍ଗରେ ଉତ୍ସର୍ଗ କରି ନିଜ ଆଧ୍ୟାତ୍ମିକ ସାହଚର୍ଯ୍ୟତ୍ୱ ପରି ଶାରୀରିକ ସାହଚର୍ଯ୍ୟତ୍ୱ ଏବଂ ସଦାସର୍ବଦା ସାନ୍ନିଧ୍ୟରେ ରହିବାର କର୍ତ୍ତବ୍ୟ ନିର୍ବାହ କରିଥାଆନ୍ତେ । ସେ ସଦାସର୍ବଦା ମୋ ସହିତ ରହିଥାଆନ୍ତେ।**(ଫତହ୍**

**ଇସଲାମ, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-3, ପୃଷ୍ଠା-35)**

ହୁଜୁର୍ ଅନୱର୍ ଅ.ବ କହିଲେ, ଉକ୍ତ କଥାଟି 1890 ମସିହାର ଶେଷ ଭାଗର କଥା ଯେତେବେଳେ ଆପଣ ଅ.ସ ନିଜ ପୁସ୍ତକ 'ଫତହ୍ ଇସଲାମ୍'ରେ ଏହା ଲେଖିଥିଲେ। ପରବର୍ତ୍ତୀ ସମୟରେ ହ. ମୌଲାନା ହକୀମ୍ ନୁରୁଦ୍ଦୀନ୍ ସାହେବ ର.ଅ ସବୁକିଛି ଛାଡ଼ି ଆପଣ ଅ.ସଙ୍କ ସେବାରେ ଉପସ୍ଥିତ ହେଲେ ଏବଂଶେଷ ପର୍ଯ୍ୟନ୍ତ ଆପଣ ଅ.ସଙ୍କ ସହିତ ହିଁ ରହିଲେ । ଅଲ୍ଲାଃତାଲାଙ୍କ 'ରହ୍‌ମାନିୟତ୍' (ସର୍ବବ୍ୟାପୀ ଦୟା ବା ଅଶେଷ ଦୟା) ଗୁଣ ଅଧୀନରେ ଶାରୀରିକ ଓ ଆଧ୍ୟାତ୍ମିକ ଅନୁଗ୍ରହ ତଥା ଉପକାରଗୁଡ଼ିକର ଚର୍ଚ୍ଚା କରି ହ. ମସିହ ମଉଦ୍ ଅ.ସ କୁହନ୍ତି "ଲକ୍ଷ ଲକ୍ଷ (ସକଳ) ପ୍ରଶଂସା ସେହି ସର୍ବଶକ୍ତିମାନ ଈଶ୍ୱରଙ୍କ ନିମନ୍ତେ ଉଦ୍ଦିଷ୍ଟ, ଯିଏ ସମସ୍ତ ଆତ୍ମା ଓ ଶରୀରକୁ କୌଣସି ପୂର୍ବ ପଦାର୍ଥ ବା ପ୍ରାରମ୍ଭିକ ଢାଞ୍ଚା (ହେୟୁଲା) ବିନା ନିଜ ଆଜ୍ଞା ଓ ଆଦେଶରେ ସୃଷ୍ଟି କରି ନିଜର ମହାନ୍ ଶକ୍ତିର ଉଦାହରଣ ପ୍ରଦର୍ଶନ କଲେ । ସେହି ଈଶ୍ୱର ସମସ୍ତ ପବିତ୍ର ଅବତାରମାନ(ଅମ୍ବିୟାମାନ) ଙ୍କୁ କୌଣସି ଶିକ୍ଷକ ବା ଅଭିଭାବକ ବିନା ସ୍ୱୟଂ ଶିକ୍ଷା ଓ ଦୀକ୍ଷା ପ୍ରଦାନ କରି ନିଜର ଅନାଦି କୃପାର ସଙ୍କେତ ପ୍ରକାଶ କଲେ ।" ଅର୍ଥାତ୍ ଅଲ୍ଲାଃତାଲା ଯେଉଁ ଅବତାରମାନଙ୍କୁ ପଠାନ୍ତି ସେମାନଙ୍କୁ ସେ ନିଜ ପକ୍ଷରୁ ଶିକ୍ଷା ପ୍ରଦାନ କଲେ, ସେମାନଙ୍କର ପରିପାଳନ ଅର୍ଥାତ୍ ସଂସ୍କାରର କଲେ ଏବଂ ସେମାନଙ୍କ ଉପରେ ନିଜର ଆଦେଶାବଳୀ ଅବତୀର୍ଣ୍ଣ କଲେ । ହୁଜୁର୍ ଅ.ସ କହିଲେ: "ସୁବ୍‌ହାନାଲ୍ଲାହ ! ସେହି ସତ୍ତା କିପରି ଦୟାଳୁ (ରହ୍‌ମାନ୍) ଓ ଉପକାରୀ (ମନ୍ନାନ୍) ଯିଏ ଆମର କୌଣସି ଯୋଗ୍ୟତା, ଅଧିକାର ବିନା ଆମ ଦୁର୍ବଳମାନଙ୍କର ସମସ୍ତ କାର୍ଯ୍ୟ ସ୍ୱୟଂ ସମ୍ପନ୍ନ (ସମ୍ପାଦନ, ସଂପୂର୍ଣ୍ଣ) କଲେ । ଆମ ଶରୀରର ଅବସ୍ଥିତି ନିମନ୍ତେ ସୂର୍ଯ୍ୟ, ଚନ୍ଦ୍ର, ମେଘ ଓ ବାୟୁକୁ କାର୍ଯ୍ୟରେ ଲଗାଇଲେ ଏବଂ ଆମର ଆଧ୍ୟାତ୍ମିକ ବ୍ୟବସ୍ଥା ନିମନ୍ତେ ତୌରାତ୍, ଇଞ୍ଜିଲ୍, ଫୁର୍‌କାନ୍ (କୁରଆନ୍) ଏବଂ ସମସ୍ତ ଆକାଶୀୟ ଗ୍ରନ୍ଥକୁ ସଠିକ୍ ସମୟରେ ଆମମାନଙ୍କର ପାଖରେ ପହଞ୍ଚାଇଲେ ।"

ହୁଜୁର୍ ଅନୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ ଆଗକୁ ପ୍ରାର୍ଥନା କରୁଛନ୍ତି ଯେ, "ହେ ଈଶ୍ୱର ! ତୁମ୍ଭର ସହସ୍ର ସହସ୍ର (ହଜାର ହଜାର) କୃତଜ୍ଞତା ଯେ, ତୁମେ ଆମ୍ଭକୁ ନିଜକୁ (ଅଲ୍ଲାଃତାଲାଙ୍କୁ) ଚିହ୍ନିବାର ମାର୍ଗ ସ୍ୱୟଂ ଦେଖାଇଲ ଏବଂ ନିଜର ପବିତ୍ର ଗ୍ରନ୍ଥଗୁଡ଼ିକୁ ଅବତୀର୍ଣ୍ଣ କରି ଚିନ୍ତା ଓ ବୁଦ୍ଧିର ଭୁଲ୍ ଭଟକା ଠାରୁ ରକ୍ଷା କଲ । ସେହିପରି ଦୁରୁଦ୍ ଓ ସଲାମ୍ (ପ୍ରଶଂସା ଓ ଶାନ୍ତି) ହଜରତ ସୟେଦୁର୍ ରୁସୁଲ୍ ମୁହମ୍ମଦ ମୁସ୍ତଫା ସ.ଅ ଏବଂ ତାହାଙ୍କ ପରିବାର ଓ ସଦସ୍ୟବୃନ୍ଦ (ଆଲ୍ ଓ ଅସ୍‌ହାବ୍)ମାନଙ୍କ ଉପରେ ଯାହାଙ୍କ ଦ୍ୱାରା ଈଶ୍ୱର ଏକ ହଜି ଯାଇଥିବା ସଂସାରକୁ ସଠିକ୍ ମାର୍ଗରେ ପରିଚାଳିତ କରାଇଲେ । ସେହି ପରିପାଳକ ଓ ଲାଭଦାୟକ ଅସ୍ତିତ୍ୱ ଯିଏ ବିସ୍ମୃତ (ଭୁଲି) ଯାଇଥିବା ସୃଷ୍ଟିକୁ ପୁନର୍ବାର ସରଳ ମାର୍ଗକୁ ଆଣିଲେ । ସେହି ପରୋପକାରୀ ମହାବତାର ଯିଏ ଲୋକମାନଙ୍କୁ ପାପ ଓ ପ୍ରତିମା ପୂଜାର ବିପଦରୁ ମୁକ୍ତ (ଉଦ୍ଧାର) କଲେ । ସେହି ଆଲୋକ ଓ ଆଲୋକ ବିକିରଣକାରୀ ମହାବତାର ମୁହମ୍ମଦ୍ ସ.ଅ ଯିଏ ଏକେଶ୍ୱରବାଦ (ତୌହିଦ୍)ର ଆଲୋକକୁ ଦୁନିଆରେ ପ୍ରସାରିତ କଲେ । ସେହି ଚିକିତ୍ସକ (ମୁଆଲିଜ୍), ଯିଏ ବିଗିଡ଼ି ଯାଇଥିବା ହୃଦୟଗୁଡ଼ିକୁ ସତ୍ୟତା ଉପରେ ସ୍ଥାପିତ କଲେ । ସେହି ପରମ ଦୟାଳୁ ମହାବତାର ଯିଏ ମୃତକମାନଙ୍କୁ ଜୀବନର ଜଳ ପିଆଇଲେ" ଅର୍ଥାତ୍ ଯେଉଁମାନେ ଆଧ୍ୟାତ୍ମିକ ଦୃଷ୍ଟିରୁ ମୃତ ଥିଲେ ସେହି ଦୟାଳୁ ଓ ସ୍ନେହୀ ମହାବତାର ଯିଏ ଉମ୍ମତ୍ (ଧର୍ମାବଲମ୍ବୀ ବା ଅନୁଗାମୀମାନଙ୍କ) ପାଇଁ ଦୁଃଖ ସହିଲେ ଏବଂ କଷ୍ଟ କଲେ । ସେହି ବୀର ଓ ବଳବାନ୍ ଅବତାର ଯିଏ ଆମକୁ ମୃତ୍ୟୁ ମୁଖରୁ କାଢ଼ି ଆଣିଲେ (ଉଦ୍ଧାର କଲେ) ।

ହୁଜୁର୍ ଅନୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ ଆଁହଜରତ୍ ସ.ଅଙ୍କ ସଂପର୍କରେ କୁହନ୍ତି ଯେ, ସେହି ବୀର ମହାବତାର ତଥା ପ୍ରିୟ ମୁନିବ ଯିଏ ଆମମାନଙ୍କୁ ମୃତ୍ୟୁ ମୁଖରୁ କାଢ଼ି ଆଣିଲେ "ସେହି ସହନଶୀଳ ଓ ନିରହଂକାରୀ ମାନବ ଯିଏ ଦାସତ୍ୱ ଏବଂ ଭକ୍ତିକତାରେ ଅଲ୍ଲାଃତାଲା ସମ୍ମୁଖରେ ନିଜର ମୁଣ୍ଡ ନୁଆଁଇଲେ" (ଅର୍ଥାତ୍ ହ. ମୁହମ୍ମଦ୍ ସ.ଅ) ଏବଂ ନିଜ ସତ୍ତାକୁ ମାଟିରେ ମିଶାଇଦେଲେ । ସେହି ପୂର୍ଣ୍ଣ ଏକେଶ୍ୱରବାଦୀ (ମୌହିଦ୍) ଓ ଜ୍ଞାନର ସମୁଦ୍ର, ଯାହାଙ୍କୁ କେବଳ ଈଶ୍ୱରଙ୍କ ମହିମା ହିଁ ଭଲ ଲାଗିଲା ଏବଂ ପରକୁ ନିଜ ଦୃଷ୍ଟିରେ ଗ୍ରାହ୍ୟ କଲେ ନାହିଁ । ସେହି ଈଶ୍ୱରୀୟ ଶକ୍ତିର ଆଶ୍ଚର୍ଯ୍ୟଜନକ ଚମତ୍କାରିକ ସଙ୍କେତ ଯିଏ ନିରକ୍ଷର (ଉମ୍ମୀ) ହୋଇ ମଧ୍ୟ ସମସ୍ତଙ୍କ ଉପରେ ସତ୍ୟାତ୍ମକ ଜ୍ଞାନ ଦ୍ୱାରା ବିଜୟୀ ହେଲେ ଏବଂ ପ୍ରତ୍ୟେକ ସମ୍ପ୍ରଦାୟକୁ ସେମାନଙ୍କର ଦୋଷ ଏବଂ ଦୁର୍ବଳତା ଦର୍ଶାଇ ଦୋଷୀ ସାବ୍ୟସ୍ତ କଲେ ।"**(ବରାହୀନେ ଅହମଦିୟା, ଭାଗ-1, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-1, ପୃଷ୍ଠା16-17)**

ହୁଜୁର୍ ଅନୱର୍ ଅ.ବ କହିଲେ, ଏହା ହ. ମୁହମ୍ମଦ ସ.ଅଙ୍କର ପ୍ରଶଂସା ଅଟେ । ପ୍ରଥମେ ଆପଣ ଅ.ସ ତୌରାତ୍ ଓ ଇଞ୍ଜିଲ୍‌ର ଉଦାହରଣ ଦେଇଛନ୍ତି । କିନ୍ତୁ ସେହି ସମ୍ପ୍ରଦାୟଗୁଡ଼ିକ ପାଇଁ ଯେଉଁମାନଙ୍କୁ ତୌରାତ୍ ଓ ଇଞ୍ଜିଲ୍ ଦ୍ୱାରା ସଠିକ୍ ମାର୍ଗ ଦେଖାଯାଇଥିଲା ସେମାନଙ୍କୁ ସଠିକ୍ ଭାବରେ ମାର୍ଗ ଦୃଶ୍ୟମାନ ହେଲା ନାହିଁ । କିନ୍ତୁ ତା'ପରେ ଯେତେବେଳେ ଦୁନିଆରେ ଅବନତି ଏବଂ ବିଶୃଙ୍ଖଳା ସୃଷ୍ଟି ହେଲା ସେତେବେଳେ ହ. ମୁହମ୍ମଦ ସ.ଅଙ୍କର ହିଁ ସେହି ପବିତ୍ର ଅସ୍ତିତ୍ୱ ଥିଲା ଯାହାଙ୍କୁ ଅଲ୍ଲାଃତାଲା ପଠାଇଲେ ଏବଂ ସେ ଭକ୍ତମାନଙ୍କୁ (ମାନବଜାତିକୁ) ଈଶ୍ୱରଙ୍କ ସହିତ ଯୋଡ଼ିଲେ ।

ହୁଜୁର୍ ଅନୱର୍ ଅ.ବ କହିଲେ, ହଜରତ୍ ମସିହ୍ ମଉଦ୍ ଅ.ସ ପୁନଶ୍ଚ (ପୁଣି) କୁହନ୍ତି, "ହେ ସକଳ ଜଗତର ପାଳନକର୍ତ୍ତା (ରବବୁଲ୍ ଆଲମୀନ୍) ! ତୁମ୍ଭେ କରିଥିବା ଅନୁଗ୍ରହ ତଥା ଉପକାରଗୁଡ଼ିକ ପାଇଁ ମୁଁ ତୁମ୍ଭର କୃତଜ୍ଞତା ଜ୍ଞାପନ କରିପାରିବି ନାହିଁ । କାରଣ ତୁମ୍ଭେ ଅତ୍ୟନ୍ତ ଦୟାଳୁ (ଅଶେଷ ଦୟାବାନ) ଓ ପରମ କୃପାଳୁ (ସଦା କରୁଣାମୟ) ଏବଂ ତୁମ୍ଭର ଅଶେଷ ଅନୁଗ୍ରହ (ଉପକାର ଏବଂ ପୁରସ୍କାର) ମୋ ଉପରେ ହିଁ ରହିଛି। ମୋର ପାପଗୁଡ଼ିକୁ କ୍ଷମା କରିଦିଅ । କାରଣ ଏହି ପାପ ଯୋଗୁଁ ମୋର ବିନାଶ ଯେପରି ନ ଘଟୁ । ମୋ ହୃଦୟରେ ତୁମ୍ଭର ପବିତ୍ର ପ୍ରେମ ଭରିଦିଅ । ଫଳତଃ ମୋତେ ଜୀବନ ପ୍ରାପ୍ତ ହେବ ଏବଂ ମୋର ଦୋଷକୁ ଗୋପନ ରଖ (ପର୍ଦ୍ଦା ପୋଷି କର) ଏବଂ ମୋ ଦ୍ୱାରା ଏପରି କାର୍ଯ୍ୟ କରାଅ ଯେଉଁଥିରେ ତୁମେ ସନ୍ତୁଷ୍ଟ ହୋଇଯିବ । ମୁଁ ତୁମ୍ଭର ମହିମାମୟ ସତ୍ତାର ଦୁହାଇ ଦେଇ ଉକ୍ତ (ଏହି) କଥାରୁ ଆଶ୍ରୟ ଭିକ୍ଷା କରୁଛି ଯେ, ତୁମ୍ଭର କ୍ରୋଧ ମୋ ଉପରେ ଅବତୀର୍ଣ୍ଣ ନ ହେଉ । ହେ ପରମେଶ୍ୱର ! ଦୟା କର ଏବଂ ଦୁନିଆ ଓ ଆଖିରତ୍ (ଇହକାଳ ଓ ପରକାଳ)ର ବିପଦରୁ ମୋତେ ରକ୍ଷା କର । କାରଣ ସମସ୍ତ କୃପା ଓ କରୁଣା କେବଳ ତୁମ୍ଭରି ହାତରେ ହିଁ ଅଛି । **ଆମୀନ୍, ସୁମ୍ମ ଆମୀନ୍** ।"

**(ମଲ୍‌ଫୁଜାତ୍, ଗ୍ରଖଣ୍ଡ-1, ପୃଷ୍ଠା-217, ସଂସ୍କରଣ ବର୍ଷ-2022)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁଣି ହଜରତ୍ ମସିହ୍ ମଉଦ୍ ଅ.ସ ଉଲ୍ଲେଖ କରନ୍ତି, "ସେହି ପରମ ଦୟାଳୁ ଈଶ୍ୱରଙ୍କୁ ସହସ୍ର ସହସ୍ର (ହଜାର ହଜାର) ଧନ୍ୟବାଦ ଯିଏ ଆମକୁ ଏପରି ଏକ ଧର୍ମ ପ୍ରଦାନ କରିଛନ୍ତି ଯାହା (ଇସଲାମ୍ ଧର୍ମ) ଈଶ୍ୱରଙ୍କୁ ଚିହ୍ନିବା ଏବଂ ତାହାଙ୍କୁ ଭୟ କରିବାର ଏପରି ଏକ ମାଧ୍ୟମ ଯାହାର ଦୃଷ୍ଟାନ୍ତ ଅନ୍ୟ କୌଣସି ଯୁଗରେ ଦେଖିବାକୁ ମିଳେ ନାହିଁ । ହଜାର ହଜାର ଦୁରୁଦ୍ (ପ୍ରାର୍ଥନା) ସେହି ନିଷ୍କଳଙ୍କ ଓ ନିଷ୍ପାପ ନବୀଙ୍କ ଉପରେ ବର୍ଷିତ ହେଉ ଯାହାଙ୍କ ମାଧ୍ୟମରେ ଆମେମାନେ ଏହି ପବିତ୍ର ଧର୍ମରେ ପ୍ରବେଶ କଲୁ । ହଜାର ହଜାର ରହମତ୍ (କୃପା) ପବିତ୍ର ନବୀଙ୍କ ସାଥୀମାନଙ୍କ ଉପରେ ଅବତୀର୍ଣ୍ଣ ହେଉ ଯେଉଁମାନେ ନିଜ ରକ୍ତରେ ଏହି ବଗିଚାକୁ ସେଚିତ କରିଥିଲେ ।"

**(ନୁସ୍‌ରତୁଲ୍ ହକ୍, ବରାହିନେ ଅହମଦିୟା, ଭାଗ-5, ରୁହାନୀ ଖଜାଏନ୍ ଗ୍ରନ୍ଥଖଣ୍ଡ-21, ପୃଷ୍ଠା-25)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଏକ ସ୍ଥାନରେ ଆପଣ ଅ.ସ କହିଲେ, "ଯେଉଁମାନେ ତାହାଙ୍କ (ଅର୍ଥାତ୍ ଈଶ୍ୱରଙ୍କ) ଦୃଷ୍ଟିରେ ସତ୍ୟବାଦୀ, ସାଧୁ ଓ ସଜ୍ଜନ ଅଟନ୍ତି ସେମାନେ ସଦାସର୍ବଦା ଅଜ୍ଞ ଲୋକଙ୍କ ଜିହ୍ୱା (ଜିଭ) ଓ ହାତରୁ କଷ୍ଟ ପାଇ ଆସିଛନ୍ତି।" ଯେଉଁମାନେ ଅଲ୍ଲାଃତାଲାଙ୍କ ଦୃଷ୍ଟିରେ ସତ୍ୟବାଦୀ, ସାଧୁ ଏବଂ ସଜ୍ଜନ ଅଟନ୍ତି ସେମାନେ ପ୍ରକୃତ ଅର୍ଥରେ ଧର୍ମର ନୀତି ନିୟମ ପାଳନ କରନ୍ତି ଓ ଅଲ୍ଲାଃତାଲାଙ୍କ ପ୍ରତି ନିଷ୍ଠାବାନ୍ ଅଟନ୍ତି, ସେମାନେ ଅଜ୍ଞ ଲୋକଙ୍କ ଜିଭ ଓ ହାତରୁ କଷ୍ଟ ପାଆନ୍ତି । ଯେପରି ଆଜିକାଲି ଏହି ସମୟରେ କେତେକ ସ୍ଥାନରେ ଅହମଦିମାନେ ମଧ୍ୟ ନିର୍ଯାତନା ସହୁଛନ୍ତି । "ତେଣୁ ଯେହେତୁ ପ୍ରାଚୀନ କାଳରୁ ଅଲ୍ଲାଃତାଲାଙ୍କ ନିୟମ ଏହିପରି ରହିଆସିଛି ତେଣୁ ଯଦି ଆମେ ମଧ୍ୟ ନିଜ ଲୋକମାନଙ୍କଠାରୁ କିମ୍ବା ପର ଲୋକଙ୍କଠାରୁ କିଛି କଷ୍ଟ ପାଉ ତେବେ ଆମକୁ କୃତଜ୍ଞତା ଜ୍ଞାପନ କରିବା ଉଚିତ୍ ଓ ଆନନ୍ଦିତ ହେବା ଉଚିତ୍ । କାରଣ ଆମେମାନେ ସେହି ପ୍ରକୃତ ପ୍ରିୟତମଙ୍କ ଦୃଷ୍ଟିରେ ଯୋଗ୍ୟ (ପାତ୍ର ବିବେଚିତ) ତ' ହେଲୁ ଯେ ତାହାଙ୍କ ମାର୍ଗରେ ଆମମାନଙ୍କୁ କଷ୍ଟ ଦିଆଯାଉଛି ।" ଅଲ୍ଲାଃତାଲାଙ୍କ ମାର୍ଗରେ କଷ୍ଟ ଦିଆଯାଉଛି ତେବେ ଏହା ମଧ୍ୟ ଆମର ସୌଭାଗ୍ୟ ଏବଂ ଆମକୁ ଖୁସି ହେବା ଉଚିତ୍ । କାରଣ ଅଲ୍ଲାଃତାଲାଙ୍କ କୃତଜ୍ଞତା ଜ୍ଞାପନ କରିବା ଉଚିତ୍ କାରଣ ଅଲ୍ଲାଃତାଲାଙ୍କ ମାର୍ଗରେ କେବଳ ସେହିମାନେ ହିଁ କଷ୍ଟ ପାଇଥାଆନ୍ତି ଯେଉଁମାନଙ୍କୁ ଅଲ୍ଲାଃତାଲା ପସନ୍ଦ କରନ୍ତି ଏବଂ ସେହିମାନେ ହିଁ ନିର୍ଯାତିତ ହୁଅନ୍ତି । ତେଣୁ ଏହିପରି କଷ୍ଟ ସହିବା ଆମମାନଙ୍କର ପରମ ସୌଭାଗ୍ୟ ଅଟେ । କିନ୍ତୁ ଯେତେବେଳେ ଆମେମାନେ ଅନ୍ୟପଟେ ଦେଖୁ ଯେ, ଧର୍ମର କେତେକ ଶତ୍ରୁ ନିଜର ମିଥ୍ୟାରଚନା ଦ୍ୱାରା କେବଳ ଆମମାନଙ୍କୁ କଷ୍ଟ ଦେବାରେ ସୀମିତ ରହୁ ନାହାନ୍ତି ବରଂ ଅଜ୍ଞ ଓ ଅବୁଝା ଲୋକଙ୍କୁ ବିଭ୍ରାନ୍ତି (ଫିତ୍‌ନା ବା ଉପଦ୍ରବ) ମଧ୍ୟକୁ ଠେଲି ଦେଉଛନ୍ତି, ସେତେବେଳେ ଆମେମାନେ ଏହାକୁ ନିଜର କର୍ତ୍ତବ୍ୟ ବୋଲି ମନେକରୁ, ଯେ ଯଥାସମ୍ଭବ ଆମେମାନେ ସେହି ଅଜ୍ଞ ଲୋକମାନଙ୍କୁ ବିଭ୍ରାନ୍ତି (ଉପଦ୍ରବ) ରୁ ରକ୍ଷା କରିବା ।" **(ମଜ୍‌ମୁଆ ଇସ୍ତେହାରାତ୍ ଗ୍ରନ୍ଥଖଣ୍ଡ-1, ପୃ-141-142)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅର୍ଥାତ୍ ସେମାନଙ୍କୁ ମଧ୍ୟ ସତ୍ୟତା ଜଣାନ୍ତୁ । ଲୋକଙ୍କୁ କ୍ଷତି ପହଞ୍ଚାଇବା ପାଇଁ ସେମାନଙ୍କର ଯେଉଁ ମନ୍ଦ ଉଦ୍ଦେଶ୍ୟ ରହିଛି ତାହା ପ୍ରକାଶ କରନ୍ତୁ। ବିଭ୍ରାନ୍ତିରୁ ରକ୍ଷା କରିବାର ଅର୍ଥ ଏହା ନୁହେଁ ଯେ, ଆମେମାନେ ବିରୋଧୀଙ୍କ ପରି ଅଭଦ୍ର ଭାଷା ବ୍ୟବହାର କରିବା ଏବଂ ଅଶାଳୀନ ହୋଇଯିବା । ନା । ବରଂ ଇସ୍‌ଲାମୀୟ ଶିକ୍ଷାର ସୀମା ମଧ୍ୟରେ ରହି ସେମାନଙ୍କର ମିଥ୍ୟା ପ୍ରଚାର ଓ ଆକ୍ଷେପର ଉତ୍ତର ଦେବା । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆମର ପ୍ରତ୍ୟେକ ପ୍ରଚାରକ (ଧର୍ମପ୍ରଚାରକ ବା ମୁବଲ୍ଲିଗ୍) ମଧ୍ୟ ଉକ୍ତ କଥାକୁ ମନେ ରଖିବା ଉଚିତ୍ । ବେଳେବେଳେ ଆମେମାନେ ଆକ୍ଷେପ କରୁଥିବା ଲୋକଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ନିଜ ପକ୍ଷରୁ ଏପରି କଥା କହିଦେଉ ଯାହା ପ୍ରଶ୍ନକାରୀକୁ ସୁଯୋଗ ଦିଏ ଏବଂ ସେମାନେ କହିବେ ଯେ,"ଏହା କ'ଣ ତୁମମାନଙ୍କର ନୈତିକତା ଅଟେ ?" ହୁଜୁର୍ ଅନୱର୍ ଅ.ବ କହିଲେ, ତେଣୁ ଆମମାନଙ୍କର ନୈତିକତା ଅତ୍ୟନ୍ତ ଉଚ୍ଚ ହେବା ଉଚିତ୍ । ହଁ, ସତ୍ୟତା ନିଶ୍ଚୟ ପ୍ରକାଶ କରନ୍ତୁ, କିନ୍ତୁ ନୈତିକତାର ସୀମା ମଧ୍ୟରେ ରହି । ସେମାନଙ୍କ ପରି ଅସଭ୍ୟ ଭାଷା ବ୍ୟବହାର କରିବା ଉଚିତ୍ ନୁହେଁ ।

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି, "ଏହି ବିନୀତ ଈଶ୍ୱରଙ୍କ ଉପକାରର କୃତଜ୍ଞତା ଜ୍ଞାପନ କରିପାରିବ ନାହିଁ । କାରଣ ଏହି 'ତକ୍‌ଫିର୍' (ଅଧର୍ମୀ ଘୋଷଣା କରିବା) ସମୟରେ ଯେତେବେଳେ ପ୍ରତ୍ୟେକ ଦିଗରୁ ଏହି ସମୟର ଧର୍ମଗୁରୁମାନଙ୍କ ସ୍ୱର ଭାସି ଆସୁଛି ଯେ لَسْتَ مُؤْمِنًا (ତୁମେ ମୁସ୍‌ଲିମ୍ ଅର୍ଥାତ୍ ବିଶ୍ୱାସକାରୀ ନୁହଁ) ସେତେବେଳେ ଅଲ୍ଲାଃ ଜଲ୍ଲା ଶାନୁହୁଙ୍କ ପକ୍ଷରୁ ଏହି ଆହ୍ୱାନ ଆସୁଛି ଯେ قُلْ إِنِّي أُمِرْتُ وَأَنَا أَوَّلُ الْمُؤْمِنِينَ (କୁହ, ମୋତେ ଆଦେଶ ଦିଆଯାଇଛି ଏବଂ ମୁଁ ପ୍ରଥମ ବିଶ୍ୱାସୀ ଅଟେ)। ଗୋଟିଏ ପଟେ ମୌଲବୀ ସାହେବମାନେ କହୁଛନ୍ତି ଯେ, କୌଣସି ପ୍ରକାରେ ଏହି

ବ୍ୟକ୍ତିକୁ ସମୂଳେ ଉପାଡ଼ି ଦିଅ । ଅନ୍ୟପଟେ ଇଲ୍‌ହାମ୍ (ଐଶ୍ୱବାଣୀ) ହେଉଛି يَتَرَبَّصُوْنَ عَلَيْكَ الدَّوَائِرَ عَلَيْهِمْ دَائِرَةُ السَّوْءِ(ସେମାନେ ତୁମ ଉପରେ ବିପଦ ଅବତୀର୍ଣ୍ଣ ହେବାକୁ ଅପେକ୍ଷା କରୁଛନ୍ତି । କିନ୍ତୁ ଖରାପ ସମୟ ସେମାନଙ୍କ ଉପରେ ହିଁ ଲେଉଟି ଆସିବ । ପରିଶେଷରେ ଏହି ପରିଣାମ ହିଁ ବାହାରିବ । **ଇନ୍‌ଶାଅଲ୍ଲାଃ** । ଗୋଟିଏ ପଟେ ସେମାନେ ଚେଷ୍ଟା କରୁଛନ୍ତି ଯେ ସେମାନେ ଏହି ବ୍ୟକ୍ତିକୁ ଅତ୍ୟନ୍ତ ଅପମାନିତ, ତିରସ୍କୃତ ଓ ଲଜ୍ଜିତ କରିବେ। ଅନ୍ୟପଟେ ଈଶ୍ୱର ପ୍ରତିଶ୍ରୁତି ଦେଉଛନ୍ତି ଯେ اِنِّيْ مُهِيْنٌ مَّنْ اَرَادَ اِهَانَتَكَ ۔ اَللّٰهُ اَجْرُكَ ۔ اَللّٰهُ يُعْطِيْكَ جَلَالَكَ(ଯିଏ ତୁମର ଅପମାନ ଚାହେଁ, ମୁଁ ତାକୁ ଅପମାନିତ କରିବି। ଅଲ୍ଲାଃତାଲ ତୁମକ ତୁମର ପୁରସ୍କାର ଦେବେ । ଅଲ୍ଲାଃତାଲା ତୁମକୁ ନିଜର ମହିମା ପ୍ରଦାନ କରିବେ। ଗୋଟିଏ ପଟେ ମୌଲବୀମାନେ ଫତ୍‌ୱା (ଧର୍ମଦେଶ) ଉପରେ ଫତ୍‌ୱା ଲେଖୁଛନ୍ତି ଯେ, ଏହି ବ୍ୟକ୍ତିର ବିଶ୍ୱାସରେ ସହମତ ହେବା ଓ ଅନୁସରଣ କରିବା ଦ୍ୱାରା ମଣିଷ କାଫିର୍ (ଅଧର୍ମୀ) ହୋଇଯାଏ ଏବଂ ଅନ୍ୟପଟେ ଈଶ୍ୱର ନିଜର ଏହି ବାଣୀ ଉପରେ କ୍ରମାଗତ ଜୋର୍ ଦେଉଛନ୍ତି ଯେ قُلْ اِنْ كُنْتُمْ تُحِبُّوْنَ اللّٰهَ فَاتَّبِعُوْنِيْ يُحْبِبْكُمُ اللّٰهُ (ଅର୍ଥାତ୍ ହେ ମୁହମ୍ମଦ ସ.ଅ ! ତୁମ୍ଭେ କୁହ ଯେ, ଯଦି ତୁମେମାନେ ଅଲ୍ଲାଃଙ୍କୁ ଭଲପାଅ ତେବେ ମୋର ଅନୁସରଣ କର ଯଦ୍ଦ୍ୱାରାକି ଅଲ୍ଲାଃତାଲା ତୁମମାନଙ୍କୁ ଭଲପାଇବେ)। ଆଁହଜରତ୍ ସ.ଅଙ୍କୁ ମଧ୍ୟ ଅଲ୍ଲାଃତାଲା ଏହା ହିଁ କହିଥିଲେ ଏବଂ ତାହାଙ୍କ ଆଜ୍ଞାବହତ୍ୱରେ ତାଙ୍କର ସତ୍ୟବାଦୀ ଦାସ ହ. ମସିହ୍ ମଉଦ୍ ଅ.ସଙ୍କୁ ମଧ୍ୟ ଅଲ୍ଲାଃତାଲା ଏହା ହିଁ କହିଛନ୍ତି। କାରଣ ଆପଣ ଅ.ସ ହିଁ ଆଁହଜରତ୍ ସ.ଅଙ୍କ ପ୍ରକୃତ ପ୍ରେମିକ ଏବଂ ଆପଣ ସ.ଅଙ୍କୁ ସ୍ୱୀକାର କରିବା ଆଁହଜରତ୍ ସ.ଅଙ୍କ ସମ୍ପୂର୍ଣ୍ଣ ଆଜ୍ଞାପାଳନ ଅଟେ । କାରଣ ଆପଣ ଅ.ସ ହିଁ ଆଁହଜରତ୍ ସ.ଅଙ୍କ ପୂର୍ଣ୍ଣ ଆଜ୍ଞାକାରୀ ଓ ଦାସ ଅଟନ୍ତି । ଅର୍ଥାତ୍ ଏହି ସମସ୍ତ ମୌଲବୀ ସାହେବମାନେ ଅଲ୍ଲାଃତାଲାଙ୍କ ସହ ଲଢୁଛନ୍ତି । ବର୍ତ୍ତମାନ ଦେଖାଯାଉ କାହାର ଜୟ ହେଉଛି ଓ କିଏ ବିଜୟୀ ହେଉଛି ?"

**(ନିଶାନେ ଆସ୍‌ମାନୀ, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-5, ପୃଷ୍ଠା-422-423)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲାଙ୍କ କୃପାରୁ ଜମାଅତ୍‌ର ଯେଉଁ ଉନ୍ନତି ହେଉଛି, ଧୀରେ ଧୀରେ ଯେପରି ଜମାତ୍ ବଢୁଛି, ତାହା ସେହି ଲୋକମାନଙ୍କ ପାଇଁ ଯଥେଷ୍ଟ ଉତ୍ତର ଅଟେ । ଯଦି ଏହି ଲୋକମାନଙ୍କ ପାଖରେ ଦେଖିବାର ଦୃଷ୍ଟି ଶକ୍ତି ଥାଏ ଓ ଲଜ୍ଜା ରହିଛି ତେବେ ଏମାନେ ଦେଖନ୍ତୁ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଏଠାରେ ମୁଁ ଏହି କୃତଜ୍ଞତା ଜ୍ଞାପନ କରି ରହିପାରିବି ନାହିଁ ଯେ, ଯେପରି ଅଲ୍ଲାଃତାଲା ଆମ ପ୍ରିୟ ନବୀ ସ.ଅଙ୍କ ସମର୍ଥନରେ ନିଜର ଆକାଶବାଣୀ (ୱହି) ମାଧ୍ୟମରେ ଅବିଶ୍ୱାସକାରୀମାନଙ୍କୁ ଦୋଷୀ ପ୍ରମାଣିତ କଲେ ଏବଂ କହିଲେ ଯେ, ମୋର ଏହି ନବୀ ଏପରି ଉଚ୍ଚ କୋଟୀର ଓ ସଚ୍ଚରିତ୍ର ଅବତାର ଅଟନ୍ତି ଯେ, ତାହାଙ୍କ ଗତ ୪୦ ବର୍ଷର ଜୀବନ କାଳ ମଧ୍ୟରେ କୌଣସି ଦୋଷ କିମ୍ବା ତ୍ରୁଟି ବାହାର କରିବାକୁ ତୁମ ମଧ୍ୟରେ ସାମର୍ଥ୍ୟ ନାହିଁ । ଏତଦ୍‌ଭିନ୍ନ ସେହି ମହାବତାର ୪୦ ବର୍ଷ ଧରି ଦିନରାତି ତୁମମାନଙ୍କ ଗହଣରେ ହିଁ ରହିଛନ୍ତି । ତେଣୁ ତୁମ ମଧ୍ୟରେ ଏହି ସାମର୍ଥ୍ୟ ନାହିଁ ଯେ, ତୁମେମାନେ ତାହା (ମହାବତାର ମୁହମ୍ମଦ୍ ସ.ଅ)ଙ୍କର ଉଚ୍ଚ ବଂଶରେ ଯେଉଁ ମର୍ଯ୍ୟାଦା, ପବିତ୍ରତା, ରାଜ୍ୟ, ଶାସନ ଓ ନେତୃତ୍ୱର ବଂଶ ଅଟେ ସେଥିରେ ଟିକିଏ ହେଲେ ବି ଦୋଷ ବାହାର କରିପାରିବ । ପୁଣି ତୁମେମାନେ ବିଚାର ଯେ, ଯେଉଁ ବ୍ୟକ୍ତି ଏପରି ଉଚ୍ଚ, ପବିତ୍ର ଓ ନିର୍ମଳ ବଂଶରୁ ଆସିଛନ୍ତି ଏବଂ ତାଙ୍କର ୪୦ ବର୍ଷର ଜୀବନକାଳ ତୁମମାନଙ୍କ ସମ୍ମୁଖରେ ଅତିବାହିତ ହୋଇଛି, ସେହି ଜୀବନ ଏହା ସାକ୍ଷୀ ଦେଉଛି ଯେ, ମିଥ୍ୟାରଚନା ଓ କପଟତା ତାଙ୍କର କାମ ନୁହେଁ । ଅତଏବ୍ ଏହି ଗୁଣାବଳୀଗୁଡ଼ିକ ସହିତ ଯେତେବେଳେ ସେ ଆକାଶୀୟ ନିଦର୍ଶନ ଦେଖାଉଛନ୍ତି । ଅଲ୍ଲାଃତାଲାଙ୍କ ସାହାଯ୍ୟ ତାହାଙ୍କ ସହିତ ରହିଛି ଏବଂ ସେ ଏପରି ଶିକ୍ଷା ଆଣିଛନ୍ତି ଯାହା ତୁଳନାରେ ତୁମର ବିଶ୍ୱାସ ସମ୍ପୂର୍ଣ୍ଣ ଅପବିତ୍ର, କଳୁଷିତ ଓ 'ଶିର୍କ' (ଅନେକଶ୍ୱରବାଦ)ରେ ପରିପୂର୍ଣ୍ଣ ଅଟେ ତେବେ ଏହାପରେ ଏହି ଅବତାର ସତ୍ୟବାଦୀ ହେବାରେ ତୁମର ଆଉ କେଉଁ ସନ୍ଦେହ ବାକି ରହିଲା ?"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଇସ୍‌ଲାମ୍ ଧର୍ମର ବିରୋଧୀମାନଙ୍କୁ ଉତ୍ତର ଦେବାର ଯେଉଁ ପ୍ରସଙ୍ଗ ରହିଛି ଯେ, ଆଁହଜରତ୍ ସ.ଅ ସେହି ସତ୍ୟାବତାର ଅଟନ୍ତି ଯିଏ ଅଲ୍ଲାଃତାଲାଙ୍କ ତରଫରୁ ଆସିଛନ୍ତି ଏବଂ ବିଶ୍ୱକୁ ଅଲ୍ଲାଃତାଲାଙ୍କ ସହ ଯୋଡ଼ିବାର ମାଧ୍ୟମ ସାଜିଛନ୍ତି । ପୁନଶ୍ଚ ହ. ମସିହ୍ ମଉଦ୍ ଅ.ସ ନିଜ ବିଷୟରେ କୁହନ୍ତି ଯେ, "ଏହିପରି ଭାବେ ଅଲ୍ଲାଃତାଲା ମୋର ବିରୋଧୀ ଓ ମିଥ୍ୟାରୋପକାରୀମାନଙ୍କୁ ମଧ୍ୟ ନିରୁତ୍ତର କରିଛନ୍ତି ।" ଆପଣ ଅ.ସ କୁହନ୍ତି, "ମୁଁ ମଧ୍ୟ ଆଁହଜରତ୍ ସ.ଅଙ୍କ ଜଣେ ସତ୍ୟବାଦୀ ଦାସ ଅଟେ । ମୋ ସହିତ ମଧ୍ୟ ଅଲ୍ଲାଃତାଲାଙ୍କର ଏହି ପ୍ରତିଶ୍ରୁତି ରହିଛି । ସୁତରାଂ ବରାହିନେ ଅହମଦିୟାର ପ୍ରାମାଣ୍ୟ ଆପଣ ଅ.ସ ଦେଇଛନ୍ତି ଯେ, ଏଥିରେ "ମୋ ସମ୍ପର୍କରେ ଏହି ଐଶୀବାଣୀ ରହିଛି ଯାହାର ପ୍ରକାଶିତ ହେବାକୁ 20 ବର୍ଷ କାଳ ବିତିଗଲାଣି । ଅତଏବ୍ ତାହା(ସେହି ଭବିଷ୍ୟବାଣୀ)ହେଉଛି وَلَقَدْ لَبِثْتُ فِيْكُمْ عُمُرًا مِّنْ قَبْلِهٖ اَفَلَا تَعْقِلُوْنَ ଅର୍ଥାତ୍ ହେ ମୁହମ୍ମଦ୍ ସ.ଅ ! ତୁମ୍ଭେ ଏହି ବିରୋଧୀମାନଙ୍କୁ କୁହ ଯେ, ମୁଁ ୪୦ ବର୍ଷ କାଳ ଧରି ତୁମମାନଙ୍କ ଗହଣରେ ହିଁ ରହୁଥିଲି । ଏହି ଦୀର୍ଘ ସମୟ ଧରି ତୁମେମାନେ ମୋତେ ଦେଖି ଆସିଛ ଯେ, ମୋର କାମ କପଟତା ଓ ମିଥ୍ୟା ନୁହେଁ ଏବଂ ଈଶ୍ୱର ମୋତେ ଅପବିତ୍ର ଜୀବନରୁ ରକ୍ଷା କରିଛନ୍ତି । ତେବେ ଯେଉଁ ବ୍ୟକ୍ତି ଏତେ ଦୀର୍ଘ ସମୟ ଅର୍ଥାତ୍ ୪୦ ବର୍ଷ ଧରି ପ୍ରତ୍ୟେକ ପ୍ରକାରର କପଟତା, ଦୁଷ୍ଟତା, ଚକ୍ରାନ୍ତ ଓ ଅପବିତ୍ରତା ଠାରୁ ସୁରକ୍ଷିତ ରହିଲା ଏବଂ ସେ କେବେ ହେଲେ ଲୋକମାନଙ୍କ ସମ୍ମୁଖରେ ମିଥ୍ୟା କହି ନାହିଁ ତେବେ ଏହା କିପରି ସମ୍ଭବ ଯେ, ସେ ନିଜର ପ୍ରାଚୀନ ଅଭ୍ୟାସ ବିପରୀତ ବର୍ତ୍ତମାନ ସେ ଅଲ୍ଲାଃତାଲାଙ୍କ ଉପରେ ମିଥ୍ୟାରୋପ କରିବ ?" **(ତ୍ରିୟାକୁଲ୍ କୁଲୁବ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-15, ପୃ- 282-283)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆପଣ ଅ.ସଙ୍କ ଜୀବନୀର ଯେଉଁ ଅନେକ ଦିଗ ତଥା ପକ୍ଷ ରହିଛି ତାହା ପୂର୍ବରୁ ମୁଁ ବର୍ଣ୍ଣନା କରି ସାରିଛି । ସେଥିରେ ଏହା ସ୍ୱଷ୍ଟ ଭାବେ ଉଲ୍ଲେଖ କରି ଆସିଛି ଯେ, ବିରୋଧୀମାନେ ମଧ୍ୟ ଆପଣ ଅ.ସଙ୍କ ପ୍ରଶଂସା କରୁଥିଲେ ଯେ, ଆପଣ ଅ.ସ କେବେ ହେଲେ ମିଥ୍ୟା କହି ନାହାନ୍ତି । ତେବେ ଏଗୁଡ଼ିକ କୃତଜ୍ଞତାର ସେହି କଥା ଅଟନ୍ତି ଯହିଁରେ ଆପଣ ଅ.ସ ଅଲ୍ଲାଃତାଲାଙ୍କ କୃପାର କୃତଜ୍ଞତା ଜ୍ଞାପନ କରିଛିନ୍ତି ଏବଂ ନିଜର ସହଯୋଗୀ ଓ ସାହାଯ୍ୟକାରୀମାନଙ୍କ ପାଇଁ ମଧ୍ୟ କୃତଜ୍ଞତାର ଭାବାବେଗ ପ୍ରକାଶ କରିଛନ୍ତି ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଏହିସବୁ କଥା ବ୍ୟତୀତ ଆପଣ ଅ.ସ ଶିଶୁମାନଙ୍କ ମଧ୍ୟରେ କୃତଜ୍ଞତାର ମହତ୍ୱ ଜାଗ୍ରତ କରିବାକୁ ଚେଷ୍ଟା କରୁଥିଲେ । ଘରେ ଆପଣ ଅ.ସଙ୍କର କିପରି ଶୈଳୀ ଥିଲା ଏ ସମ୍ପର୍କରେ ଏକ ବର୍ଣ୍ଣନା ରହିଛି । ହଜରତ୍ ମସିହ୍ ମଉଦ୍ ଅ.ସ ଥରେ ଘରେ ଛୋଟ ପିଲାମାନଙ୍କୁ ଏକ କାହାଣୀ ଶୁଣାଇଲେ । ସେହି କାହାଣୀ ହ. ମୁସ୍‌ଲେହ ମଉଦ ର.ଅ 'ଅଲ୍-ହକମ୍' ପତ୍ରିକା ପାଇଁ ଲେଖିଥିଲେ। ସେହି କହାଣୀଟି ଏହିପରି ଥିଲା ଯେ, "ଜଣେ ଚନ୍ଦା ବ୍ୟକ୍ତି ଏବଂ ଆଉ ଜଣେ ଅନ୍ଧ ବ୍ୟକ୍ତି ଥିଲା । ଈଶ୍ୱରଙ୍କ ଜଣେ ଦେବଦୂତ ମନୁଷ୍ୟ ରୂପ ଧାରଣ କରି ଚନ୍ଦା ବ୍ୟକ୍ତି ପାଖକୁ ଆସିଲା ଏବଂ ପଚାରିଲା ଯେ, ହେ ବ୍ୟକ୍ତି ! 'ତୁମେ କ'ଣ ଚାହଁ ?' ଚନ୍ଦା ବ୍ୟକ୍ତି କହିଲା, ' ଆଜ୍ଞା ମୋ ମୁଣ୍ଡରେ ଚୁଟି ଉଠିଯାଉ ଏବଂ ମୋତେ ଧନସମ୍ପତ୍ତି ମିଳିଯାଉ ।' ତଦନୁସାରେ ଦେବଦୂତ ଜଣକ ଚନ୍ଦା ବ୍ୟକ୍ତିର ମୁଣ୍ଡରେ ହାତ ବୁଲାଇଦେଲା ଏବଂ ଈଶ୍ୱରଙ୍କ ଶକ୍ତିରୁ ତା' ମୁଣ୍ଡରେ ଚୁଟି ମଧ୍ୟ ଉଠିଗଲା ଏବଂ ଧନସମ୍ପତ୍ତି ଓ ଚାକରର ମଧ୍ୟ ତାକୁ ମିଳିଗଲା। ପୁଣି ସେହି ଦେବଦୂତ ଜଣକ ଅନ୍ଧ ବ୍ୟକ୍ତି ପାଖକୁ ଆସିଲା ଏବଂ ପଚାରିଲା ଯେ, ହେ ବ୍ୟକ୍ତି ! 'ତୁମେ କ'ଣ ଚାହଁ ?' ଅନ୍ଧ ବ୍ୟକ୍ତି ଜଣକ  କହିଲା, ଆଜ୍ଞା 'ମୋ ଆଖିଟା ଭଲ ହୋଇଯାଉ, ମୁଁ ଯେପରି କେଉଁଠି ଝୁଣ୍ଟି ଅର୍ଥାତ୍ ଧକ୍କା (ବାଡ଼େଇ) ହୋଇ ପଡ଼ି ନଯାଏ ଏବଂ ମୋତେ ଟଙ୍କା ପଇସା ମିଳିଗଲେ ମୁଁ କାହା ଉପରେ ଯେପରି ନିର୍ଭରଶୀଳ ହେବି ନାହିଁ ।' ଦୂତ ତା' ଆଖି ଉପରେ ହାତ ବୁଲାଇଦେଲା ତା' ଆଖି ଭଲ ହୋଇଗଲା ଏବଂ ଧନସମ୍ପତ୍ତି ମଧ୍ୟ ତାକୁ ମିଳିଗଲା । ପୁଣି ସେହି ଦୂତ ଅଲ୍ଲାଃତାଲାଙ୍କ ଆଦେଶରେ ଅନ୍ଧ ଓ ଚନ୍ଦା ବ୍ୟକ୍ତିର ପରୀକ୍ଷା ପାଇଁ ଜଣେ ଭିକ୍ଷୁକ ରୂପରେ ଆସିଲା ଏବଂ ଚନ୍ଦା ବ୍ୟକ୍ତି ପାଖକୁ ଯାଇ ଭିକ୍ଷା ମାଗିଲା । ଚନ୍ଦା ବ୍ୟକ୍ତି ଖରାପ ବ୍ୟବହାର ଓ କଠୋରତାର ସହ ଉତ୍ତର ଦେଲା, ଧମକାଇଲା ଏବଂ କହିଲା ଚାଲ୍ ଏଠୁ ! ତୋ ପରି ଅନେକ ଭିକ୍ଷୁକ ବୁଲୁଛନ୍ତି । ଦେବଦୂତ ତା' ମୁଣ୍ଡରେ ହାତ ବୁଲାଇଦେଲା ଏବଂ ସେ ପୁଣି ପୂର୍ବପରି ଚନ୍ଦା ହୋଇଗଲା । ତା'ର ସବୁ ଧନସମ୍ପତ୍ତି ଚାଲିଗଲା ଏବଂ ପୁଣି ପୂର୍ବପରି କଷ୍ଟକର ତଥା ଦୁର୍ବିସହ ପରିସ୍ଥିତିକୁ ଚାଲିଗଲା । ପୁଣି ସେହି ଦେବଦୂତ ଭିକ୍ଷୁକ ରୂପରେ ସେହି ଅନ୍ଧ ବ୍ୟକ୍ତି ପାଖକୁ ଗଲା ଯିଏ ବର୍ତ୍ତମାନ ଧନୀ ଓ ଆଖିଥିବା ବ୍ୟକ୍ତି (ଚକ୍ଷୁଷ୍ମାନ) ହୋଇସାରିଥିଲା ଏବଂ ଦେବଦୂତ ତାକୁ ଭିକ୍ଷା ମାଗିଲା । ସେ କହିଲା, 'ଏସବୁ କିଛି ମୋତେ ଅଲ୍ଲାଃତାଲା ହିଁ ଦେଇଛନ୍ତି ଏବଂ ଏହା ତାହାଙ୍କର ହିଁ ସମ୍ପତ୍ତି ଅଟେ । ତୁମେ ଏହି ସମ୍ପତ୍ତି ମଧ୍ୟରୁ ଯାହା ଚାହୁଁଛ ନେଇଯାଅ। ପ୍ରତ୍ୟୁତ୍ତରରେ ଅଲ୍ଲାଃତାଲା ସେହି ଅନ୍ଧ ବ୍ୟକ୍ତିକୁ ଆହୁରି ଅଧିକ ଧନସମ୍ପତ୍ତି ପ୍ରଦାନ କଲେ।" ଆପଣ ର.ଅ କୁହନ୍ତି ଯେ, "ତେଣୁ ହେ ପ୍ରିୟ ଶିଶୁମାନେ ! ତୁମେମାନେ ମଧ୍ୟ ମନେରଖ ଯେ, ଅଲ୍ଲାଃତାଲା ଦେଇଥିବା ଅନୁଗ୍ରହ ବା (ପୁରସ୍କାର)ର କୃତଜ୍ଞତା ଜ୍ଞାପନ କର । ତାହାଙ୍କର ଆଦର କର ଏବଂ ଭିକ୍ଷୁକଙ୍କୁ ଧମକାଅ ନାହିଁ । ଦାନ କରିବା ଭଲ କଥା ଏବଂ ଭିକ୍ଷୁକଙ୍କୁ ଦେବା ଉଚିତ୍ । ଏଥିରେ ଈଶ୍ୱର ପ୍ରସନ୍ନ ହୁଅନ୍ତି ଏବଂ ପୁରସ୍କାର ବୃଦ୍ଧି ମଧ୍ୟ କରନ୍ତି ।" **(ଅଲ୍-ହକମ୍, 13 ସେପ୍ଟେମ୍ବର 1909 ମସିହା, ଗ୍ରନ୍ଥଖଣ୍ଡ-2, ନମ୍ବର-26-27, ପୃ-11)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଯଦିଓ ଏହା ଗୋଟିଏ ବଡ଼ ହଦୀସ୍ ଅଟେ । ଏହି ହଦିସରେ ତିନି ପ୍ରକାରର ଲୋକଙ୍କ କଥା ଉଲ୍ଲେଖ କରାଯାଇଛି କିନ୍ତୁ ଆପଣ ଅ.ସ ଶିଶୁମାନଙ୍କ ପାଇଁ ସଂକ୍ଷିପ୍ତ କରି ଘରେ ଏହାକୁ କାହାଣୀ ରୂପରେ କହିଥିଲେ । **(ସହିହ୍ ବୁଖାରୀ, କିତାବୁ ଆହାଦିସୁଲ୍ ଅମ୍ବିୟା, ବାବ୍- ହଦିସୁ ଅବ୍‌ରସା ୱ ଆମା ୱ ଅକ୍ରାଆ ଫି ବନି ଇସ୍ରାଇଲ୍, ହଦିସ୍ ନଂ-3464)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଶୀତଦିନେ ରମଜାନ୍ ଆସିବା ଯୋଗୁଁ ଆପଣ ଅ.ସ ଏକ ସୂକ୍ଷ୍ମ ଶୈଳୀରେ କୃତଜ୍ଞତାର ଭାବାବେଗ ପ୍ରକାଶ କଲେ । ସୁତରାଂ ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ ଉଲ୍ଲେଖ କରନ୍ତି ଯେ, "ମୌଲବୀ ଶେର୍ ଅଲୀ ସାହେବ ମୋତେ ବର୍ଣ୍ଣନା କଲେ (କହିଲେ) ଯେ, ଏକଦା ହ. ମସିହ୍ ମଉଦ୍ ଅ.ସ କହୁଥିଲେ ଯେ, "ଏହା ମଧ୍ୟ ଅଲ୍ଲାଃତାଲାଙ୍କର ଏକ କୃପା ଅଟେ ଯେ, ସେ ମୋତେ ଏପରି ଏକ ସମୟରେ ପ୍ରେରଣ (ପଠାଇ) କରିଛନ୍ତି ଯେତେବେଳେ ରମଜାନ୍ ମାସ ଶୀତଦିନେ ପଡୁଛି ଏବଂ ରୋଜା (ଉପବାସ) ଅଧିକ ଶାରୀରିକ କଷ୍ଟର କାରଣ ହେଉ ନାହିଁ ଏବଂ ଆମେ ସହଜରେ ରମଜାନ୍ ମାସରେ ମଧ୍ୟ କାମ କରିପାରୁଛୁ ।' ମୌଲବୀ ସାହେବ କହୁଥିଲେ ଯେ, ସେହି ଦିନମାନଙ୍କରେ ରମ୍‌ଜାନ୍ ମାସ ଡିସେମ୍ବର ମାସରେ ଆସିଥିଲା।" ହ. ମିର୍ଜା ବଶୀର୍ ଅହମଦ ସାହେବ କୁହନ୍ତି ଯେ, "ମୁଁ ନିଜେ ସେହି ସମୟର କ୍ୟାଲେଣ୍ଡର ଦେଖିଛି।" ହ. ମସିହ୍ ମଉଦ୍ ଅ.ସ 1891 ମସିହାରେ ମସିହ୍ ହେବାର ଦାବି କରିଥିଲେ ଏବଂ 1891 ମସିହାରେ ହିଁ ରମ୍‌ଜାନ୍ ମାସ ଏପ୍ରିଲ୍ ମାସ 11 ତାରିଖରୁ ଆରମ୍ଭ ହୋଇଥିଲା। ଅର୍ଥାତ୍ ଏହା ରମ୍‌ଜାନ୍ ମାସ ପାଇଁ ଶୀତଋତୁରେ ପ୍ରବେଶ କରିବାର ପ୍ରାରମ୍ଭିକ ସମୟ ଥିଲା। ସୁତରାଂ 1892 ମସିହାରେ ରମ୍‌ଜାନ୍ ମାସର ଆରମ୍ଭ ମାର୍ଚ୍ଚ ମାସ 31 ତାରିଖରୁ ହୋଇଥିଲା । 1893 ମସିହାରେ ମାର୍ଚ୍ଚ ମାସ 20 ତାରିଖରୁ

ହୋଇଥିଲା ଏବଂ ଏହା ପରେ ରମଜାନ୍ ମାସ ପ୍ରତ୍ୟେକ ବର୍ଷ ବେଶୀ ଶୀତଦିନ ଆଡ଼କୁ ଆସିବାକୁ ଲାଗିଲା (ପଡ଼ିଲା) । ଯେତେବେଳେ 1908 ମସିହାରେ ହ. ମସିହ୍ ମଉଦ୍ ଅ.ସଙ୍କ ଅକାଳ ବିୟୋଗ ହେଲା ସେହି ବର୍ଷ ରମ୍‌ଜାନ୍ ମାସର ଆରମ୍ଭ ଅକ୍ଟୋବର ମାସ 1 ତାରିଖରୁ ହୋଇଥିଲା । ଏହିପରି ଭାବେ ହଜରତ ମସିହ୍ ମଉଦ୍ ଅ.ସଙ୍କ ଆଗମନର ସମ୍ପୂର୍ଣ୍ଣ ସମୟ ଏପରି ଅବସ୍ଥାରେ ବିତିଲା ଯେପରିକି ରମଜାନ୍‌ର ରୋଜା ଶୀତ ଋତୁରେ ଆସୁଥିଲା (ପଡୁଥିଲା) । ଏହା ଅଲ୍ଲାଃତାଲାଙ୍କର ଏକ ବିଶେଷ କୃପା ଥିଲା ଯାହା ତାହାଙ୍କ ସାଧାରଣ ବିଧିର ବିଧାନ ଅଧୀନରେ ଘଟିଥିଲା ଏବଂ ଯାହାକୁ ହଜରତ୍ ମସିହ୍ ମଉଦ୍ ଅ.ସଙ୍କ ସୂକ୍ଷ୍ମଦର୍ଶୀ ସ୍ୱଭାବ ଈଶ୍ୱରଙ୍କର ଏକ ଉପକାର ବୋଲି ମନେକରି ନିଜ ମଧ୍ୟରେ କୃତଜ୍ଞତାର ଭାବାବେଗ ଜାଗ୍ରତ କରିଥିଲେ ।" **(ସୀରତୁଲ୍ ମେହଦୀ, ଗ୍ରନ୍ଥଖଣ୍ଡ-1, ଭାଗ-2, ବର୍ଣ୍ଣନା ସଂଖ୍ୟା- 419, ପୃ-372-373)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ ଉକ୍ତ କଥା ଉପରେ ମଧ୍ୟ କୃତଜ୍ଞତା ପ୍ରକାଶ କରୁଥିଲେ ଯେ, କୌଣସି ବ୍ୟକ୍ତିଙ୍କ କାର୍ଯ୍ୟ ଦ୍ୱାରା ମାନବ ସମାଜର କଲ୍ୟାଣ ଯଦି ହୁଏ ତେବେ ତାହା ଉତ୍ତମ ଅଟେ । ସୁତରାଂ ମାନବ ସମାଜ ସହ ଜଡ଼ିତ ପୁଣ୍ୟାବଳୀଗୁଡ଼ିକର ଚର୍ଚ୍ଚା କରି ହ. ମୁସଲେହ ମଉଦ ର.ଅ ଚିକିତ୍ସା ସେବା ସଂପର୍କରେ ହ. ମୌଲାନା ହକିମ୍ ନୁରୁଦ୍ଦୀନ୍ ସାହେବ ର.ଅଙ୍କ ବିଷୟରେ ବର୍ଣ୍ଣନା କରି କୁହନ୍ତି,"ଏହା ଅର୍ଥାତ୍ ଚିକିତ୍ସା ସେବା ଅତ୍ୟନ୍ତ ଲାଭଦାୟକ ଜିନିଷ ଅଟେ । ହଜରତ ମସିହ୍ ମଉଦ୍ ଅ.ସ ଏହାକୁ ବହୁତ ଆଦର ଓ ସମ୍ମାନର ସହିତ ଦେଖୁଥିଲେ । ଥରେ ଘରେ ହ. ମୌଲବୀ ସାହେବଙ୍କ କଥା ଉଠିବାରୁ ଆପଣ ଅ.ସ ତାଙ୍କ ନାମ ନେଇ ଦୀର୍ଘ ସମୟ ଧରି '**ଅଲ୍‌ହମ୍‌ଦୁଲିଲ୍ଲାଃ, ଅଲ୍‌ହମ୍‌ଦୁଲିଲ୍ଲାଃ**' (ଈଶ୍ୱରଙ୍କୁ ଅଶେଷ ଅଶେଷ ଧନ୍ୟବାଦ ତଥା କୃତଜ୍ଞତା) କହି ଚାଲିଲେ ଏବଂ କହିଲେ, 'ମୌଲବୀ ସାହେବ' ଅର୍ଥାତ୍ ହଜରତ ହକିମ୍ ମୌଲବୀ ନୁରୁଦ୍ଦୀନ୍ ସାହେବ ର.ଅ 'ମଧ୍ୟ ଅଲ୍ଲାଃତାଲାଙ୍କ ଉପକାର ତଥା ପୁରସ୍କାର ମଧ୍ୟରୁ ଅନ୍ୟତମ ଅନୁଗ୍ରହ (ପୁରସ୍କାର) ଅଟନ୍ତି । ତାଙ୍କ ମାଧ୍ୟମରେ ଅନେକ ଗରିବ ଲୋକଙ୍କ ଚିକିତ୍ସା ଓ ଉପଚାର ସମ୍ଭବପର ହୋଇପାରୁଛି ।' ଚିକିତ୍ସା ତ' ଅନ୍ୟମାନଙ୍କର ବି ହେଉଥିଲା କିନ୍ତୁ କୃତଜ୍ଞତା ଆପଣ ଅ.ସ ପ୍ରକାଶ କରୁଥିଲେ ଯେ, ସେ ମାନବ ସମାଜର ସେବା କରୁଛନ୍ତି ଏବଂ ତାଙ୍କ ଦ୍ୱାରା ଲୋକଙ୍କର ଉପକାର ସାଧନ ହେଉଥିବାରୁ ଆପଣ ଅ.ସ ଈଶ୍ୱରଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରୁଥିଲେ । **(ତକ୍‌ରିର୍ ଜଲସା ସାଲାନା 27 ଡିସେମ୍ବର1922 ମସିହା, ଅନ୍‌ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-7, ପୃ-35)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ମାନବତା ପ୍ରତି ଆପଣ ଅ.ସଙ୍କର ଏପରି ସହାନୁଭୂତି ରହିଥିଲା ଯେ, ଲୋକଙ୍କ କଷ୍ଟ ଦୂର କରୁଥିବା ବ୍ୟକ୍ତିଙ୍କୁ ମଧ୍ୟ ଆପଣ ଅ.ସ ଧନ୍ୟବାଦ ଜଣାଉଥିଲେ (କୃତଜ୍ଞତା ଜ୍ଞାପନ କରୁଥିଲେ) ଏବଂ ଅଲ୍ଲାଃତାଲାଙ୍କର ମଧ୍ୟ କୃତଜ୍ଞତା ଜ୍ଞାପନ କରୁଥିଲେ । ସେ ଲୋକଙ୍କ ଦୁଃଖକଷ୍ଟ ଦୂର କରିବାର ବ୍ୟବସ୍ଥା କରିଛନ୍ତି । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, **ଇନ୍‌ଶାଅଲ୍ଲାଃ**, କୃତଜ୍ଞତା ସଂପର୍କରେ ଅବଶିଷ୍ଟାଂଶ କଥା ମୁଁ ଆଗାମୀ ଖୁତ୍‌ବାରେ ବର୍ଣ୍ଣନା କରିବି । ବର୍ତ୍ତମାନ ମୁଁ କେତେକ ମୃତକମାନଙ୍କର ଚର୍ଚ୍ଚା କରିବାକୁ ଚାହୁଁଛି । ନମାଜ୍ ପରେ ସେମାନଙ୍କର ନମାଜେ ଯନାଜାଃ ଗାଏବ୍ (ଅନୁପସ୍ଥିତ ମୃତ ବ୍ୟକ୍ତିର ଅନ୍ତିମ ନମାଜ୍ ପାଠ) ପାଠ କରାଇବି । ତନ୍ମଧ୍ୟରୁ ପ୍ରଥମ ଯନାଜାଃ ହେଉଛି ହାଫିଜ୍ ଶହବାଜ୍ ଅହମଦ ସାହେବଙ୍କର । ସ୍ୱର୍ଗତ ମହୋଦୟ ଆଇଭରୀ କୋଷ୍ଟରେ ଜମାଅତ୍‌ର ଧର୍ମପ୍ରଚାରକ (ମୁବଲ୍ଲିଗ୍) ଥିଲେ । ଗତ ଜୁଲାଇ ମାସ 18 ତାରିଖ ଦିନ ହୃଦ୍‌ଘାତ (ହୃଦ୍‌ସ୍ପନ୍ଦନ ବନ୍ଦ ହେବା) ଯୋଗୁଁ 31 ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଗଲା । **ଇନ୍ନା ଲିଲ୍ଲାଃହି ୱା ଇନ୍ନା ଇଲୈହି ରାଜିଉନ୍** । ଅଲ୍ଲାଃତାଲାଙ୍କ କୃପାରୁ ସେ 'ମୁସୀ' (ଓସିୟତ୍‌କାରୀ ବ୍ୟକ୍ତି) ଥିଲେ । ତାଙ୍କର ପରିବାର ମଧ୍ୟରେ ସ୍ତ୍ରୀ ଏବଂ ଗୋଟିଏ ଝିଅ ଅଛନ୍ତି । 2008 ମସିହାରେ ସେ ପବିତ୍ର କୁରଆନ୍ ମୁଖସ୍ଥ (ହିଫ୍‌ଜ) କରିଥିଲେ। 2019 ମସିହାରେ ଯାମିୟାରୁ ଶିକ୍ଷା ସମାପ୍ତ କରିବା ପରେ ନମଲ୍ (NUML) ୟୁନିଭର୍ସିଟିରୁ ଫ୍ରେଞ୍ଚ୍ ଭାଷାରେ ଏକ ବର୍ଷର ଡିପ୍ଲୋମା ଡିଗ୍ରୀ ହାସଲ କରିଥିଲେ । ଏହା ପରେ ଫ୍ରେଞ୍ଚ୍ ଭାଷାରେ ସେ ଏମ୍.ଏ. (ସ୍ନାତକୋତ୍ତର) ଡିଗ୍ରୀ ହାସଲ କଲେ । ପୁନଶ୍ଚ ତା'ପରେ ତାଙ୍କର ନିଯୁକ୍ତି ଆଇଭରୀ କୋଷ୍ଟରେ ହୋଇଥିଲା । ସ୍ୱର୍ଗତ ମହୋଦୟ ଅତ୍ୟନ୍ତ ମେଳାପୀ ପ୍ରିୟ, ଅତିଥିପରାୟଣ, ହସକୁରା (ସ୍ମିତହାସ୍ୟ ପ୍ରକାଶ୍ୟକାରୀ) ସ୍ୱଭାବର, ଖିଲାଫତ୍ ପ୍ରତି ଆନ୍ତରୀକତା, ଉତ୍ସର୍ଗୀକୃତ ମନୋଭାବ ଏବଂ ଆତ୍ମସମର୍ପଣ ମନୋଭାବ ଓ ୱକଫ୍ (ଉତ୍ସର୍ଗୀକୃତ)ର ଦାୟିତ୍ୱଗୁଡ଼ିକୁ ଉତ୍ତମ ଢଙ୍ଗରେ ସମ୍ପାଦନ କରୁଥିବା ଜଣେ ନିଷ୍ଠାପର ସେବକ ଥିଲେ । ଗତ କିଛି ସମୟ ହେବ ସେ ଉର୍ଦ୍ଦୁ ଓ ଫାର୍ସୀ ଭାଷାରେ ପବିତ୍ର କୁରଆନର ନାଜିରା (ପଠନ) ନିୟମାବଳୀ ସହ ଅନ୍‌ଲାଇନ୍ ପାଠ ପଢ଼ାଉଥିଲେ। ଉଲ୍ଲେଖକାରୀମାନେ ଉଲ୍ଲେଖ କରନ୍ତି ଯେ, ସ୍ୱର୍ଗତଙ୍କ ସବୁଠାରୁ ପ୍ରମୁଖ ବିଶେଷତା ଥିଲା ତାଙ୍କର ଆତ୍ମସମ୍ମାନ ଓ ଧୈର୍ଯ୍ୟ । ସେ କେବେ କାହା ଉପରେ ବୋଝ ହୋଇ ନାହାନ୍ତି। ଧର୍ମପ୍ରଚାରର ବେଶ୍ ଅଭିରୁଚି ରଖୁଥିଲେ । କେତେକ ସମୟରେ ସେ ନିଜ ଘରେ ହିଁ ପ୍ରଚାର ଆଲୋଚନା ବୈଠକ ରଖି  ନେଉଥିଲେ । ସହରର ଗଣ୍ୟମାନ୍ୟ ବ୍ୟକ୍ତି ଓ ପ୍ରଶାସନ ସହିତ ତାଙ୍କର ଅତ୍ୟନ୍ତ ଭଲ ସମ୍ପର୍କ ଥିଲା । ନିଜ ଜମାଅତ୍‌ର ଲୋକମାନଙ୍କ ମାର୍ଗଦର୍ଶନ ଓ ପ୍ରଶିକ୍ଷଣ ପାଇଁ ବିଭିନ୍ନ ଉପାୟ ଖୋଜୁଥିଲେ । ନିଜ ଏବଂ ଆଫ୍ରିକୀୟ ଲୋକଙ୍କ ମଧ୍ୟରେ ସେ କେବେ ହେଲେ ଦୂରତା ସୃଷ୍ଟି ହେବାକୁ ଦେଉ ନଥିଲେ । ନିଜ ଅଞ୍ଚଳରେ ଅତ୍ୟନ୍ତ ନିଷ୍ଠା ଓ ପରିଶ୍ରମ ସହକାରେ ଜମାଅତୀୟ ନିର୍ମାଣ କାର୍ଯ୍ୟ କରାଇଲେ ଏବଂ ଭଲ କାମ ସମ୍ପନ୍ନ କଲେ । କମ୍ ଖର୍ଚ୍ଚରେ ମସଜିଦ୍ ମଧ୍ୟ ନିର୍ମାଣ କରାଇଲେ । ତାଙ୍କ ସ୍ତ୍ରୀ ସବିକା ସାହିବା କୁହନ୍ତି ଯେ, 'ସେ ଜଣେ ଉତ୍ତମ, ପୁଣ୍ୟବାନ୍ ଏବଂ ଦାୟିତ୍ୱବାନ୍ ପ୍ରଚାରକ, ଜଣେ ଆଦର୍ଶ ସ୍ୱାମୀ ଓ ପିତା ଥିଲେ । ଗୋଟିଏ କଥା ଯାହା ସେ ସଦାସର୍ବଦା କହୁଥିଲେ ଯେ, 'ମୋ ପାଇଁ ପ୍ରାର୍ଥନା କର ଯେପରି ଅଲ୍ଲାଃତାଲା ମୋତେ ଜମାଅତ୍ ପାଇଁ କୌଣସି ବଡ଼ କାମ କରିବାର ତୌଫିକ୍ (ସାମର୍ଥ୍ୟ) ଦିଅନ୍ତୁ । ମୁଁ ଜମାଅତ୍ ପାଇଁ କିଛି କରିବାକୁ ଚାହେଁ ।' ତାଙ୍କ ଭିତରେ ବହୁତ ବ୍ୟାକୁଳତା ଥିଲା । ଜମାଅତୀୟ ସମ୍ପତ୍ତିକୁ ବହୁତ ଆଦର କରୁଥିଲେ ଓ ସମ୍ମାନ ଜଣାଉଥିଲେ । ସହନଶୀଳତା ତାଙ୍କ ଭିତରେ ଠୁଳ ହୋଇ ରହିଥିଲା । କୌଣସି ଅସୁବିଧା କିମ୍ବା ଦୁଃଖ ଥିଲେ ମଧ୍ୟ ସେ କେବେ ମୁହଁରେ ପ୍ରକାଶ ହେବାକୁ ଦେଉନଥିଲେ । କ୍ରୋଧର ନାଁ ଗନ୍ଧ ନଥିଲା। ସବୁ ସମୟରେ ହସହସ ମୁହଁରେ ରହୁଥିଲେ । ଅର୍ଥାତ୍ ସ୍ମିତହାସ୍ୟ ପ୍ରକାଶ କରୁଥିଲେ । ନମ୍ରତାର ସହିତ କଥାବାର୍ତ୍ତା କରୁଥିଲେ ଏବଂ ସ୍ନେହର ସହିତ ବୁଝାଉଥିଲେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ନୋମାନ୍ କଦୀର୍ ସାହେବ (ମୁବଲ୍ଲିଗ୍) ସିଲସିଲା କୁହନ୍ତି ଯେ, ହାଫିଜ୍ ସାହେବ ଜଣେ ବ୍ୟାବହାରିକ ଓ ବୁଦ୍ଧିମାନ ବ୍ୟକ୍ତି ଥିଲେ । ଜମାଅତୀୟ ମାମଲାରେ ଯେତେବେଳେ ବି ତାଙ୍କଠାରୁ ପରାମର୍ଶ ନିଆଯାଉଥିଲା ସେତେବେଳେ ସେ ଅତ୍ୟନ୍ତ ଚତୁରତାର ସହିତ ଏପରି ପରାମର୍ଶ ଦେଉଥିଲେ ଯେ, ଯେଉଁ ମାମଲା ବାହାରୁ କଠିନ ବୋଲି ଜଣାପଡୁଥିଲା ତାହା ସହଜରେ ସମାଧାନ ହୋଇଯାଉଥିଲା । ଅଳ୍ପ ବୟସରେ ହିଁ ଅଲ୍ଲାଃତାଲା ତାଙ୍କୁ ବହୁତ ଦକ୍ଷତା ଦେଇଥିଲେ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏହତିଶାମୁଲ୍ ହକ୍ ସାହେବ (ମୁବଲ୍ଲିଗ୍ ସିଲ୍‌ସିଲା) ଉଲ୍ଲେଖ କରନ୍ତି ଯେ, ଧର୍ମପ୍ରଚାରକଙ୍କ ବ୍ୟତୀତ ସ୍ଥାନୀୟ ଶିକ୍ଷକ (ମୁଅଲ୍ଲିମ୍), ପଡ଼ୋଶୀ ଏବଂ ଜମାଅତ୍‌ର ବନ୍ଧୁମାନଙ୍କ ସହିତ ମଧ୍ୟ ତାଙ୍କର ଘନିଷ୍ଠ ସମ୍ପର୍କ ଥିଲା ଯାହାର ଉଲ୍ଲେଖ ସେ ଅନେକ ଲୋକଙ୍କ ସାକ୍ଷାତ୍ ସମୟରେ କରିଛନ୍ତି । ସଙ୍କଟ ସମୟରେ ସେ ଅନ୍ୟମାନଙ୍କୁ ଗୁପ୍ତ ଭାବେ ସାହାଯ୍ୟ ମଧ୍ୟ କରୁଥିଲେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ରାଫେ ତବସ୍ସୁମ୍ ସାହେବ କୁହନ୍ତି ଯେ, ସ୍ୱର୍ଗତ ମହୋଦୟ ଜମାଅତ୍‌ର ପ୍ରତ୍ୟେକ କାର୍ଯ୍ୟକୁ ନିଜର ଦାୟିତ୍ୱ ବୋଲି ମନେକରୁଥିଲେ ଏବଂ କୌଣସି କାମ ନ୍ୟସ୍ତ କରାଗଲେ ତାହାକୁ କେବଳ ଦାୟିତ୍ୱର ସହିତ ନୁହେଁ ବରଂ ଉପାସନା ମନେକରି ସମ୍ପାଦନ କରୁଥିଲେ । ସମୟାନୁବର୍ତ୍ତିତା, ଯୋଜନାବଦ୍ଧତା, ଦାୟିତ୍ୱବୋଧ ଏବଂ ନିଷ୍ଠା ତାଙ୍କ ବ୍ୟକ୍ତିତ୍ୱର ପ୍ରମୁଖ ପକ୍ଷ ଥିଲା । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତଙ୍କର ଆଉ ଗୋଟିଏ ବିଶେଷତା ଏହା ଥିଲା ଯେ, ସେ ସଦାସର୍ବଦା ଜମାଅତ୍‌ର ଶିକ୍ଷା ଓ ପ୍ରଶିକ୍ଷଣ ପାଇଁ ନୂଆ ନୂଆ ଉପାୟ ଚିନ୍ତା କରୁଥିଲେ । ସେ ଯୁବକ, ଶିଶୁ ଏବଂ ବରିଷ୍ଠ ସମସ୍ତଙ୍କ ପ୍ରଶିକ୍ଷଣ ପାଇଁ ଚିନ୍ତିତ ରହୁଥିଲେ, ଯାହା ଜଣେ ମୁରବ୍ବୀ (ମାର୍ଗଦର୍ଶକ ମୁବଲ୍ଲିଗ୍)ଙ୍କଠାରେ ରହିବା ଅତ୍ୟନ୍ତ ଜରୁରୀ ଅଟେ । ସେହିପରି ସ୍ୱର୍ଗତଙ୍କର ଅନ୍ୟ ଏକ ବିଶେଷତା ଏହା ଥିଲା ଯେ ତାଙ୍କ ଠାରେ ଅପାର ନିଷ୍ଠା ରହିଥିଲା ଏବଂ ସେ ନିଃସ୍ୱାର୍ଥପର ଭାବେ ସେବା କରୁଥିଲେ । କେବେ ପ୍ରକାଶ କରୁନଥିଲେ । ସେ ପ୍ରସିଦ୍ଧି ଚାହୁଁ ନଥିଲେ, ବରଂ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ଚାହୁଁଥିଲେ । ଯେଉଁଠାରେ ବି ଦାୟିତ୍ୱ ମିଳିଲା ସର୍ବଦା ସେ ନିଜକୁ ଧର୍ମସେବାରେ ନିୟୋଜିତ ରଖୁଥିଲେ । ଶିଶୁମାନଙ୍କୁ ପବିତ୍ର କୁରଆନ୍ କରୀମ୍ ସଠିକ୍ ଉଚ୍ଚାରଣ ଶିକ୍ଷା  ଦେବା ସହିତ ବହୁତ ସ୍ନେହର ସହିତ ସେମାନଙ୍କ ପାଠ ପଢ଼ାଉଥିଲେ ଏବଂ ଅନେକ ଶିଶୁମାନେ ତାଙ୍କର ଛାତ୍ର ଅଟନ୍ତି ଯିଏ ତାଙ୍କୁ ମନେ ପକାଉଛନ୍ତି ଏବ ଝୁରି ହେଉଛନ୍ତି ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଦ୍ୱିତୀୟ ଯନାଜାଃ ହେଉଛି ୟିଲିଙ୍ଗା ମୁମିନୀ (Yilyinga Moumini) ସାହେବଙ୍କର । ସେ ବୁର୍କିନା ଫାସୋର ବାସିନ୍ଦା ଥିଲେ । ସେଠାରେ ଗୋଟିଏ ସ୍ଥାନର ଜଇମ୍ ଅନ୍‌ସାରୁଲ୍ଲାଃ (ସଂଗଠନର ମୁଖ୍ୟ) ଥିଲେ । ଜୁଲାଇ ମାସର କଥା ହେବ, ସେ ବିଲରେ କାମ କରୁଥିବା ସମୟରେ ଆତଙ୍କବାଦୀମାନେ ତାଙ୍କୁ ଗୁଳି କରି ଶହୀଦ୍ କରିଦେଲେ । **ଇନ୍ନା ଲିଲ୍ଲାଃହି ୱା ଇନ୍ନା ଇଲୈହି ରାଜିଉନ୍** । 1989 ମସିହାରେ ସେ ବୈଅତ୍ (ଦୀକ୍ଷା ଗ୍ରହଣ) କରିଥିଲେ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ୱଦୁଦ୍ ସାହେବ (ମୁବଲ୍ଲିଗ୍ ସିଲ୍‌ସିଲା) ଉଲ୍ଲେଖ କରନ୍ତି ଯେ,  ସ୍ୱର୍ଗତ ଶହୀଦ ମହୋଦୟ ଜମାଅତ୍ ଏବଂ ଖିଲାଫତ୍ ପ୍ରତି ଗଭୀର ପ୍ରେମ ଏବଂ ଆନ୍ତରୀକତା ଭାବ ପୋଷଣ କରୁଥିବା ଜଣେ ଅତ୍ୟନ୍ତ ନିଷ୍ଠାପର ବ୍ୟକ୍ତି ଥିଲେ । ତାଙ୍କ ଠାରେ ପବିତ୍ର କୁରଆନ୍ କରୀମ୍ ପ୍ରତି ପ୍ରେମ, ମସ୍‌ଜିଦ୍ ସହିତ ଗଭୀର ସମ୍ପର୍କ, ଉପାସନା, ଖିଲାଫତ୍‌ର ଆଜ୍ଞାପାଳନ ଏବଂ ଜମାଅତୀୟ ସେବା ପ୍ରତି ବିଶେଷ ଆଗ୍ରହ ରହିଥିଲା । ସେହିପରି ଅବ୍‌ଦୁଲ୍ଲାଃ ଜର୍ଙ୍ଗାନୀ ସାହେବ (ମୁଅଲ୍ଲିମ୍ ସିଲ୍‌ସିଲା) ବର୍ଣ୍ଣନା କରନ୍ତି ଯେ, ସେ ଅତ୍ୟନ୍ତ ସାହସୀ, ନିର୍ଭୀକ, ନିଷ୍ଠାପର, ଈଶ୍ୱରଭୀରୁ, ଉପାସକ, ସଦାଚାରୀ, ମେଳାପୀ ପ୍ରିୟ, ଅଳ୍ପଭାଷୀ ଏବଂ ଖିଲାଫତ୍ ପ୍ରତି ପ୍ରେମ ଓ ଆଜ୍ଞାପାଳନ କରୁଥିବା ଶ୍ରେଷ୍ଠ କର୍ମୀ ଥିଲେ । ପ୍ରାୟତଃ ମସ୍‌ଜିଦ୍‌ରେ ସର୍ବ ପ୍ରଥମେ ପହଞ୍ଚୁଥିଲେ ଏବଂ ବସି ପବିତ୍ର କୁରଆନ୍ କରୀମ୍ ପାଠ କରୁଥିଲେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ମୁଅଲ୍ଲିମ୍ ସାହେବ ବର୍ଣ୍ଣନା କରନ୍ତି ଯେ, ଫଜର୍ (ସକାଳ ସମୟରେ) ସମୟରେ ଯେତେବେଳେ ମୁଁ ତାଙ୍କ ଘର ସାମ୍ନା ଦେଇ ଯାଉଥିଲି ସେତେବେଳେ ତାଙ୍କ ଘରୁ କୁରଆନ୍ କରୀମ୍ ପାଠର ଶବ୍ଦ ଶୁଭୁଥିଲା। ଅବ୍‌ଦୁର ରହମାନ୍ ସାହେବ ଯିଏ ସେହି ଅଞ୍ଚଳର ଆଞ୍ଚଳିକ ସଭାପତି (ରିଜ୍‌ନାଲ୍ ପ୍ରେସିଡେଣ୍ଟ୍) ଅଟନ୍ତି ସେ କୁହନ୍ତି, 'ଜମାତୀୟ ସ୍ତରରେ ସ୍ୱଚ୍ଛତା କାର୍ଯ୍ୟ (ୱକାରେ ଅମଲ୍) ସମୟରେ ବୟସରେ ବଡ଼ ହୋଇଥିଲେ ମଧ୍ୟ ଯେତେବେଳେ ବି ମୁଁ ତାଙ୍କୁ କହୁଥିଲି, ସେ ନିଜେ ଆସୁଥିଲେ ଏବଂ ନିଜର ଛୁଆମାନଙ୍କୁ ମଧ୍ୟ ସାଙ୍ଗରେ ଧରି ଆଣୁଥିଲେ ଏବଂ ପ୍ରତ୍ୟେକ ଜଲସା ଓ ସଭାରେ ନିଶ୍ଚିତ ଯୋଗ ଦେଉଥିଲେ । ଦେହ ଅସୁସ୍ଥ ଥିଲେ ମଧ୍ୟ ଜମାଅତୀୟ କାର୍ଯ୍ୟକ୍ରମରେ ଯୋଗ ଦେଉଥିଲେ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅମୀନ୍ ବଲୁହ୍ ସାହେବ କୁହନ୍ତି ଯେ, ମୁଁ ମଧ୍ୟ ସେହି ଅଞ୍ଚଳରେ ରହିଛି । ସେ ଆର୍ଥିକ ଦାନରେ (ଚାନ୍ଦା)

ଦେବାରେ ବହୁତ ନିୟମିତ ଥିଲେ । ସେହିପରି ବାଲ୍‌ବୋନେ ସାହେବ (ସ୍ଥାନୀୟ ମୁଅଲ୍ଲିମ୍) କୁହନ୍ତି ଯେ, ଶାହାଦତ୍‌ର ଗୋଟିଏ ଦିନ ପୂର୍ବରୁ ମଧ୍ୟ ସେ ନିଜ ଚାନ୍ଦା ସମ୍ପର୍କରେ ଯୋଗାଯୋଗ କରିଥିଲେ ଏବଂ ତାହା ପରିଶୋଧ କରିବାକୁ ମତ ପ୍ରକାଶ କରିଥିଲେ । ସେ ଜମାଅତ୍ ସେବାର ଭାବାବେଗରେ ପରିପୂର୍ଣ୍ଣ ଥିଲେ । ଏହି ସମସ୍ତ ବୈଶେଷ୍ଟ୍ୟତା ପ୍ରତ୍ୟେକ ଉଲ୍ଲେଖକକାରୀମାନେ ତାଙ୍କ ସଂପର୍କରେ ଉଲ୍ଲେଖ କରିଛନ୍ତି । ତାଙ୍କ ପରିବାର ମଧ୍ୟରେ ଦୁଇଜଣ ସ୍ତ୍ରୀ ଏବଂ ୧୩ ଜଣ ପୁଅ ଝିଅ ଅଛନ୍ତି । ଅଲ୍ଲାଃତାଲା ତାଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ତୃତୀୟ ଯନାଜାଃ ହେଉଛି ୟହ୍ୟା ସୋମାରେ (Soumare) ସାହେବଙ୍କର । ସେ ମାଲୀ ଦେଶର ବାସିନ୍ଦା ଥିଲେ । ତାଙ୍କର ମଧ ଗତ ଦିନ 32 ବର୍ଷ ବୟସରେ ପରଲୋକ ହୋଇଯାଇଛି । **ଇନ୍ନା ଲିଲ୍ଲାଃହି ୱା ଇନ୍ନା ଇଲୈହି ରାଜିଉନ୍।** ସେ ମଧ୍ୟ ଜଣେ ଶହୀଦ୍ ଅଟନ୍ତି । ମାଲୀରେ ଆତଙ୍କବାଦ ଦୌରାତ୍ମ୍ୟ କାରଣରୁ କିଛି ଦିନ ହେବ ପରିସ୍ଥିତି ଅତ୍ୟନ୍ତ ଖରାପ ରହିଛି । ୟହ୍ୟା ସୋମାରେ ସାହେବ ଗାଓ ରିଜିଅନ୍ ଅଞ୍ଚଳର ଏନିଫିସ୍ (Anefis)ରେ ସୈନ୍ୟ ଡ୍ୟୁଟିରେ ମୁତୟନ ହୋଇଥିଲେ। ସେ ସେନାରେ ଥିଲେ । 4 ଜୁଲାଇ ଦିନ ପାଣିପାଗ ଖରାପ ଥିଲା, ପ୍ରବଳ ପବନ ବହୁଥିଲା । ସେହି ସମୟରେ ସେ ନିଜର ଉଚ୍ଚ ଅଧିକାରୀଙ୍କୁ କହିଲେ ଯେ, ମୁଁ ଡ୍ୟୁଟିରେ ଥିବା ସୈନ୍ୟଦଳର କୁଶଳ ସମ୍ବାଦ ଟିକେ ବୁଝି ଆସୁଛି । ଆତଙ୍କବାଦୀଙ୍କ ବିରୋଧରେ ପାଟ୍ରୋଲିଂ କରୁଥିବା ଦଳକୁ ଦେଖିବା ପାଇଁ ଯେତେବେଳେ ସେ ବାହାରକୁ ଗଲେ ସେହି ସମୟରେ ଆତଙ୍କବାଦୀମାନେ ତାଙ୍କ ଉପରକୁ ଆକ୍ରମଣ କରିଦେଲେ ଏବଂ ଇତି ମଧ୍ୟରେ ୟହ୍ୟା ସାହେବ ଶହୀଦ୍ ହୋଇଗଲେ । ତାଙ୍କ ବିଷୟରେ ଏହା ମଧ୍ୟ ଉଲ୍ଲେଖ କରାଯାଇଛି ଯେ, ସେପ୍ଟେମ୍ବର ମାସ 22 ତାରିଖ ଦିନ ମାଲୀର ସ୍ୱାଧୀନତା ଦିବସ ଅବସରରେ ସେନାରେ ତାଙ୍କର ପଦୋନ୍ନତି ହେବାର ଥିଲା ଏବଂ 'ମେଡାଲ୍ ଅଫ୍ ଅନର' ମଧ୍ୟ ମିଳିବାର ଥିଲା । ସେନା ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଥିଲା । ସେହିପରି ତାଙ୍କର ନିଯୁକ୍ତି ଗୋଟିଏ ବଡ଼ ସହରରେ ହେବାର ଥିଲା କିନ୍ତୁ ତାହା ପୂର୍ବରୁ ହିଁ ସେ ଶାହାଦତ୍ (ବୀରଗତି) ପ୍ରାପ୍ତ କଲେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ତାଙ୍କ ଭାଇ ଫୋଦୀ ସୋମାରେ ସାହେବ କୁହନ୍ତି ଯେ, ୟହ୍ୟା ସୋମାରେ ସାହେବ 2022 ମସିହା ଜଲ୍‌ସା ସାଲାନାରେ ଯୋଗ ଦେଇଥିଲେ । ଜଲ୍‌ସା ସମୟରେ ହ. ମସିହ୍ ମଉଦ୍ ଅ.ସଙ୍କ ଫଟୋ ଦେଖିବା ମାତ୍ରେ ତାଙ୍କ ହୃଦୟରେ ଏକ ବିଶେଷ ଭାବନା ଜାଗ୍ରତ ହେଲା ଏବଂ ଗୋଟିଏ ବିଶେଷ ଶାନ୍ତି ଓ ସନ୍ତୁଷ୍ଟି ଅନୁଭବ କଲେ । ଜଲ୍‌ସା ସମୟରେ ଭାଷଣ ଶୁଣିବା ଏବଂ ଜମାତୀୟ ସାହିତ୍ୟ, ବିଶେଷକରି 'ଇସ୍‌ଲାମୀ ଉସୁଲ୍ କୀ ଫିଲୋସଫୀ'ର ସ୍ଥାନୀୟ ଭାଷାରେ ଅନୁବାଦ ପଢ଼ିବା ଦ୍ୱାରା ତାଙ୍କର ବିଶ୍ୱାସ ଆହୁରି ଦୃଢ଼ୀଭୂତ ହେଲା । ବିଶେଷ କରି ଜିହାଦ୍ ସମ୍ପର୍କିତ ଅହମଦିୟା ଜମାଅତ୍‌ର ଯୁକ୍ତିଯୁକ୍ତ ଓ ଇସ୍‌ଲାମୀୟ ନିୟମାନୁସାରୀ ଦୃଷ୍ଟିକୋଣ ତାଙ୍କ ହୃଦୟରେ ଗଭୀର ପ୍ରଭାବ ପକାଇଲା ଏବଂ ସେହି ଜସା ସାଲାନାର ପବିତ୍ର ଅବସରରେ ହିଁ ସେ ବୈଅତ୍ କରି ଜମାଅତ୍‌ରେ ଯୋଗଦାନ କଲେ (ସାମିଲ୍ ହେଲେ) । ତାଙ୍କ ପତ୍ନି କୁହନ୍ତି ଯେ, ସେ ଜଣେ ଆଦର୍ଶ ସ୍ୱାମୀ, ନିଜ ସନ୍ତାନ ପାଇଁ ଅତ୍ୟନ୍ତ ସ୍ନେହୀ ପିତା ଏବଂ ଆମର ପ୍ରତ୍ୟେକ ଆବଶ୍ୟକତାର ଯତ୍ନ ନେଉଥିବା ବ୍ୟକ୍ତି ଥିଲେ । ପ୍ରତ୍ୟେକ କଠିନ ସମୟରେ ଆମ ପାଇଁ ଦୃଢ଼ ସାହାରା ହେଉଥିଲେ । ସ୍ୱର୍ଗତଙ୍କ ପିତାମାତା କୁହନ୍ତି ଯେ, ଆମ ସହିତ ପୁତ୍ରର ଅତ୍ୟନ୍ତ ପ୍ରେମ ଓ ସମ୍ମାନପୂର୍ଣ୍ଣ ସମ୍ପର୍କ ଥିଲା । ସେ ନିୟମିତ ଫୋନ୍ କରି ଆମର କୁଶଳ ମଙ୍ଗଳ ପଚାରୁଥିଲେ । ଆମ ଆବଶ୍ୟକତାର ଧ୍ୟାନ ରଖୁଥିଲେ ଏବଂ ଆମର ପ୍ରତ୍ୟେକ କଷ୍ଟ ଦୂର କରିବାକୁ ଚେଷ୍ଟା କରୁଥିଲେ । ସେ ବହୁତ ବାଧ୍ୟ ପୁଅ ଥିଲେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ମିଶ୍‌ନାରୀ ଇନ୍‌ଚାର୍ଜ ସାହେବ (ମାଲୀ) ଉଲ୍ଲେଖ କରନ୍ତି ଯେ, ସେ ଜଣେ ହସକୁରା ଯୁବକ ଓ ଖୁସ୍‌ମିଜାଜ୍ ବ୍ୟକ୍ତି ଥିଲେ । ନମାଜ୍ ଓ ରୋଜାର ପାଳନକାରୀ (ନିୟମାନୁବର୍ତ୍ତୀ), ଅଭାବୀ ଲୋକମାନଙ୍କ ଯତ୍ନ ନେଉଥିବା, ନିଜର ଓ ପର ସମସ୍ତଙ୍କ ପାଇଁ ଏକ ଉତ୍ତମ ଆଦର୍ଶ ସାଜିଥିବା ବ୍ୟକ୍ତି, ପାରିବାରିକ ସମ୍ପର୍କକୁ ଉତ୍ତମ ଭାବେ ସମ୍ପାଦନ କରୁଥିବା ବ୍ୟକ୍ତି, ସାଧୁ ଓ ନିଷ୍ଠାପର ମଣିଷଟିଏ ଥିଲେ। ନୂତନ ବୈଅତ୍‌କାରୀ ହୋଇଥିଲେ ମଧ୍ୟ ସ୍ୱର୍ଗତଙ୍କର ଅହମଦିୟା ଜମାଅତ୍, ହ. ମସିହ୍ ମଉଦ୍ ଅ.ସ ଏବଂ ଖଲିଫାମାନଙ୍କ ପ୍ରତି ଅତ୍ୟନ୍ତ ଗଭୀର ଭକ୍ତି, ଶ୍ରଦ୍ଧା ତଥା ଗଭୀର ଆତ୍ମୀୟତା ଏବଂ ପ୍ରକୃତ ପ୍ରେମର ସମ୍ପର୍କ ଥିଲା । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ତାଙ୍କ ପିତା ଅହମଦି ନଥିଲେ । କିନ୍ତୁ ପୁଅର ଶାହାଦତ୍ ପରେ ସେ ଦେଖିଲେ ଯେ ଜମାଅତ୍‌ର ସଦ୍‌ବ୍ୟବହାର କିପରି ଏବଂ ଜମାଅତ୍ କିପରି ସବୁକିଛି ସମ୍ଭାଳିଛି । ଏହି ସହାନୁଭୂତିକୁ ଦେଖି ସେ ପ୍ରଭାବିତ ହେଲେ । ସେ ଧର୍ମ ବିଷୟରେ ପୂର୍ବରୁ ହିଁ ଗବେଷଣା କରୁଥିଲେ। ସେ କହିଲେ ଯେ ଅହମଦିୟତ୍‌ର ସତ୍ୟତା ଏବେ ମୋ ସାମ୍ନାରେ ସ୍ପଷ୍ଟ ହୋଇଗଲା । ଅତଏବ୍ ସେ ବୈଅତ୍ କରିବାକୁ ନିଷ୍ପତ୍ତି ନେଇଛନ୍ତି ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ପରବର୍ତ୍ତୀ ଚର୍ଚ୍ଚା ହେଉଛି ଶ୍ରୀଯୁକ୍ତ ସିରାଜୁଲ୍ ହକ୍ କୁରୈଶୀ ସାହେବଙ୍କର । ସେ ଜଲ୍‌ସା ସାଲାନା ରବ୍‌ୱାର ନାଏବ ଅଫିସର ଥିଲେ। ତାଙ୍କର ମଧ ବିଗତ ଦିନରେ ୪୬ ବର୍ଷ ବୟସରେ ବିୟୋଗ ହୋଇଯାଇଛି । **ଇନ୍ନା ଲିଲ୍ଲାଃହି ୱା ଇନ୍ନା ଇଲୈହି ରାଜିଉନ୍** । ଅଲ୍ଲାଃତାଲାଙ୍କ କୃପାରୁ ସେ 'ମୁସି' ଥିଲେ । ତାଙ୍କ ପରିବାରରେ ଅହମଦିୟତ୍ ତାଙ୍କ ଦଦା (ଜେଜେବାପା) ହ. ମିଆଁ କୁତବୁଦ୍ଦୀନ୍ ସାହେବ[ର.ଅ] ଯିଏ ହଜରତ୍ ମସିହ୍ ମଉଦ୍ ଅ.ସଙ୍କ ଜଣେ ସାଥୀ (ସାହାବି) ଥିଲେ, ତାଙ୍କ ମାଧ୍ୟମରେ ଆସିଥିଲା । ସେ ସ୍ୱପ୍ନ ଦେଖିଥିଲେ ଯେ, ମସିହ୍ ମଉଦ୍ ଅ.ସ ଆସିଯାଇଛନ୍ତି। ତଦନୁସାରେ ସେ କାଦିୟାନ୍ ଗଲେ ଏବଂ ହୁଜୁର୍ ଅ.ସଙ୍କ ହାତରେ ବୈଅତ୍ କଲେ । ତାଙ୍କ ଜେଜେମା' ମଧ ସାହାବିୟା ଥିଲେ । ଅଲ୍ଲାଃତାଲା ତାଙ୍କ ଜେଜେବାପାଙ୍କୁ ଦୁଇ ପୁଅ କୁରୈଶୀ ଫଜଲ୍ ହକ୍ ଏବଂ କୁରୈଶୀ ଅବ୍‌ଦୁଲ୍ ଗନୀ ସାହେବ ପ୍ରଦାନ କରିଥିଲେ । ଏହି ଦୁଇ ପୁଅ ଧର୍ମର ବହୁତ ସେବା କରୁଥିଲେ । ସେ ବ୍ୟବସାୟ କରୁଥିଲେ ମଧ୍ୟ ସବୁ ସମୟରେ ଧର୍ମସେବା ପାଇଁ ପ୍ରସ୍ତୁତ ରହୁଥିଲେ । ରବ୍‌ୱାର ବିକାଶ ଓ ଆବାସରେ ମଧ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଥିଲା । ବିଶେଷ କରି ଯେତେବେଳେ ପାଣି ଖୋଜିବା କାର୍ଯ୍ୟ ଆରମ୍ଭ ହେଲା ସେତେବେଳେ ନଳକୂପ ଆଦି ବସାଇବା କାମ ତାଙ୍କ ଉପରେ ନ୍ୟସ୍ତ କରାଯାଇଥିଲା । କୁରୈଶୀ ସିରାଜୁଲ୍ ହକ୍ ସାହେବଙ୍କ ନନା (ଅଜା) ମୌଲବୀ ମୁହମ୍ମଦ ଉସ୍‌ମାନ୍ ସାହେବ ର.ଅ ମଧ ସାହାବୀ ଥିଲେ । ଆଜିକାଲି ସେ ନାଏବ୍ ନାଜିର୍ ଏବଂ ଜଲ୍‌ସା ସାଲାନାର ନାଏବ ଅଫିସର୍ ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ । ନିୟମିତ ଜମାତୀୟ ସେବା ତ' ସେ କିଛି ବର୍ଷ ପୂର୍ବରୁ ପ୍ରାୟ 15-20 ବର୍ଷ ପୂର୍ବରୁ ଆରମ୍ଭ କରିଥିଲେ । ତାହା ପୂର୍ବରୁ ସେ ଶିକ୍ଷା ବିଭାଗରେ ବିଭିନ୍ନ କଲେଜରେ ଅଧ୍ୟାପନା ସେବା ନିର୍ବାହ କରୁଥିଲେ । ଟି.ଆଇ. କଲେଜ ରବୱାରେ ମଧ ସେ ପିଲାମାନଙ୍କୁ ଅଧ୍ୟାପନା ଦେଉଥିଲେ ଅର୍ଥାତ୍ ପାଠ ପଢ଼ାଉଥିଲେ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସୟେଦ କାସିମ୍ ଅହମଦ ସାହେବ କୁହନ୍ତି ଯେ, ସିରାଜୁଲ୍ ହକ୍ କୁରୈଶୀ ସାହେବଙ୍କ ଦେହାନ୍ତରେ ଜଲ୍‌ସା ସାଲାନା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏପରି ମ୍ରିୟମାଣ ଅନୁଭବ କରୁଛନ୍ତି ଯେପରିକି ସେମାନଙ୍କର ଜଣେ ଅତ୍ୟନ୍ତ ସହାନୁଭୂତିଶୀଳ ଓ ଦୁଃଖର ସାଥୀ ବରିଷ୍ଠ ବ୍ୟକ୍ତି ଅଲଗା ହୋଇଯାଇଛି । ଯେତେବେଳେ ବି ତାଙ୍କୁ କୌଣସି କାମ ଦିଆଯାଉଥିଲା ସେତେବେଳେ ସେ ସେହି କାର୍ଯ୍ୟନ୍ତକୁ ଅତ୍ୟନ୍ତ ଦାୟିତ୍ୱର ସହିତ ସମ୍ପାଦନ କରୁଥିଲେ । ତାଙ୍କ ପରିବାର ମଧ୍ୟରେ ଦୁଇ ଝିଅ ଏବଂ ଦୁଇ ପୁଅ ଅଛନ୍ତି । ଜଣେ ପୁଅ କମ୍ମୁଲ୍ ହକ୍ କୁରୈଶୀ ସାହେବ ଜମାଅତ୍‌ର ମୁବଲ୍ଲିଗ୍ (ଧର୍ମପ୍ରଚାରକ ମୁରବ୍ବୀ) ଅଟନ୍ତି ଏବଂ ଇତିହାସ ବିଭାଗରେ ସେବା କରୁଛନ୍ତି । ଅଲ୍ଲାଃତାଲା ତାଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ସ୍ୱର୍ଗତଙ୍କ ସ୍ତରକୁ ଉନ୍ନୀତ କରନ୍ତୁ । **ଆମିନ୍** ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପରବର୍ତ୍ତୀ ଚର୍ଚ୍ଚା ହେଉଛି ଶ୍ରୀଯୁକ୍ତ ସ୍ୱର୍ଗତ ଲୱାଲ୍ ଟୈୟେବ୍ (Lawal Toyeeb) ସାହେବଙ୍କର । ସେ ନାଇଜେରିଆ ଜମାଅତ୍‌ର ଶିକ୍ଷକ (ମୁଅଲ୍ଲିମ୍) ଥିଲେ । ଗତ ଦିନରେ 30 ବର୍ଷ ବୟସରେ ତାଙ୍କର ଅକାଳ ବିୟୋଗ ହୋଇଯାଛି । **ଇନ୍ନା ଲିଲ୍ଲାଃହି ୱା ଇନ୍ନା ଇଲୈହି ରାଜିଉନ୍।** ଅଲ୍ଲାଃତାଲାଙ୍କ କୃପାରୁ ସେ 'ମୁସି' (ଓସିୟତ୍ କରିଥିଲେ) ଥିଲେ । ଜଲ୍‌ସା ସାଲାନା ଦିନଗୁଡ଼ିକରେ ସିଧାସଳଖ ସମ୍ପ୍ରଚାର (ଲାଇଭ୍ ବ୍ରଡ୍‌କାଷ୍ଟ) ପ୍ରସ୍ତୁତି ସମୟରେ ସେ ମସ୍‌ଜିଦର ସାଟେଲାଇଟ୍ ଡିଶ୍ ମରାମତି କରୁଥିବା ବେଳେ ଶିଡ଼ିରୁ ଖସିପଡ଼ି ଗୁରୁତର ଭାବରେ ଆହତ ହୋଇଥିଲେ । ଚିକିତ୍ସା ସତ୍ତ୍ୱେ ସେ ବଞ୍ଚିପାରିଲେ ନାହିଁ । ତାଙ୍କ ମେରୁଦଣ୍ଡରେ ଗୁରୁତର ଆଘାତ ଲାଗିଥିଲା । ପରିବାରବର୍ଗଙ୍କ ମଧ୍ୟରେ ପିତାମାତା ଓ ସ୍ତ୍ରୀଙ୍କ ବ୍ୟତୀତ ପ୍ରାୟ 11 ମାସର ଗୋଟିଏ କନ୍ୟା (ଝିଅ) ସନ୍ତାନ ରହିଛି ।

ସ୍ୱର୍ଗତ ମହୋଦୟ 2018 ମସିହାରେ ଯାମିଆତୁଲ୍ ମୁବଶ୍ଶିରୀନ୍ ନାଇଜେରିଆରୁ ଶିକ୍ଷା ସମାପ୍ତ କରିଥିଲେ ଏବଂ ମୁଅଲ୍ଲିମ୍ ଭାବେ ତାଙ୍କର ନିଯୁକ୍ତି ହୋଇଥିଲା । ସେ ଅତ୍ୟନ୍ତ ନମ୍ର, ସକ୍ରିୟ ଓ ନିଷ୍ଠାପର ମୁଅଲ୍ଲିମ୍ ଥିଲେ । ଜମାଅତ୍ ପକ୍ଷରୁ ନ୍ୟସ୍ତ କରାଯାଉଥିବା ପ୍ରତ୍ୟେକ ଦାୟିତ୍ୱ ନିଜ ସାମର୍ଥ୍ୟ ଅନୁସାରେ ଅତ୍ୟନ୍ତ ଉତ୍ତମ, ପରିଶ୍ରମ ଓ ନିଷ୍ଠାର ସହିତ ସର୍ବୋତ୍ତମ ଶୈଳୀରେ ସମ୍ପାଦନ କରୁଥିଲେ । ତାଙ୍କ ପିତାମାତା କୁହନ୍ତି ଯେ, ସେ ଅତ୍ୟନ୍ତ ଦାୟିତ୍ୱବାନ୍, ପିତାମାତାଙ୍କର ବହୁତ ଯତ୍ନ ନେଉଥିବା ପୁଅ ଏବଂ ସେବାକାରୀ ପୁଅ ଥିଲେ । ସୀମିତ ଆର୍ଥିକ ସମ୍ବଳ ସତ୍ତ୍ୱେ ସର୍ବଦା ଯଥାସମ୍ଭବ ନିଜ ପିତାମାତାଙ୍କ ଆର୍ଥିକ ଆବଶ୍ୟକତା ପୂରଣ କରିବାକୁ ଚେଷ୍ଟା କରୁଥିଲେ । ତାଙ୍କ ପତ୍ନି କୁହନ୍ତି, ଜମାଅତୀୟ ଦାୟିତ୍ୱ ନିର୍ବାହ କରିବା ସହ ଇସ୍‌ଲାମୀୟ ଶିକ୍ଷା ଓ ଖିଲାଫତେ ଅହମଦିୟାର ନିର୍ଦ୍ଦେଶାବଳୀକୁ ବ୍ୟାବହାରିକ ରୂପେ ସେ ପାଳନ କରୁଥିଲେ । ନିଜର ଉତ୍ତମ ଆଚରଣ, ନିଷ୍ଠା ଓ ସ୍ନେହ କାରଣରୁ ଜମାଅତ୍‌ର ସଦସ୍ୟ, ଅବଶିଷ୍ଟାଂଶ... ପୃ-09 ରେ

### ଅଲ୍ଲାଃତାଲାଙ୍କ ବାଣୀ

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢ଼ି ପ୍ରେରଣ କରିଛୁ ।**

**ତାଲିବେ ଦୁଆ:** Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

### ଅଲ୍ଲାଃତାଲାଙ୍କ ବାଣୀ

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"

(ଆଲେ ଇମ୍ରାନ୍ :93)

**ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।**

**ତାଲିବେ ଦୁଆ:** Sheikh Ghulam Ahmad & Family, Jamat Ahmadiya Bhadrak (Odisha)



## ପୃ-08ରେ ବର୍ଣ୍ଣିତ ଖୁତବା ଜୁମା 14-08-26ରେ ଅବଶିଷ୍ଟାଂଶ..."

ଅନ୍ୟ ମୁସଲିମ୍ ଏବଂ ଅଣ-ମୁସଲିମ୍ ସମସ୍ତଙ୍କ ନିକଟରେ ସମାନ ରୂପେ ପ୍ରିୟପାତ୍ର ହୋଇପାରିଥିଲେ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ମୁନୱର୍ ସାହେବ ନାମକ ଜଣେ ମୁଅଲ୍ଲିମ୍ ସାହେବ କୁହନ୍ତି ଯେ, ସେ ଅର୍ଥାତ୍ ସ୍ୱର୍ଗତ ମହୋଦୟ ଅତ୍ୟନ୍ତ ପୁଣ୍ୟବାନ୍, ସଦାଚାରୀ ବ୍ୟକ୍ତି ଥିଲେ । ସେ ବହୁତ ଧୈର୍ଯ୍ୟ ଓ ସାହସୀ ଥିଲେ । ଅନ୍ୟମାନଙ୍କୁ ଉତ୍ସାହିତ ତଥା ଅନୁପ୍ରାଣିତ କରୁଥିଲେ ଏବଂ ଛାତ୍ର ଜୀବନରୁ ହିଁ ସେ ଜମାଅତ୍‌ର ସେବା କରିବା ପ୍ରତି ବେଶ୍ ଅଗ୍ରହୀ ଥିଲେ । ରୋଗଶଯ୍ୟାରେ ଥିବା ସମୟରେ ମଧ୍ୟ ଗୁରୁତର ରୂପେ ଅସୁସ୍ଥ, ଆହାତ ଓ କଷ୍ଟରେ ଥିଲେ ସୁଦ୍ଧା ଜମାଅତୀୟ କାର୍ଯ୍ୟ ଏବଂ ଜମାଅତ୍ ସଦସ୍ୟଙ୍କ ସଂସ୍କାର ସଂପର୍କରେ ଖବର ପଚାରି ବୁଝୁଥିଲେ । ଅଲ୍ଲାଃତାଲା ତାଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । **ଆମିନ୍ ।**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପରବର୍ତ୍ତୀ ଯନାଜାଃ ହେଉଛି ସ୍ୱର୍ଗତ ରିଟାୟାର୍ଡ ମାଷ୍ଟର୍ ଗଫୁର୍ ଅହମଦ ସାହେବଙ୍କର । ସ୍ୱର୍ଗତ ମହୋଦୟ ଆଜିକାଲି କାନାଡ଼ାରେ ରହୁଥିଲେ । ସାଙ୍ଗଲା ହିଲ୍‌ର ଗୋଟିଏ ଗାଁରେ ସେ ସଭାପତି (ସଦର୍) ମଧ୍ୟ ରହି ସାରିଛନ୍ତି । ତାଙ୍କର ମଧ୍ୟ ଗତ ଦିନରେ ଦେହାନ୍ତ ହୋଇଯାଇଛି । **ଇନ୍ନା ଲିଲ୍ଲାଃହି ୱା ଇନ୍ନା ଇଲୈହି ରାଜିଉନ୍ ।** ସେ ପାଞ୍ଚବେଳା ନମାଜ ପାଠକାରୀ, ତହଜ୍ଜୁଦ ନମାଜ ପାଠକାରୀ ଓ ପାଳନକାରୀ, ଈଶ୍ୱରଭୀରୁ, ଧର୍ମପରାୟଣ, ମେଳାପୀ ପ୍ରିୟ ଏବଂ ଖିଲାଫତ୍ ପ୍ରେମୀ, ସର୍ବଦା ଜମାଅତୀୟ ବ୍ୟବସ୍ଥା ଓ ଖିଲାଫତର ଆଜ୍ଞାପାଳନ କରୁଥିବା ବ୍ୟକ୍ତି ଥିଲେ । ଅନ୍ୟମାନଙ୍କ ଆବଶ୍ୟକତାର ମଧ୍ୟ ସେ ଧ୍ୟାନ ରଖୁଥିଲେ । ସେ କେତେକଙ୍କୁ ଗୁପ୍ତ ଭାବେ ମଧ୍ୟ ଆର୍ଥିକ ସାହାଯ୍ୟ କରୁଥିଲେ । ଜମାତୀୟ ଚାନ୍ଦା ଓ ଅନ୍ୟାନ୍ୟ ଆର୍ଥିକ ଆହ୍ୱାନରେ ପ୍ରତିଦ୍ୱନ୍ଦ୍ୱିତ (ବଢ଼ିଚଢ଼ି) ଭାବେ ଅଂଶ ଗ୍ରହଣ କରୁଥିଲେ । ସେ ନିୟମିତ ଭାଷଣ (ଖୁତ୍‌ବା) ଶୁଣୁଥିଲେ ଏବଂ ଅନ୍ୟମାନଙ୍କୁ ମଧ୍ୟ ଏହାର ଉପଦେଶ ଦେଉଥିଲେ । ଜମାଅତୀୟ କର୍ମଚାରୀ, ୱାକ୍‌ଫିନେ ଜିନ୍ଦଗୀ (ଉତ୍ସର୍ଗୀକୃତ ଜୀବନ)ଙ୍କୁ ବେଶ୍ ସମ୍ମାନ ଜଣାଉଥିଲେ। ତାଙ୍କ ପରିବାରବର୍ଗଙ୍କ ମଧ୍ୟରେ ପତ୍ନିଙ୍କ ବ୍ୟତୀତ ତିନିଜଣ କନ୍ୟା ସନ୍ତାନ ଏବଂ ପାଞ୍ଚ ଜଣ ପୁଅ ଅଛନ୍ତି । ସେହିପରି ନାତି-ନାତୁଣୀମାନେ ମଧ୍ୟ ରହିଛନ୍ତି । ତାଙ୍କର ଜଣେ ପୁଅ ନସୀମ୍ ଇକ୍‌ବାଲ୍ ସାହେବ ଫିଜିର ଅମୀର୍ ଓ ମିଶନରୀ ଇନ୍‌ଚାର୍ଜ ଅଟନ୍ତି । ସେ ପିତାଙ୍କ ଦେହାନ୍ତ ସମୟରେ କର୍ମଭୂମିରେ କର୍ମରତ ଥିବାରୁ ଯାନାଜାଃରେ ଯୋଗ ଦେଇପାରି ନଥିଲେ । ଅଲ୍ଲାଃତାଲା ତାଙ୍କୁ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ ଏବଂ ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ । ବୈକୁଣ୍ଠରେ ସ୍ୱର୍ଗତଙ୍କ ସ୍ତରକୁ ଉନ୍ନୀତ କରନ୍ତୁ । **ଆମିନ୍ ।** ☆☆☆



## ଗତ ସଂଖ୍ୟା 37-38,ପୃ-14ରେ ପ୍ରକାଶିତ ହୁଜୁର୍ ଅନୱର୍ ଅ.ବଙ୍କ ଖୁତବା ଜୁମା 07-8-26ରେ ଅବଶିଷ୍ଟାଂଶ.....

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏଠାରେ ଉଲ୍ଲେଖ ରହିଛି ଯେ, ଯେତେବେଳେ ଆପଣ ସ.ଅଙ୍କ ଶରୀର ଭାରି ହେଲା, ଛିଡ଼ା ହେବା ବେଳେ ଗୋଡ଼ରେ କଷ୍ଟ ହେଲେ ଆପଣ ସ.ଅ ବସି ନମାଜ ପାଠ କରୁଥିଲେ । କିନ୍ତୁ ବସି ନମାଜ୍ ପଢ଼ିବା ବେଳେ ସୁରାଃ ଫାତିହା ଓ ଅନ୍ୟ ସୁରାଃ ପାଠ କରୁଥିଲେ । ଆଉ ରୁକୁ (ନଇଁବା) କରିବା ବେଳେ ଛିଡ଼ା ହୋଇ ରୁକୁ କରୁଥିଲେ । **(ସହୀହୁଲ୍ ବୁଖାରୀ, କିତାବୁତ୍ ତଫସିର୍,......ବାବ୍-କୌଲିହ୍ لِّيَغْفِرَ لَكَ اللّٰهُ مَا تَقَدَّمَ مِنْ ذَنْۢبِكَ ହଦୀସ୍ ନଂ-4837, ଗ୍ରନ୍ଥଖଣ୍ଡ-12, ପୃ-83, ପ୍ରକାଶକ- ନଜାରତ୍ ଇଶାଅତ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅତା ବର୍ଣ୍ଣନା କରନ୍ତି ଯେ, ଥରେ ମୁଁ ଇବ୍ନେ ଉମର୍ ଓ ଉବୈଦୁଲ୍ଲାଃ ବିନ୍ ଉମର୍‌ଙ୍କ ସହିତ ହ. ଆଏଶା ର.ଅଙ୍କ ସେବାରେ ଉପସ୍ଥିତ ହେଲି। ହ. ଇବ୍ନେ ଉମର୍ ର.ଅ ଉମ୍ମୁଲ୍ ମୁମିନିନ୍ ହ. ଆଏଶା ର.ଅଙ୍କୁ କହିଲେ ଯେ, 'ମୋତେ ଆଁହଜରତ୍ ସ.ଅଙ୍କର କୌଣସି ଆଶ୍ଚର୍ଯ୍ୟଜନକ କଥା କୁହନ୍ତୁ ଯାହା ଆପଣ ସ.ଅ ଆଁହଜରତ୍ ସ.ଅଙ୍କ ଠାରେ ଦେଖିଛନ୍ତି ?' ପ୍ରତ୍ୟୁତ୍ତରରେ ହ. ଆଏଶା ର.ଅ ଆଁହଜରତ୍ ସ.ଅଙ୍କ ସ୍ମୃତିରେ ଆକୁଳ ହୋଇ କାନ୍ଦି ପକାଇଲେ ଏବଂ କହିଲେ, ଆଁହଜୁର ସ.ଅଙ୍କ ପ୍ରତ୍ୟେକ ଶୈଳୀ ଓ ଭଙ୍ଗୀ ହିଁ ଅନନ୍ୟ ଥିଲା । ସେ (ହ. ଆଏଶା ର.ଅ) କୁହନ୍ତି, ଥରକର ଘଟଣା ହେବ ଆଁହଜୁର ସ.ଅ ଗୋଟିଏ ରାତିରେ ମୋ ପାଖକୁ ଆସିଲେ, ମୋ ସହ ଶେଯରେ ଶୋଇଲେ । ଆପଣ ସ.ଅ କହିଲେ:"ହେ ଆଏଶା ! ଆଜି ରାତିରେ ତୁମେ ମୋତେ ମୋ ପ୍ରଭୁଙ୍କ ଆରାଧନା କରିବାକୁ ଅନୁମତି ଦେବ କି ?" ମୁଁ କହିଲି: 'ହେ ଅଲ୍ଲାଃଙ୍କ ବାର୍ତ୍ତାବହ ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ! ମୋତେ ଆପଣ ସ.ଅଙ୍କ ଇଚ୍ଛାର ଆଦର ଓ ଆପଣଙ୍କ ନିକଟତରତା ପସନ୍ଦ । ମୋ ପକ୍ଷରୁ ଆପଣଙ୍କୁ ଅନୁମତି ରହିଛି।' ତା'ପରେ ଆପଣ ସ.ଅ ଉଠିଲେ, ମଶକିଜା (ପାଣି ଥଳି)ରୁ ୱଜୁ କଲେ । ନମାଜ୍ ପାଠ କରିବା ପାଇଁ ଆପଣ ସ.ଅ ଛିଡ଼ା ହେଲେ ଏବଂ ନମାଜ୍‌ରେ ଏତେ କାନ୍ଦିଲେ ଯେ, ଆପଣ ସ.ଅଙ୍କ ଆଖିର ଲୁହ ଛାତି ଉପରେ ପଡ଼ିବାକୁ ଲାଗିଲା । ନମାଜ୍ ପରେ ଆପଣ ସ.ଅ ଡାହାଣ ପାଖକୁ ଆଉଜି ଏପରି ବସିଲେ ଯେପରିକି ଆପଣ ସ.ଅଙ୍କ ଡାହାଣ ହାତ ଡାହାଣ ଗାଲ ତଳେ ଥିଲା । ଆପଣ ସ.ଅ ପୁଣି କାନ୍ଦିବା ଆରମ୍ଭ କଲେ । ଆପଣ ସେତେବେଳ ପର୍ଯ୍ୟନ୍ତ କାନ୍ଦିଲେ ଯେତେବେଳ ପର୍ଯ୍ୟନ୍ତ ଲୁହ ଜମିରେ ଟୋପା ଟୋପା ହୋଇ ପଡ଼ିଲା । ପରିଶେଷରେ ଫଜର୍ (ପ୍ରାତଃ) ଅଜାନ୍ ଦେବା ପରେ ହ. ବିଲାଲ୍ ର.ଅ ଆସିଲେ । ଯେତେବେଳେ ସେ ଆପଣ ସ.ଅଙ୍କୁ ଏପରି କାନ୍ଦୁଥିବାର ଦେଖିଲେ ସେତେବେଳେ ସେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ଏତେ କାହିଁକି କାନ୍ଦୁଛନ୍ତି? କାରଣ ଅଲ୍ଲାଃତାଲା ତ' ଆପଣ ସ.ଅଙ୍କର ଅତୀତ ଓ ଭବିଷ୍ୟତର ସମସ୍ତ ଦୋଷକୁ କ୍ଷମା କରି ଦେଇଛନ୍ତି ? ପ୍ରତ୍ୟୁତ୍ତରରେ ରସୁଲୁଲ୍ଲାଃ ସ.ଅ କହିଲେ, "କ'ଣ ମୁଁ ଅଲ୍ଲାଃତାଲାଙ୍କର ଜଣେ କୃତଜ୍ଞ ଭକ୍ତ ହେବି ନାହିଁ ? ଆଉ ମୁଁ କାହିଁକି ନ କାନ୍ଦିବି ଯେ, ଆଜି ରାତିରେ ମୋ ପ୍ରଭୁ ଏହି ଆୟାତ୍‌ଗୁଡ଼ିକୁ ଅବତୀର୍ଣ୍ଣ କରିଛନ୍ତି । ଆଲେ ଇମ୍ରାନ୍‌ର ସେହି ଆୟାତ୍‌ଗୁଡ଼ିକ ଏହିପରି ଅଟନ୍ତି ଯେ,"اِنَّ فِيْ خَلْقِ السَّمٰوٰتِ وَالْاَرْضِ وَاخْتِلَافِ الَّيْلِ وَالنَّهَارِ لَاٰيٰتٍ لِّاُولِي الْاَلْبَابِ ۚ الَّذِيْنَ يَذْكُرُوْنَ اللّٰهَ قِيٰمًا وَّقُعُوْدًا وَّعَلٰى جُنُوْبِهِمْ وَيَتَفَكَّرُوْنَ فِيْ خَلْقِ السَّمٰوٰتِ وَالْاَرْضِ ۚ رَبَّنَا مَا خَلَقْتَ هٰذَا بَاطِلًا ۚ سُبْحٰنَكَ فَقِنَا عَذَابَ النَّارِ (ଏହାର ଅନୁବାଦ ଏହିପରି ଅଟେ ଯେ, ନିଃସନ୍ଦେହ ରୂପେ ଆକାଶ ଓ ପୃଥିବୀର ସୃଷ୍ଟିରେ ଏବଂ ରାତି ଓ ଦିନର ପରିବର୍ତ୍ତନରେ ବୁଦ୍ଧିମାନ ଲୋକଙ୍କ ପାଇଁ ନିଦର୍ଶନମାନ ରହିଛି । ସେହି ଲୋକମାନେ ଯେଉଁମାନେ ଅଲ୍ଲାଃଙ୍କୁ ସ୍ମରଣ କରନ୍ତି ଛିଡ଼ା ହୋଇ, ବସି ଏବଂ ନିଜ କଡ଼ରେ ଶୋଇ ମଧ୍ୟ ଏବଂ ଆକାଶ ଓ ପୃଥିବୀର ସୃଷ୍ଟି ବିଷୟରେ ଧ୍ୟାନ କରନ୍ତି, ଆଉ ସ୍ୱତଃସ୍ଫୂର୍ତ୍ତ କହି ପକାନ୍ତି ଯେ, ହେ ଆମ୍ଭରପାଳନକର୍ତ୍ତା ! ତୁମ୍ଭେ ଏହାକୁ ନିରର୍ଥକ ସୃଷ୍ଟି କରି ନାହଁ । ତୁମେ ପବିତ୍ର ଅଟେ । ତେଣୁ ଆମକୁ ନରକର ଅଗ୍ନି ଦଣ୍ଡରୁ ରକ୍ଷା କର।' **(ରୁହୁଲ୍ ବୟାନ୍, ତଫସିର୍ ସୁରାଃ ଆଲ୍ ଇମ୍ରାନ୍: 191-192, ଗ୍ରନ୍ଥଖଣ୍ଡ-2, ପୃ-150, ଦାରୁଲ୍ କୁତୁବୁଲ୍ ଇଲମିୟାହ୍ 2003 ମସିହା) (ଅଖ୍‌ଲାକୁନ୍ ନବୀ ସ.ଅ ଓ ଆଦାବୁହୁ, ପୃ-408-409, ଜିକ୍ରୁ ଫାଲୁହୁ ଫି ଲୈଲତି ଓ ଫି ଫିରାଶତୁ.... ହଦିସ୍ ନଂ-553, ଦାରୁଲ୍ ଲୁଉଲୁଓ୍ୱତା, କାହିରା, 2016 ମସିହା)** ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଆଁହଜରତ୍ ସ.ଅ ଏହି ଆୟତ୍‌ଗୁଡ଼ିକୁ ପାଠ କରିବା ପରେ କହିଲେ, "ସେହି ବ୍ୟକ୍ତି ପାଇଁ ବିନାଶ ଯିଏ ଏହି ଆୟାତ୍‌ଗୁଡ଼ିକୁ ପାଠ କରେ କିନ୍ତୁ ଏହା ଉପରେ ଚିନ୍ତନ ଓ ମନନ (ବିଚାର) କରେ ନାହିଁ ।" **(ରୁହୁଲ୍ ମାଆନି, ତଫସିର୍ ସୁରାଃ ଆଲ୍ ଇମ୍ରାନ୍: 191-192, ଗ୍ରନ୍ଥଖଣ୍ଡ-4, ପୃ-499-500, ଦାରୁଲ୍ ଅହ୍‌ୟାଉତ୍ ତୁରାସା, 1999 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମୁସ୍‌ଲେହ ମଉଦ୍ ର.ଅ ଆପଣଙ୍କ କୃତଜ୍ଞତା ସଂପର୍କରେ ଯେଉଁ ହଦିସ୍ ଥିଲା ସେହି ହଦିସ୍‌ର ବ୍ୟାଖ୍ୟା କରି ଏକ ସ୍ଥାନରେ କହିଛନ୍ତି। ଯାହାର ଆରବୀ ଶବ୍ଦ ଏହିପରି ଅଟେ ଯେ, 'اَفَلَا اَكُوْنُ عَبْدًا شَكُوْرًا' । ଅତଏବ୍ ଆଁହଜରତ୍ ସ.ଅ କହିଲେ, "ହେ ଆଏଶା ! କ'ଣ କେବଳ ଈଶ୍ୱରଙ୍କର ହିଁ କାମ (ଦାୟିତ୍ୱ) ଯେ ସେ ଉପକାରୀ ହେବେ ? ଭକ୍ତର କ'ଣ କୌଣସି କାମ (ଦାୟିତ୍ୱ) ନାହିଁ ଯେ, ସେ ନିଜ ଦାୟିତ୍ୱକୁ ସମ୍ପାଦନ କରିବ ? ଯଦି ରସୁଲ୍ କରୀମ୍ ସ.ଅଙ୍କ ପରି ମଣିଷ ମଧ୍ୟ ସେହି ସମସ୍ତ ତ୍ୟାଗ ଏବଂ ବଳିଦାନ ସତ୍ତ୍ୱେ ଯାହା ଆପଣ ସ.ଅ କଲେ ଅଲ୍ଲାଃଙ୍କ ପ୍ରତି ଥିବା ଅଶେଷ ପ୍ରେମର ଭାବନା ସତ୍ତ୍ୱେ ଏହି କଥାର ଆବଶ୍ୟକତା କରୁଥିଲେ ଯେ, ରାତିରେ ଉଠି ଅଲ୍ଲାଃତାଲାଙ୍କ ସମ୍ମୁଖରେ ଏତେ ସମୟ ଛିଡ଼ା ହେଉଥିଲେ ଯେ, ଆପଣ ସ.ଅଙ୍କ ଗୋଡ଼ ଫୁଲି ଯାଉଥିଲା । ଦିନରେ ଆପଣ ସ.ଅ ଉପାସନା କରୁଥିଲେ ଏବଂ ନିଜ ଜୀବନକୁ ଅଧିକରୁ ଅଧିକ ଅଲ୍ଲାଃଙ୍କୁ ସାକ୍ଷାତ୍ କରିବା ନିମନ୍ତେ ଯୋଗ୍ୟ ତଥା ସକ୍ଷମ କରାଉଥିଲେ । ସୁତରାଂ ଏପରି ଅନ୍ୟ କେଉଁ ମଣିଷ ତଥା ବ୍ୟକ୍ତି ରହିଛି ଯିଏ ନିଜକୁ ଏହି ଦାୟିତ୍ୱାବଳୀରୁ ମୁକ୍ତ ବୋଲି ବିବେଚିତ ପାରିବ ?" **(କୟାମେ ପାକିସ୍ତାନ୍ ଔର୍ ହମାରି ଜିମ୍ମେଦାରିୟାଁ ଅନ୍‌ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-19, ପୃଷ୍ଠା-439-440)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମସିହ ମଉଦ୍ ଅ.ସ ମଧ୍ୟ ଏହି ବିଷୟରେ କୁହନ୍ତି: "ଆଁହଜରତ୍ ସ.ଅ ନମାଜରେ ଏତେ କାନ୍ଦୁଥିଲେ ଓ ଛିଡ଼ା ହେଉଥିଲେ ଯେ ଆପଣଙ୍କ ଗୋଡ଼ରେ ଫୁଲି ଯାଉଥିଲା । ସହାବାମାନେ କହିଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଅଲ୍ଲାଃତାଲା ଆପଣଙ୍କର ସମସ୍ତ ପାପକୁ କ୍ଷମା କରିସାରିଛନ୍ତି, ତେବେ ଏତେ ପରିଶ୍ରମ ଓ କାନ୍ଦିବାର କାରଣ କ'ଣ ? ଆପଣ ସ.ଅ କହିଲେ, ମୁଁ କ'ଣ ଅଲ୍ଲାଃଙ୍କର ଜଣେ କୃତଜ୍ଞ ଭକ୍ତ ହେବି ନାହିଁ ?" **(ମଲ୍‌ଫୁଜାତ୍ ହ. ମସିହ୍ ମଉଦ୍ ଅ.ସ, ଗ୍ରନ୍ଥଖଣ୍ଡ-6, ପୃଷ୍ଠା-231)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆଁହଜରତ୍ ସ.ଅଙ୍କର ଏହି ଅବସ୍ଥା ଆମ ସମସ୍ତଙ୍କ ଠାରୁ ଏହା ହିଁ ଦାବି କରେ ଯେ, ଆମେମାନେ ଅଲ୍ଲାଃତାଲାଙ୍କ ନେମତ୍ ଅର୍ଥାତ୍ ଅନୁଗ୍ରହ ବା ପୁରସ୍କାରଗୁଡ଼ିକର କୃତଜ୍ଞତା ଜଣାଇ ନିଜ କୃତଜ୍ଞତାକୁ ଚରମ ଅବଶିଷ୍ଟାଂଶ... ପୃ-10 ରେ

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

### ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲା କୁହନ୍ତି:** كُوْنُوْا مَعَ الصّٰدِقِيْنَ

(ଅତ୍ ତୌବା :119)

**ଅନୁବାଦ:** ହେ ବିଶ୍ୱାସାକାରୀମାନେ ସତ୍ୟବାଦୀଙ୍କ ସହ ସାମିଲ୍ ହୁଅ ।

**ତାଲିବେ ଦୁଆ:** Amina Begum Saheba, W/o- Late Mianjan Khan, Jamat Ahmadiya Nargaon, Dist- Cuttack, (Odisha)

## ପୃ-09ରେ ବର୍ଣ୍ଣିତ ଖୁତବା ଜୁମା 7-8-25ର ଅବଶିଷ୍ଟାଂଶ....

ସୀମା ପର୍ଯ୍ୟନ୍ତ ପହଞ୍ଚାଇବା ଉଚିତ୍ । କୃତଜ୍ଞତା କେବଳ ବସି ରହିବାର ନାମ ନୁହେଁ । ବରଂ କୃତଜ୍ଞତା କାର୍ଯ୍ୟରେ ଅଧିକ ପ୍ରଗତିକୁ ଆବଶ୍ୟକ କରେ (ଚାହେଁ) । ଆଁହଜରତ୍ ସ.ଅ ଧର୍ମପରାୟଣତା (ତକ୍ୱା)ର ସର୍ବୋଚ୍ଚ ସ୍ତରରେ ଅଧିଷ୍ଠିତ ଥିଲେ । ସେଇଥି ପାଇଁ ଆପଣ ସ.ଅ 'ଅବ୍ଦେ ଶକୁର' (ପରମ କୃତଜ୍ଞ ଭକ୍ତ) ହେବାର ମଧ୍ୟ ସର୍ବୋଚ୍ଚ ସ୍ତର ହାସଲ କଲେ ଏବଂ ତତ୍‌ସହିତ ଆମମାନଙ୍କୁ ଆପଣ ସ.ଅ ଏହି ଉପଦେଶ ମଧ୍ୟ ଦେଲେ ଯେ, ହେ ମୁସଲମାନମାନେ ! ତୁମେମାନେ ମଧ୍ୟ 'ଅବ୍ଦେ ଶକୁର' ଅର୍ଥାତ୍ କୃତଜ୍ଞ ଭକ୍ତ ହୁଅ । ଯଦି ଅଲ୍ଲାଃତାଲାଙ୍କର ପ୍ରକୃତ ଭକ୍ତ ହେବାର ହକ୍ ଅର୍ଥାତ୍ କର୍ତ୍ତବ୍ୟ ନିର୍ବାହ କରିବାର ଅଛି ତେବେ ଅଲ୍ଲାଃତାଲା ତୁମମାନଙ୍କ ଉପରେ ଯେତେ ଯେତେ କୃପାବତୀର୍ଣ୍ଣ କରୁଛନ୍ତି ତୁମେମାନେ ସେତିକି ହିଁ ଉପାସନାର ସ୍ତରକୁ ଉଚ୍ଚ (ବୃଦ୍ଧି) କର ଏବଂ କୃତଜ୍ଞତା ପ୍ରକାଶ କର । ଅଲ୍ଲାଃଙ୍କ କୃପାର ପରିଣାମ ସ୍ୱରୂପ ଆମମାନଙ୍କୁ ଅଳସୁଆମୀ କରିବା ଉଚିତ୍ ନୁହେଁ । ବରଂ ଉପାସନା ଓ କୃତଜ୍ଞତାରେ ଆଗକୁ ଆଗକୁ ଅଗ୍ରସର (ବଢ଼ିବା) ଉଚିତ୍। ଅତଏବ୍ ଯେପର୍ଯ୍ୟନ୍ତ ଆମେମାନେ ଏହି ପଥ୍ୟ ବା ନିୟମ ଉପରେ କାର୍ଯ୍ୟାନୁସରଣ କରିବା ସେପର୍ଯ୍ୟନ୍ତ ଆମେମାନେ ଉନ୍ନତିର ଉତ୍ତରୋତ୍ତର ପଥର ଆଗେଇ ଚାଲିବା । ବ୍ୟକ୍ତିଗତ ଭାବେ ମଧ୍ୟ ଏବଂ ସାମୂହିକ ଭାବେ ମଧ୍ୟ ଆଗେଇ ଚାଲିବା । **ଇନ୍‌ଶାଅଲ୍ଲାଃ** (ଅଲ୍ଲାଃ ଚାହିଁଲେ) ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମୁସ୍‌ଲେହ ମଉଦ୍ ର.ଅ ଏହାର ବ୍ୟାଖ୍ୟା କରି ଏକ ସ୍ଥାନରେ ଏହା ମଧ୍ୟ କହିଛନ୍ତି ଯେ, ସେହି ବ୍ୟକ୍ତି ମୂର୍ଖ ଯିଏ ଏହା କହିଛି ଯେ, "کرم ہائے تو مارا کرد گستاخ"(କରମ୍ ହାୟେ ତୁ ମାରା କର୍ଦ୍ ଗୁସ୍ତାଖ୍) । ଏହା ଗୋଟିଏ ଫାର୍ସି ପଦ ଅଟେ ଯାହାର ଅର୍ଥ ଏହିକି ଯେ, 'ତୁମର କୃପାଗୁଡ଼ିକ ହିଁ ମୋତେ ଗୁସ୍ତାଖ୍ (କୃତଘ୍ନ) କରିଦେଲା। କବି ଅଲ୍ଲାଃତାଲାଙ୍କୁ କହୁଛି ଯେ, ଅଲ୍ଲାଃଙ୍କ କୃପା ମୋତେ କୃତଘ୍ନ କରିଦେଲା । କୃତଜ୍ଞ ହେବା ପରିବର୍ତ୍ତେ ସେ କୃତଘ୍ନ ହୋଇଗଲା । କାରଣ ଈଶ୍ୱରଙ୍କ କୃପା ମଣିଷକୁ କୃତଘ୍ନ କରେ ନାହିଁ । ସେ ଭୁଲ୍ କହୁଛି । ଈଶ୍ୱରଙ୍କ କୃପା ମନୁଷ୍ୟକୁ ବିଦ୍ରୋହୀ ଓ କୃତଘ୍ନ କରେ ନାହିଁ । ବରଂ ଆହୁରି ଅଧିକ କୃତଜ୍ଞ ଓ ଆଜ୍ଞାକାରୀ କରିଥାଏ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ତୁମେମାନେ ପୂର୍ବାପେକ୍ଷା ଅଧିକ କୃତଜ୍ଞ (କୃତଜ୍ଞତା ଜ୍ଞାପନକାରୀ ଭକ୍ତ) ହୋଇଯାଅ । କାରଣ ଅଲ୍ଲାଃତାଲା କୁହନ୍ତି: 'لَئِنْ شَكَرْتُمْ لَأَزِيدَنَّكُمْ' **(ସୁରା ଇବ୍ରାହିମ୍: 8)** ଅର୍ଥାତ୍ ଯଦି ତୁମେମାନେ ମୋର (ଅଲ୍ଲାଃତାଲାଙ୍କ) କୃତଜ୍ଞତା ଜ୍ଞାପନକାରୀ ଭକ୍ତ ହେବ ତେବେ ମୁଁ (ଅଲ୍ଲାଃତାଲା) ତୁମକୁ ଆହୁରି ଅଧିକ ପ୍ରଦାନ କରିବି ।

**(ଖୁତ୍‌ବାତେ ମହମୁଦ୍, ଗ୍ରନ୍ଥଖଣ୍ଡ-5, ପୃଷ୍ଠା-361-362ରୁ ଉଦ୍ଧୃତ)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲା ଆମମାନଙ୍କୁ ପ୍ରକୃତ କୃତଜ୍ଞତା ଜ୍ଞାପନକାରୀ ଭକ୍ତ କରନ୍ତୁ । ଅଲ୍ଲଃତାଲା ଆମମାନଙ୍କୁ ପ୍ରକୃତ ଆରାଧନାକାରୀ ତଥା ପ୍ରକକୃତ ଉପାସକ କରନ୍ତୁ । ଆମେମାନେ ସଦା ସର୍ବଦା ତାହାଙ୍କ କୃପା ଲାଭ କରୁଥିବା ବ୍ୟକ୍ତି ହୋଇ ରହିବୁ ।

☆☆☆

## ଗତ ସଂଖ୍ୟା-37-38, ପୃ-15 ଓ 10 ରେ ବର୍ଣ୍ଣିତ ହୁଜୁର୍ ଅନ୍‌ୱର୍ ଅ.ବଙ୍କ ଜର୍ମାନୀ ଗସ୍ତର ଅବଶିଷ୍ଟାଂଶ.....

ଏହା ପରେ ହୁଜୁରେ ଅନୱର ଅ.ବ ଇତିହାସ ବିଭାଗ ଦ୍ୱାରା ଆୟୋଜିତ ପ୍ରଦର୍ଶନୀର ମଏନା (ନିରୀକ୍ଷଣ) କଲେ । ପ୍ରଦର୍ଶନୀ ଗସ୍ତ ସମୟରେ ହୁଜୁର୍ ଅନ୍‌ୱର୍ ଅ.ବ ଦୁଇଟି ୱେବ୍‌ସାଇଟ୍‌ର ଉଦ୍‌ଘାଟନ କଲେ । ଗୋଟିଏ ୱେବ୍‌ସାଇଟ୍ ଜର୍ମାନୀର ମାସିକ ପତ୍ରିକା 'ଅଖ୍‌ବାର ଅହମଦିୟା'ର ଥିଲା ଏବଂ ଅନ୍ୟଟି ଜମାଅତେ ଅହମଦିୟା ଜର୍ମାନୀର ଇତିହାସ ବିଭାଗର ଥିଲା । ଏହି ପ୍ରଦର୍ଶନୀରେ ବିଭିନ୍ନ ଫ୍ଲେକ୍‌ସ୍ ଲଗାଯାଇଥିଲା, ଯେଉଁଥିରେ ହ. ମସିହ ମିଉଦ୍ ଅ.ସଙ୍କ ସମୟରୁ ଆରମ୍ଭ କରି ପଞ୍ଚମ ଖିଲାଫତ୍ ପର୍ଯ୍ୟନ୍ତ ଜମାଅତ୍ ଅହମଦିୟା ଜର୍ମାନୀର ଇତିହାସକୁ ଅତ୍ୟନ୍ତ ସହଜ ଭାଷାରେ ଉପସ୍ଥାପନ କରାଯାଇଥିଲା । ଏହି ଫ୍ଲେକ୍‌ସ୍‌ଗୁଡ଼ିକ ଜର୍ମାନ ଓ ଇଂରାଜୀ ଉଭୟ ଭାଷାରେ ଲିଖିତ ହୋଇଥିଲା ।

ଉକ୍ତ ପ୍ରଦର୍ଶନୀରେ ସେହି ପତ୍ରଗୁଡ଼ିକର ମଧ୍ୟ ଉଲ୍ଲେଖ ରହିଛି ଯାହା ହ. ମସିହ୍ ମଉଦ୍ ଅ.ସ 1885 ମସିହାରେ ବିଭିନ୍ନ ଧର୍ମର ଧର୍ମଗୁରୁ, ଧନୀ ଓ ଶାସକମାନଙ୍କୁ ଲେଖିଥିଲେ, ଯାହା ଫଳରେ ଜର୍ମାନୀରୁ ଅନେକ ପୁରୁଷ ଓ ମହିଳାମାନେ ହ. ମସିହ୍ ମଉଦ୍ ଅ.ସଙ୍କ ସହିତ ଯୋଗାଯୋଗ କରିଥିଲେ । ସେହିପରି ୧୯୨୩ ମସିହାର ନିର୍ମାଣ ହୋଇପାରି ନଥିବା ବର୍ଲିନ୍ ମସ୍‌ଜିଦ୍ ଏବଂ ପ୍ରାରମ୍ଭିକ ମସ୍‌ଜିଦ୍ 'ଫଜଲେ ଉମର୍ ମସ୍‌ଜିଦ୍ ହ୍ୟାମ୍‌ବର୍ଗ' ଓ 'ନୁର୍ ମସ୍‌ଜିଦ୍ ଫ୍ରାଙ୍କ୍‌ଫର୍ଟ' ବିଷୟରେ ମଧ୍ୟ ଫ୍ଲେକ୍‌ସ୍‌ରେ ଉଲ୍ଲେଖ କରାଯାଇଛି । ଏହା ବ୍ୟତୀତ ହ. ଖଲିଫତୁଲ୍ ମସିହ୍ ସାନୀ ର.ଅ, ହ.ଖଲିଫତୁଲ୍ ମସିହ୍ ସାଲିସ୍ ର.ଅ, ହ. ଖଲିଫତୁଲ୍ ମସିହ୍ ରେବେ ର.ଅ ଏବଂ ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ଜର୍ମାନୀ ଗସ୍ତଗୁଡ଼ିକୁ ଅତ୍ୟନ୍ତ ସୁନ୍ଦର ଭାବେ ଚିତ୍ରଣ ଓ ପ୍ରଦର୍ଶିତ କରାଯାଇଛି ।

ଏହା ପରେ ହୁଜୁର ଅନୱର୍ ଅ.ବ ପ୍ରଚାର (ତବଲିଗ୍) ବିଭାଗ ଦ୍ୱାରା ଆୟୋଜିତ ପ୍ରଦର୍ଶନୀର ନିରୀକ୍ଷଣ ମଧ୍ୟ କଲେ । ତବ୍‌ଲିଗ୍ ବିଭାଗ ଇସ୍‌ଲାମ୍ ସମ୍ପର୍କିତ ଏବଂ ବିଭିନ୍ନ ଭାଷାରେ ଉପଲବ୍ଧ ଅହମଦିୟା ସାହିତ୍ୟର ପ୍ରଦର୍ଶନୀ ଆୟୋଜନ କରିଥିଲା । ତୁର୍କୀ, ଫାର୍ସୀ, ବାଲ୍‌କାନ୍ ଭାଷା, ବାଂଲା, ରୁଷୀୟ, ଚୀନ୍ ଏବଂ ଆଫ୍ରିକୀୟ ଭାଷାରେ ସାହିତ୍ୟକୁ ଆକର୍ଷଣୀୟ ଭାବେ ରଖାଯାଇଥିଲା । ଇସ୍‌ଲାମ୍ ସମ୍ପର୍କିତ ପ୍ରଦର୍ଶନୀରେ ମୌଳିକ ଇସ୍‌ଲାମୀୟ ବିଶ୍ୱାସ ସମ୍ପର୍କରେ ଫ୍ଲେକ୍‌ସ୍ ତିଆରି କରାଯାଇଥିଲା । ସେଥିରେ ଅଲ୍ଲାଃତାଲା, ପବିତ୍ର କୁରଆନ୍ କରୀମ୍, ହ. ମୁହମ୍ମଦ ସ.ଅ ଙ୍କ ସମ୍ପର୍କରେ ଚିନ୍ତାନାୟକଙ୍କ ମତାମତ, ଇସ୍‌ଲାମ୍ ଧର୍ମ ଓ ବିଜ୍ଞାନ, ଇସଲାମ ଧର୍ମର ସ୍ତମ୍ଭ, ସିହା ସିତ୍ତା (ଷଡ଼ ହଦିସ୍), ଜିହାଦ୍, ହ. ମସିହ୍ ମଉଦ୍ ଅ.ସ, ସୂର୍ଯ୍ୟ ପରାଗ ଓ ଚନ୍ଦ୍ର ଗ୍ରହଣ, ବୈୟତର 10ଟି ସର୍ତ୍ତ, ଅହମଦିୟା ଖିଲାଫତ୍, ଅହମଦିୟତ୍‌ର ଖଲିଫା, କାଦିୟାନ୍, ମିନାରାତୁଲ ମସିହ୍ ଏବଂ ହୁଜୁରେ ଅନ୍‌ୱର ଅ.ବଙ୍କ ଶାନ୍ତିର ୧୨ଟି ସନ୍ଦେଶ ଆଦି ସାମିଲ୍ ଥିଲା ।

ଉକ୍ତ (ଏହି) ପ୍ରଦର୍ଶନୀରେ ପବିତ୍ର କୁର୍‌ଆନ୍‌ର ବିଭିନ୍ନ ଅନୁବାଦ ମଧ୍ୟ ରଖାଯାଇଥିଲା ଏବଂ ପ୍ରଚାର କାର୍ଯ୍ୟର ତଥ୍ୟ ମଧ୍ୟ ଉପସ୍ଥାପନ କରାଯାଇଥିଲା । ପ୍ରଦର୍ଶନୀ ନିରୀକ୍ଷଣ ପରେ ହୁଜୁର୍ ଅନ୍‌ୱର୍ ଅ.ବ ବାହାରକୁ ଆସିବା ବେଳେ ଆଫ୍ରିକୀୟ ସଦସ୍ୟବୃନ୍ଦମାନେ "**ଲା ଇଲାହା ଇଲ୍ଲଲ୍ଲାଃହୁ ମୁହମ୍ମଦୁର୍ ରସୁଲୁଲ୍ଲାହ୍**" ଏବଂ "**ଇନ୍ନି ମାଅକା ୟା ମସ୍ରୁର୍**" ଉଚ୍ଚ ସ୍ୱରରେ ପାଠ କରୁଥିଲେ । ହୁଜୁର୍ ଅନ୍‌ୱର୍ ଅ.ବ ସେମାନଙ୍କ ନିକଟରେ କିଛି ସମୟ ଛିଡ଼ା ହୋଇ ସେମାନଙ୍କ ଦେଶ ସଂପର୍କରେ ପଚାରିଲେ । ପ୍ରତ୍ୟୁତ୍ତରରେ ସେମାନେ ନିଜକୁ ଗିନି ବିସାଉର ଅଧିବାସୀ ବୋଲି ପରିଚୟ ଦେଲେ ।

ଏହା ପରେ ହୁଜୁର୍ ଅନ୍‌ୱର୍ ଅ.ବ ଲଙ୍ଗର୍‌ଖାନା (ରୋଷେଇ ଘର) ନିରୀକ୍ଷଣ ପାଇଁ ଗଲେ । ଗୋଟିଏ ଭାଗରେ ଶସ୍ୟ ଓ ଅନ୍ୟାନ୍ୟ ସାମଗ୍ରୀ ଗଚ୍ଛିତ ରହିଥିଲା । ହୁଜୁର ଅନ୍‌ୱର୍ ଅ.ବ ସେହି ସ୍ଥାନ ଦେଇ ଲଙ୍ଗରଖାନା ଭିତରକୁ ଗଲେ । ସନ୍ଧ୍ୟା ଭୋଜନ ପାଇଁ ଡାଲି ଏବଂ ଆଳୁ ମାଂସ ରନ୍ଧା ହୋଇଥିଲା । ହୁଜୁର ଅନ୍‌ୱର୍ ଅ.ବ ଆଳୁ ମାଂସରୁ ଟିକିଏ ଚାଖି ତରକାରୀ ସଠିକ୍ ରନ୍ଧା ହୋଇଛି କି ନାହିଁ ପରଖିଲେ । ହୁଜୁର୍ ଅନ୍‌ୱର୍ ଅ.ବ ଡାଲିର ମଧ୍ୟ ସମୀକ୍ଷା କଲେ ଏବଂ ଖାଦ୍ୟର ମାନ ସମ୍ପର୍କରେ ମୁନ୍‌ତଜିମିନ୍ (ଆୟୋଜକ)ଙ୍କ ସହିତ କଥା ହେଲେ ।

ଏହା ପରେ ହୁଜୁର୍ ଅନ୍‌ୱର୍ ଅ.ବ ଲଙ୍ଗର୍‌ଖାନାର ସେହି ଭାଗକୁ ଗଲେ ଯେଉଁଠାରେ ବିଭିନ୍ନ ଦେଶରୁ ଆସିଥିବା ଅତିଥିଙ୍କ ପାଇଁ ସେମାନଙ୍କ ଆବଶ୍ୟକତା ଅନୁସାରେ ଖାଦ୍ୟ ପ୍ରସ୍ତୁତ କରାଯାଇଥିଲା । ହୁଜୁର୍ ଅନୱର୍ ଅ.ବ ଏହାର ମଧ୍ୟ ସମୀକ୍ଷା କଲେ ।

ଲଙ୍ଗରଖାନା କର୍ମଚାରୀମାନେ ଏକ ବଡ଼ କେକ୍ ପ୍ରସ୍ତୁତ କରିଥିଲେ । ହୁଜୁର୍ ଅନ୍‌ୱର୍ ଅ.ବ କେକ୍ କାଟିଲେ ଏବଂ ପରେ ସେମାନଙ୍କ ସହ ଗ୍ରୁପ୍ ଫଟୋ ମଧ୍ୟ ଉଠାଇଲେ ।

ଲଙ୍ଗରଖାନା ବାହାରେ ଦେଗିଚି ଧୋଇବା ମେସିନ୍ (Deg washing machine) ଲଗାଯାଇଥିଲା । ଏହି ମେସିନ୍ ଗତ 12-13 ବର୍ଷ ହେବ ଲଗାଯାଉଛି। ଏହାକୁ ଅହମଦିୟା ଇଞ୍ଜିନିୟର୍‌ମାନେ ନିଜସ୍ୱ ଜ୍ଞାନ କୌଶଳ ତିଆରି କରିଛନ୍ତି । ଏହି ମେସିନର ବିଶେଷତ୍ୱ ଏହା ହେଲା ଯେ, ଦେଗିଚି ରଖିବା ମତ୍ରେ ସ୍ୱୟଂଚାଳିତ ଭାବେ ଧୋଇବା କାର୍ଯ୍ୟ ଆରମ୍ଭ ହୁଏ ଏବଂ ଧୋଇ ସାରିବା ପରେ ଦେଗିଚି ଆପେ ଆପେ ବାହାରକୁ ଆସିଯାଏ । ଏଥିରେ ସ୍ୱତନ୍ତ୍ର ସେନସର୍ ସିଷ୍ଟମ୍ ଲାଗିଛି ।

MESSE STUTTGARTର 10ଟି ହଲ୍‌ରେ ପୁରୁଷ ଓ ମହିଳା ଜଲ୍‌ସାଗାହ୍, ରହିବା ସ୍ଥାନ, ଭୋଜନ ବ୍ୟବସ୍ଥା ଏବଂ ବିଭିନ୍ନ କାର୍ଯ୍ୟାଳୟ ସ୍ଥାପନ କରାଯାଇଛି । ହଲ୍ ନମ୍ବର 1: ପୁରୁଷ ସଭାସ୍ଥଳ ଅଟେ । ହଲ୍ ନମ୍ବର 2: ଇତିହାସ, ତବ୍‌ଲିଗ୍ ଏବଂ ପବିତ୍ର କୁରଆନ୍ କାଲିଗ୍ରାଫି (ସୁଲିପି) ପ୍ରଦର୍ଶନୀ ରହିଛି । ବିଦେଶୀ ଅତିଥିମାନଙ୍କ ପାଇଁ ରିଜର୍ଭ ସ୍ୱତନ୍ତ୍ର ଭୋଜନ ବ୍ୟବସ୍ଥା ମଧ୍ୟ ସେହି ହଲ୍‌ରେ କରାଯାଇଛି । ଦ୍ୱିତୀୟ ଦିନ ଜର୍ମାନ୍ ଅତିଥିମାନଙ୍କୁ ହୁଜୁର୍ ଅନ୍‌ୱର୍ ଅ.ବଙ୍କ ଉଦ୍‌ବୋଧନ ମଧ୍ୟ ଏହି ହଲ୍‌ରେ ହେବ । ହଲ୍ ନମ୍ବର 3: ପୁରୁଷଙ୍କ ଭୋଜନ ବ୍ୟବସ୍ଥା ଏହି ହଲରେ ରହିଛି । ହଲ୍ ନମ୍ବର 4: ପୁରୁଷମାନଙ୍କ ରହିବା ସ୍ଥାନ ଏବଂ 'ଅମାନତ୍' (ଜିନିଷପତ୍ର ଗଚ୍ଛିତ) ବିଭାଗ ଏହି ହଲ୍‌ରେ ରହିଛି । ହଲ୍ ନମ୍ବର 5: ପୁରୁଷମାନଙ୍କ ବଜାର, ବୁକ୍ ଷ୍ଟଲ୍, ରିଭ୍ୟୁ ଅଫ୍ ରିଲିଜିଅନ୍‌ସ, ଅଲ୍-ଫଜଲ୍, ନୁର୍ ମ୍ୟାଗ୍‌ଜିନ୍, IHRC, ଯାମିଆ ଅହମଦିୟା, ତାଲିମୁଲ୍ କୁର୍‌ଆନ୍ ୱକ୍‌ଫେ ଆର୍ଜି, ୱକ୍‌ଫେ ନୌ ,ତାଲିମ୍ ୱସାୟା, ସନ୍‌ଅତ୍ ଓ ତିଜାରତ୍ ଇତ୍ୟାଦି ବିଭିନ୍ନ କାର୍ଯ୍ୟାଳୟମାନ ସ୍ଥାପନ କରାଯାଇଛି । ହଲ୍ ନମ୍ବର 6: ଉକ୍ତ ହଲ୍‌ର ଦୁଇ ଭାଗ କରାଯାଇ ଗୋଟିଏ ଭାଗ ପୁରୁଷ ଓ ଅନ୍ୟ ଭାଗଟି ମହିଳାମାନଙ୍କ ରହିବା ସ୍ଥାନ ନିମନ୍ତେ ଉପଲବ୍ଧ କରାଯାଇଥିଲା । ହଲ୍ ନମ୍ବର 7: ଉକ୍ତ ହଲଟି ମହିଳାମାନଙ୍କ ଜଲ୍‌ସାଗାହ୍ ସଭାସ୍ଥଳ ନିମନ୍ତେ ଉଦ୍ଦିଷ୍ଟ ଥିଲା । ହଲ୍ ନମ୍ବର 8: ଉକ୍ତ ହଲ୍‌ରେ ମହିଳାମାନଙ୍କ ଭୋଜନ ନିମନ୍ତେ ବ୍ୟବସ୍ଥା କରାଯାଇଥିଲା । ହଲ୍ ନମ୍ବର 9: ଶିଶୁ ଥିବା ମହିଳାଙ୍କ ପ୍ରବନ୍ଧ ଏବଂ ମହିଳା ବଜାର । ହଲ୍ ନମ୍ବର 10: ଉକ୍ତ ହଲ୍‌ଟି ଲଜ୍‌ନା (ମହିଳା ସଂଗଠନ)ର ରହିବା ସ୍ଥାନ ନିମନ୍ତେ ବିଶେଷିତ କରାଯାଇଥିଲା ।

ଏତଦ୍‌ଭିନ୍ନ ନାନା ସ୍ଥାନରେ ନିମ୍ନଲିଖିତ କାର୍ଯ୍ୟାଳୟ ସ୍ଥାପନ କରାଯାଇଛି ଯଥା- ଦଫ୍‌ତର୍ ଜଲ୍‌ସା ସାଲାନା (ଜଲ୍‌ସା ସାଲାନାର କାର୍ଯ୍ୟାଳୟ), ଇସ୍ତିକ୍‌ବାଲିୟା (ସ୍ୱାଗତ ବିଭାଗ), ପରିଷ୍କାର ପରିଚ୍ଛନ୍ନତା, ରହଣୀ, ଆତିଥ୍ୟତା, ପରିବହନ, ଅଡ଼ିଓ ଭିଡ଼ିଓ ଆଇଟି, ସୋସିଆଲ୍ ମିଡ଼ିୟା, ମହିଳାମାନଙ୍କ ପାଇଁ ଯୋଗାଯୋଗ ବ୍ୟବସ୍ଥା, IT ବିଭାଗ, ପଞ୍ଜିକରଣ, ଶୃଙ୍ଖଳା ରକ୍ଷା ବିଭାଗ, ଦଫ୍‌ତର୍ ଜଲ୍‌ସା ଗାହ୍, ଆବେ ରିସାନି, ରେଡ଼ିଓ, ଦଫ୍‌ତର୍ ଉମୁମି, ଦଫ୍‌ତର୍ ଖିଦ୍‌ମତେ ଖଲ୍‌କ୍, ଧ୍ୱଜା ସୁରକ୍ଷା, ତର୍ବିୟତ୍ ବିଭାଗ, ପ୍ରେସ୍ ବିଭାଗ ଇତ୍ୟାଦି ବିଭିନ୍ନ କାର୍ଯ୍ୟାଳୟମାନ ସ୍ଥାପନ କରାଯାଇଛି ।

ଉକ୍ତ କମ୍ପ୍ଲେକ୍‌ସର ବୃହତ୍ ମୁଖ୍ୟ ପ୍ରବେଶ ଦୁଆର ସମ୍ମୁଖ ଭାବରେ ହ୍ୟୁମାନିଟି ଫାର୍ଷ୍ଟ ପକ୍ଷରୁ ମଧ୍ୟ ଏକ ପ୍ରଦର୍ଶନୀର ଆୟୋଜନ କରାଯାଇଛି । ଲଙ୍ଗର୍‌ଖାନା ନିରୀକ୍ଷଣ ଓ ଗ୍ରୁପ୍ ଫଟୋ ଉଟାଇବା ପରେ ହୁଜୁର ଅନ୍‌ୱର୍ ଅ.ବ ମହିଳା (ଲଜ୍‌ନା) ଜଲ୍‌ସାଗାହ୍ (ସଭାସ୍ଥଳ)ର ବ୍ୟବସ୍ଥା ନିରୀକ୍ଷଣ କଲେ ଏବଂ ସଦର୍ ଲଜନା (ଲଜ୍‌ନାର ସଭାପତିନୀଙ୍କ) ତଥା ନାଜିମା ଆଲାଙ୍କ ସହିତ ନାନା ପ୍ରସଙ୍ଗ ସଂପର୍କରେ କଥା ପଚାରିଲେ । ଏହା ପରେ ହୁଜୁର ଅନ୍‌ୱର୍ ଅ.ବ ପୁରୁଷ ଜଲ୍‌ସାଗାହ୍ (ସଭାସ୍ଥଳକୁ ଅବଶିଷ୍ଟାଂଶ... ପୃ-11 ରେ

ଆସିଲେ । ଏଠାରେ କାର୍ଯ୍ୟକ୍ରମ ଅନୁଯାୟୀ ଜଲସା ସାଲାନାର ଡିୟୁଟିର ଶୁଭୋଦ୍‌ଘାଟନ କାର୍ଯ୍ୟକ୍ରମ ଥିଲା । ସମସ୍ତ ନାଜିମିନ୍ (ବ୍ୟବସ୍ଥାକର୍ତ୍ତା)ମାନେ ନିଜର କାର୍କୁନାନ୍ (କର୍ମଚାରୀ) ମାନଙ୍କ ସହିତ କ୍ରମ ଅନୁଯାୟୀ ବସିଥିଲେ ।

ଅଫିସର୍ ଜଲସା ସାଲାନା, ଅଫିସର ଜଲସାଗାହ୍ ଏବଂ ଅଫିସର ଖିଦମତେ ଖଲକ୍ ବ୍ୟତୀତ ନାଏବ୍ ଅଫିସରଙ୍କ ସଂଖ୍ୟା 15 ଅଟେ । ନାଜିମିନ୍‌ମାନଙ୍କ ସଂଖ୍ୟା 431 ଅଟେ । ନାଏବ୍ ନାଜିମିନ୍‌ଙ୍କ ସଂଖ୍ୟା 296 ଅଟେ । ଅପରପକ୍ଷେ ମୁନ୍ତଜିମିନ୍‌ମାନଙ୍କର ସଂଖ୍ୟା 5041 ଅଟେ ଓ ସହାୟକମାନଙ୍କ ସଂଖ୍ୟା 6691 ଅଟେ । ଏହିପରି ଭାବରେ ମୋଟ 7, 549 ଜଣ ପୁରୁଷ ଓ ଛୋଟ ପିଲାମାନେ ଅର୍ଥାତ୍ ଅତ୍‌ଫାଲମାନେ ନିଜ ନିଜ ଦାୟିତ୍ୱରେ ନିୟୋଜିତ ଥିଲେ । ସେମାନେ ନିଜର ଦାୟିତ୍ୱ ନିର୍ବାହ କରୁଥିଲେ । ରାତି 9.05 ମନିଟରେ ପବିତ୍ର କୁରଆନ୍ ପାଠରୁ କାର୍ଯ୍ୟକ୍ରମ ଆରମ୍ଭ ହେଲା । ପବିତ୍ର କୁରଆନ୍ କରୀମ୍‌ର ତିଲାୱତ୍ ହାଫିଜ୍ ଓୱୈସ୍ ଅହମଦ କମର୍ ସାହେବ କଲେ ଏବଂ ଏହ୍‌ସାନ ଅହମଦ ସାହେବ ଏହାର ଉର୍ଦ୍ଦୁ ଅନୁବାଦ ଉପସ୍ଥାପନ କଲେ । ତତ୍ପରେ 9.10 ମନିଟରେ ହୁଜୁର୍ ଅନ୍‌ୱର୍ ଅ.ବ ଉଦ୍‌ବୋଧନ ଦଲେ ।

ହୁଜୁର୍ ଅନ୍‌ୱର ଅ.ବଙ୍କ ଉଦ୍‌ବୋଧନ: ତସ୍‌ମି ପରେ ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲାଙ୍କ ଏହି ଅଶେଷ କୃପା ରହିଛି ଯେ, ଦୀର୍ଘ ଦିନ ପରେ ଜର୍ମାନୀ ଜମାଅତ୍‌କୁ ଏତେ ବଡ଼ ସ୍ତରରେ ଜଲସା ଆୟୋଜନ କରିବାର ସୁଯୋଗ ମିଳିଛି । ଏଠାରେ ସ୍ଥାନର ସମସ୍ୟା ରହିଛି । କିନ୍ତୁ ଈଶ୍ୱର ନିଜର କୃପା ଅବତୀର୍ଣ୍ଣ କଲେ ଏବଂ ଏକ ସ୍ଥାନରେ ଉପଲବ୍ଧ ହୋଇଯାଇଛି ଏବଂ ଭବିଷ୍ୟତର ଆଶା ରହିଛି । ଜମାଅତ୍ ଅହମଦିୟା ଜର୍ମାନୀ ଉଦ୍ୟମ କରୁଥିଲେ ଏବଂ ନିଜର ସ୍ଥାନ ଖୋଜିନେବେ । ପୁନଶ୍ଚ ଅଧିକ ସରଳତା ଏବଂ ସ୍ୱାଧୀନତାପୂର୍ବକ ବିକାର୍ଯ୍ୟକ୍ରମ ହୋଇପାରିବ । କିନ୍ତୁ ସେ ଯାହା ହେଉ ଅଲ୍ଲାଃତାଲା ସ୍ଥାନ ଉପଲବ୍ଧ କରାଇଦେଲେ । ବିଶାଳ ସ୍ଥାନ ହୋଇଥିବାରୁ ସୁରକ୍ଷା କର୍ମଚାରୀଙ୍କ ଦାୟିତ୍ୱ ବୃଦ୍ଧି ପାଇଛି । ସେମାନଙ୍କୁ ଅତ୍ୟନ୍ତ ସାବଧାନତାର ସହିତ କାର୍ଯ୍ୟ କରିବାକୁ ହେବ । ଖାଦ୍ୟ ପରିବେଷଣ କରୁଥିବା କର୍ମଚାରୀମାନେ ପ୍ରତ୍ୟେକ ଅତିଥିଙ୍କୁ ହସଖୁସି ଚେହେରା ଓ ନମ୍ରତାର ସହ ସେବା କରିବା ଉଚିତ୍ । ସୁରକ୍ଷା ଯାଞ୍ଚ ସମୟରେ ମଧ୍ୟ କାହାକୁ କୌଣସି କଷ୍ଟ ନ ଦେଇ ସ୍ନେହ ଓ ଆଦରର ସହିତ ଉତ୍ତମ ବ୍ୟବହାର କରିବା ଉଚିତ୍ । ବିଭିନ୍ନ ବିଭାଗର କର୍ମଚାରୀମାନେ ନିଜର ପୂର୍ଣ୍ଣ କ୍ଷମତା ଓ ଉତ୍ସାହର ସହ ଦାୟିତ୍ୱ ତୁଲାନ୍ତୁ ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏକ ଦୀର୍ଘ ସମୟ ପରେ ବ୍ୟାପକ ସ୍ତରରେ ଆପଣମାନଙ୍କୁ ଆତିଥ୍ୟତାର ସୁଯୋଗ ମଧ୍ୟ ମିଳୁଛି । ଖାଦ୍ୟ ରୋଷେଇ କରୁଥିବା ଲୋକମାନେ ତ' ଖାଦ୍ୟ ପ୍ରସ୍ତୁତ କରିଦେବେ ଏବଂ ମୁଁ ଏହି ଆଶା କରୁଛି ଯେ, ସେମାନେ ଏଥିରେ କୌଣସି ପ୍ରକାରର କୃର୍ପଣତା ପ୍ରଦର୍ଶନ କରିବେ ନାହିଁ ଏବଂ ଯେଉଁ ଆକଳନ ରହିଛି ତଦନୁଯାୟୀ ଖାଦ୍ୟ ରୋଷେଇ ହେଉଥିବ । ପ୍ରତ୍ୟେକ ବ୍ୟକ୍ତିଙ୍କୁ ଖାଦ୍ୟ ମିଳିଯିବ। ଯେଉଁମାନେ ଖାଦ୍ୟ ପରିବେଷଣ କରୁଛନ୍ତି ସେମାନଙ୍କର କାମ ହେଉଛି ପ୍ରତ୍ୟେକ ବ୍ୟକ୍ତିଙ୍କୁ ଭଲ ବ୍ୟବହାର ସହିତ ଖାଦ୍ୟ ପରିବେଷଣ କରିବା ଏବଂ କୌଣସି ପ୍ରକାରର ଅସନ୍ତୋଷ କିମ୍ବା ଗଣ୍ଡଗୋଳ ହେବା ଉଚିତ୍ ନୁହଁ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଯୁକେ ଜଲସାରେ ମୁଁ କର୍ମକର୍ତ୍ତାମାନଙ୍କୁ କହିଥିଲି ଯେ ପ୍ରତ୍ୟେକ କର୍ମକର୍ତ୍ତାଙ୍କର କର୍ତ୍ତବ୍ୟ ହେଉଛି ସର୍ବଦା ହସୁଥିବା ଏବଂ ଶାନ୍ତି ଓ ପ୍ରେମ ସହିତ ପ୍ରତ୍ୟେକ ଆସୁଥିବା ଅତିଥିଙ୍କ ସହିତ କଥା ହେବା । ବେଳେବେଳେ ଏପରି ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଯାଏ ଯେଉଁଥିରେ ଅସନ୍ତୋଷ ସୃଷ୍ଟି ହେବାର ଆଶଙ୍କା ଥାଏ । କିନ୍ତୁ ଯଦି ସେହି ପରିସ୍ଥିତିରେ କର୍ମକର୍ତ୍ତାମାନେ ଧୈର୍ଯ୍ୟ ଏବଂ ସହନଶୀଳ ଭାବ ଓ ଉତ୍ତମ ଆଚରଣ ପ୍ରଦର୍ଶନ କରନ୍ତି ତେବେ ଏପରି ଅସନ୍ତୁଷ୍ଟ ପରିସ୍ଥିତିକୁ ଏଡ଼ାଇ ଦିଆଯାଇ ପାରିବ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ମୁଁ ସୁରକ୍ଷା ସମ୍ପର୍କରେ ପୂର୍ବରୁ କିଛି କଥା କହିଥିଲି। ବର୍ତ୍ତମାନ ମହିଳାମାନଙ୍କ ବିଷୟରେ ମଧ୍ୟ କହି ଦେଉଛି । ବେଳେବେଳେ ଆସୁଥିବା ମହିଳାମାନେ ଏବଂ କେତେକ ପୁରୁଷମାନେ ମଧ୍ୟ ହଇରାଣ କରିଥାଆନ୍ତି । ଏଠାରେ ଆପଣମାନଙ୍କୁ ସଦ୍‌ବ୍ୟବହାର ତଥା ଉତ୍ତମ ଆଚରଣ ପ୍ରଦର୍ଶନ କରିବାକୁ ହେବ । ବୈତୁଲ୍ ସୁବୁହ ଠାରେ ନମାଜ୍ ଏବଂ ସାକ୍ଷାତ୍ ସମୟରେ ଲୋକମାନେ ଆସୁଥିଲେ। ସେଠାରେ ଚେକିଂ ଚାଲିଥିଲା ତେବେ ଜଣେ ମହିଳାଙ୍କ ଅଭିଯୋଗ ମୋ ନିକଟରେ ପହଞ୍ଚିଲା । ସେହି ମହିଳା ଜଣକ କୁହନ୍ତି ମୋତେ ଧକ୍କା ଦିଆଗଲା ଏବଂ ଚେକ୍ କରୁଥିବା ମହିଳା ଜଣକ ଠିକ୍ ଭାବରେ ଆଚରଣ ପ୍ରଦର୍ଶ କଲେ ନାହିଁ । ତେଣୁ ଏହି କଥା ପ୍ରତି ଧ୍ୟାନ ଦିଅନ୍ତୁ। କାରଣ ଏଥି ପ୍ରତି ନଜର ମଧ୍ୟ ରଖିବେ, ସତର୍କତା ମଧ୍ୟ ଅବଲମ୍ବନ କରିବାକୁ ହେବ, ନିଜ କାମ ପ୍ରତି ସମ୍ପୂର୍ଣ୍ଣ ଧ୍ୟାନ ଦେବାକୁ ହେବ । କିନ୍ତୁ ତତ୍‌ସହିତ ଆପଣମାନଙ୍କର ଆଚରଣ ମଧ୍ୟ ଭଲ ହେବା ଉଚିତ୍ । ଚେକ୍ ମଧ୍ୟ କରନ୍ତୁ ତେବେ କୋମଳ, ପ୍ରେମ ଏବଂ ସ୍ନେହ ସହିତ ଚେକ୍ କରନ୍ତୁ । କାହାକୁ କୌଣସି ପ୍ରକାରର ଅଭିଯୋଗର ସୁଯୋଗ ଦିଅନ୍ତୁ ନାହିଁ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲାଙ୍କ କୃପାରୁ ଜଲସାର ଯେଉଁ ପ୍ରସ୍ତୁତି ହୋଇଛି ତାହା ଏହା ପ୍ରମାଣ କରିଦେଲା ଯେ, ଯେଉଁ ଭୟ ରହିଥିଲା ଯେ, ଚାରି ବର୍ଷର ସମୟ ପରେ ଏତେ ବ୍ୟାପକ ସ୍ତରରେ ବୋଧ ହୁଏ ପ୍ରସ୍ତୁତି ଠିକ୍ ଭାବରେ ହୋଇପାରିବ ନାହିଁ । କିନ୍ତୁ ଏହି ସନ୍ଦେହଟି ଦୂର ହୋଇଗଲା ଏବଂ ଭଲଣ୍ଟିୟର୍‌ସମାନେ (ସ୍ୱେଚ୍ଛାସେବୀମାନେ), ଖୁଦ୍ଦାମ, ଅନସାର ଏବଂ ଜମାଅତ୍‌ର ବ୍ୟକ୍ତିମାନେ ମିଳିତ ଭାବରେ ଜଲସାଗାହ୍‌କୁ ଜଲସା ନିମନ୍ତେ ପ୍ରସ୍ତୁତ କରିଦେଲେ । ଏହା ହିଁ ଏହାର ଜ୍ୱଳନ୍ତ ପ୍ରମାଣ ଅଟେ ଯେ, ଅଲ୍ଲାଃତାଲାଙ୍କ କୃପାରୁ ଆପଣ ନିଜ କାମ ଭୁଲି ନାହାନ୍ତି ଏବଂ ଆଗାମୀ ସମୟରେ ଆସୁଥିବା ଏବଂ ସେହି ପିଲାମାନେ ଯେଉଁମାନେ ବର୍ତ୍ତମାନ ଯୁବକ ହେଉଛନ୍ତି, ସେମାନେ ମଧ୍ୟ ଆପଣଙ୍କଠାରୁ ଶିଖିବେ। ଅବଶିଷ୍ଟାଂଶ..ପରବର୍ତ୍ତୀ ସଂଖ୍ୟାରେ

## ପୃ-01ରେ ବର୍ଣ୍ଣିତ ତଫସିର୍ କବିରର ଅବଶିଷ୍ଟାଂଶ...."

ଅନ୍ୟ ଦିନଗୁଡ଼ିକରେ ଉପାସନା ଛାଡ଼ି ଦିଆଯାଇପାରେ । କାରଣ ଯେତେବେଳେ ଏହି ଆୟାତ୍ ଅବତୀର୍ଣ୍ଣ ହେଲା ସେତେବେଳେ ବି ରସୁଲୁଲ୍ଲାଃ ସ.ଅ ଉପାସନା କରୁଥିଲେ । ତେଣୁ ଏହାର ଅର୍ଥ ହେଉଛି ସାଧାରଣ ଅପେକ୍ଷା ଅଧିକ ଉପାସନା ଏବଂ ଧ୍ୟାନ ଦେବା । କେତେକ ଅଜ୍ଞ, ଭ୍ରାନ୍ତ, ବିଦ୍‌ଅତୀ (ନୂତନ ଆହୃତ୍ ରୀତିର) ଲୋକେ ଏହି ଆୟାତ୍‌ର ଅର୍ଥ ଏପରି କରନ୍ତି ଯେ, ଯେପର୍ଯ୍ୟନ୍ତ 'ଯକୀନ୍' (ପୂର୍ଣ୍ଣ ବିଶ୍ୱାସ) ପ୍ରାପ୍ତ ନ ହୋଇଛି ସେପର୍ଯ୍ୟନ୍ତ ହିଁ ଉପାସନା ଫର୍ଜ (ଅନିବାର୍ଯ୍ୟ) ଅଟେ ଏବଂ ଯେତେବେଳେ ଯକୀନ୍ (ଅର୍ଥାତ୍ ପୂର୍ଣ୍ଣ ବିଶ୍ୱାସ) ପ୍ରାପ୍ତ ହୋଇଯାଏ ସେତେବେଳେ ତା'ପରେ ଆଉ ଉପାସନାର ପ୍ରୟୋଜନୀୟତା ନାହିଁ । କାରଣ ଅଲ୍ଲାଃତାଲା କୁହନ୍ତି, ''ଯକୀନ୍ ପ୍ରାପ୍ତ ହେବା ପର୍ଯ୍ୟନ୍ତ ଉପାସନା କର''। ଏହି ଅଜ୍ଞ ଲୋକମାନେ ଜାଣନ୍ତି ନାହିଁ ଯେ, ଏପରି କହି ସେମାନେ ମୁହମ୍ମଦ ରସୁଲୁଲ୍ଲାଃ ସ.ଅଙ୍କ ଉପରେ ହିଁ ଆକ୍ଷେପ ଓ ଆକ୍ରମଣ କରୁଛନ୍ତି ଏବଂ ଯେପରି ସେମାନେ କହୁଛନ୍ତି ଯେ, ଏହି ସୁରାଃ ଅବତୀର୍ଣ୍ଣ ହେବା ପର୍ଯ୍ୟନ୍ତ ଆପଣ ସ.ଅଙ୍କୁ ପୂର୍ଣ୍ଣ ବିଶ୍ୱାସ ପ୍ରାପ୍ତ ହୋଇ ନଥିଲା ! ଯଦି ମୁହମ୍ମଦ ରସୁଲୁଲ୍ଲାଃ ସ.ଅଙ୍କୁ ନବୁୱତ୍ (ଅବତାରତ୍ୱ) ପ୍ରାପ୍ତି ପରେ ବି ପୂର୍ଣ୍ଣ ବିଶ୍ୱାସ ପ୍ରାପ୍ତ ହୋଇ ନଥିଲା ତେବେ ଏହି ନୀଚ ତଥା ତୁଚ୍ଛ ଲୋକମାନଙ୍କୁ କିପରି ବିଶ୍ୱାସ ପ୍ରାପ୍ତ ହୋଇପାରିବ ? **ନଊଜୁବିଲ୍ଲାହି ମିନ୍ ହାଜିହିଲ୍ ଖୁରାଫାତ୍** (ଏହିପରି ଅସାର ଏବଂ ଭ୍ରାନ୍ତ କଥାରୁ ଅଲ୍ଲାଃ ହିଁ ଆମକୁ ରକ୍ଷା କରନ୍ତୁ) ।

ଥରେ ମୋ ନିକଟକୁ ଏପରି ଜଣେ ବ୍ୟକ୍ତି ଆସି ପ୍ରଶ୍ନ କଲା ଯେ, ହୁଜୁର୍ ! ନୌକାରେ ଯାତ୍ରା କରୁଥିବା ଯାତ୍ରୀ ଯେତେବେଳେ କୂଳରେ ପହଞ୍ଚେ ସେତେବେଳେ ସେ ନୌକା ଭିତରେ ହିଁ ବସି ରହିବ ନା ଓହ୍ଲାଇ ଯିବ ? ମୁଁ କହିଲି: ଯଦି ନଦୀର ସୀମା ଅଛି ଏବଂ ତାହାର କୂଳ ଅଛି ତେବେ ସେ କୂଳରେ ଓହ୍ଲେଇ ଯିବ । କିନ୍ତୁ ଯଦି ନଦୀ ଅସୀମ (ସୀମାହୀନ) ହୋଇଥାଏ, ତେବେ ସେ ଯାହାକୁ କୂଳ ବୋଲି ଭାବୁଛି ତାହା ତା' ବୁଦ୍ଧିର ଭ୍ରମ ଅଟେ । ତେଣୁ ସେ ଯେଉଁଠାରେ ବି ଓହ୍ଲାଇବ ସେହିଠାରେ ହିଁ ବୁଡ଼ିଯିବ । ଏହା ଶୁଣି ସେ ବ୍ୟକ୍ତି ଅତ୍ୟନ୍ତ ଲଜ୍ଜିତ ହେଲା ।"**(ତଫସୀରେ କବୀର୍, ପୃଷ୍ଠା-375, ଗ୍ରନ୍ଥଖଣ୍ଡ-5)**

☆☆☆

## ପୃ-02ରେ ବର୍ଣ୍ଣିତ ସମ୍ପାଦକୀୟର ଅବଶିଷ୍ଟାଂଶ....

ଦୈବୀ ଜ୍ଞାନ ଦ୍ୱାରା ସମ୍ମାନିତ କରିଛନ୍ତି । ଅନେକ ଗୁପ୍ତ ତଥା ଆଦୃଷ୍ଟ ରହସ୍ୟ ସମ୍ବନ୍ଧରେ ଅବଗତ ମଧ୍ୟ କରାଇଛନ୍ତି । ଈଶ୍ୱର ଅନେକ ସତ୍ୟ ଓ ଜ୍ଞାନ ଦ୍ୱାରା ଏହି ବିନୀତର ହୃଦୟକୁ ପରିପୂର୍ଣ୍ଣ କରି ଦେଇଛନ୍ତି ଏବଂ ଅନେକ ଥର ଜଣାଇ ଦେଇଛନ୍ତି ଯେ, ଏହିସବୁ ଦାନ, କୃପା, ଆଶୀର୍ବାଦ, କଲ୍ୟାଣ ଉପକାର, ଧ୍ୟାନ, ସାହାଯ୍ୟ, ପୁରସ୍କାର ଏବଂ ଏହି ସମସ୍ତ କଥୋପକଥନ କେବଳ ଶେଷ ନବୀ ହଜରତ ମୁହମ୍ମଦ୍ ସ.ଅଙ୍କ ଅନୁସରଣ ଓ ପ୍ରେମର ଶୁଭ ପ୍ରଭାବ ଯୋଗୁଁ ହିଁ ସମ୍ଭବପର ହୋଇ ପାରିଛି ।"

جمال ہمنشیں در من اثر کرد
وگرنہ من ہماں خاکم کہ ہستم

"ଜମାଲେ ହମ୍ ନଶୀନ୍ ଦର ମନ୍ ଅସର୍ କର୍ଦ୍
ଓଗରନା ମନ୍ ହମାଁ ଖାକମ୍ କେ ହସ୍ତମ୍ ।"

**ଅନୁବାଦ:** ଅର୍ଥାତ୍ ସାଙ୍ଗର ସୌନ୍ଦର୍ଯ୍ୟ ମୋ ଉପରେ ପ୍ରଭାବ ପକାଇଛି । ନଚେତ୍ (ଅନ୍ୟଥା) ମୁଁ ସେହି ଧୂଳି ହିଁ ଅଟେ ଯାହା ମୁଁ ଥିଲି ।

**(ବରାହୀନେ ଅହମଦିୟା, ପୃଷ୍ଠା-623, ପାଦଟୀକା ନଂ-11)**

☆☆☆

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

Editor : Qamarul Haque Khan
Sub- Editor : Sayed Ataul Wahab
Mob : (+91) 8437782443
akhbaarbadarodiaqdn@gmail.com
www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly BADAR Qadian
Qadian - 143516 Distt. Gurdaspur (Pb.)
Postal Reg. No. GDP- 40/2026-2028 Vol. 11 Thursday- 24 Sep 2026 Issue No. 39
ANNUAL SUBSCRIPTION: 600/- (PER ISSUE: 12/-) (WEIGHT: 20-50 gms/issue)

Act. MANAGER
ATHAR AHMAD SHAMIM
Mobile. : +91 9815639670
e-mail : managerbadrqnd@gmail.com
www.alislam.org/badr

## ଗତ ସଂଖ୍ୟାର ପ୍ରକାଶିତ ସିରତ୍ ଖାତମୁନ୍ ନବୀୟୀନ୍ସ.ଅ.ର ଅବିଶିଷ୍ଟାଂଶ

ତାଙ୍କୁ (ବହିରା ପାଦ୍ରୀଙ୍କୁ) ଜଣାଥିଲା ଯେ ଈଶ୍ୱରୀୟ ଗ୍ରନ୍ଥବଳୀ ଅନୁଯାୟୀ ଜଣେ ନବୀ ଆବିର୍ଭୂତ ହେବାକୁ ଯାଉଛି । ତେଣୁ ସେ ନିଜର ବୁଦ୍ଧିମତ୍ତା ସୂକ୍ଷ୍ମଦୃଷ୍ଟି ମାଧ୍ୟମରେ ବୁଝିଗଲେ ଯେ, ଏହି ପଦଯାତ୍ରୀ ଦଳ (କାଫିଲା) ମଧ୍ୟରେ ସେହି ନବୀ ଅବଶ୍ୟ ଉପସ୍ଥିତ ଥିବ । ସୁତରାଂ ସେ ନିଜର ଚେହେରା ଅନୁମାନ କରିବାର ଦକ୍ଷତା ଦ୍ୱାରା ପବିତ୍ର ମହବାତାର ନବୀ କରୀମ୍ ସ.ଅଙ୍କୁ ଚିହ୍ନି ନେଲା ଏବଂ ଏ ବିଷୟରେ ଅବୁ ତାଲିବ୍‌ଙ୍କୁ ସୂଚନା ଦେଲା ଓ ଅବୁ ତାଲିବଙ୍କୁ ଉପଦେଶ ଦେଲା ଯେ, ସେ ଆପଣ ସ.ଅଙ୍କୁ ଏହ୍‌ଲେ କିତାବ୍ (ଗ୍ରନ୍ଥଧାରୀ ଅର୍ଥାତ୍ ଖ୍ରୀଷ୍ଟିଆନ୍ ଓ ୟହୁଦୀ)ମାନଙ୍କ ଅନିଷ୍ଟତା ତଥା ଦୁଷ୍ଟାମୀରୁ ସୁରକ୍ଷିତ ରଖନ୍ତୁ ।

ବର୍ଣ୍ଣନା ଶାସ୍ତ୍ର (ଇଲ୍‌ମେ ରିୱାୟତ୍) ଦୃଷ୍ଟିକୋଣରୁ ଯଦି ଉକ୍ତ ଘଟଣାର ପ୍ରମାଣ ଦୁର୍ବଳ ଅଟେ । କିନ୍ତୁ ଯଦି ବାସ୍ତବରେ ଏପରି ଗୋଟିଏ ଘଟଣା ଘଟିଥାଏ ତେବେ ସେପରିପ୍ରେକ୍ଷୀରେ ତହିଁରେ (ସେଥିରେ) କୌଣସି ଆଶ୍ଚର୍ଯ୍ୟ ହେବାର କିଛି କଥା ନାହିଁ । ବୃକ୍ଷଲତାର ସଜ୍‌ଦା (ପ୍ରଣୀପାତ) କରିବା ରାହିବ୍ (ପାଦ୍ରୀ)ର ଏକ କଶ୍‌ଫୀ (ଆଧ୍ୟାତ୍ମିକ ସ୍ୱପ୍ନାବସ୍ଥା) ନଜାରା (ଦୃଶ୍ୟ) ବୋଲି ଗ୍ରହଣ କରାଯିବ ଯାହା ଆଁହଜରତ୍ ସ.ଅଙ୍କ ଆଧ୍ୟାତ୍ମିକ ମର୍ଯ୍ୟାଦା ଦୃଷ୍ଟିରୁ କୌଣସି ଅସାଧାରଣ କଥା ନୁହେଁ ।

### କ'ଣ ଇସଲାମ୍ ଖ୍ରୀଷ୍ଟଧର୍ମ ଦ୍ୱାରା ପ୍ରଭାବିତ ହୋଇଛି କି ?

ଏଠାରେ ଉକ୍ତ କଥାର ଉଲ୍ଲେଖ କରିବା ଜରୁରୀ ଅଟେ ଯେ, ମିଓର୍ ସାହେବ ଏବଂ ଅନ୍ୟ କେତେକ ଅଣ ମୁସଲିମ୍ ଇତିହାସବିତ୍‌ମାନେ ବହିରା ରାହେବ (ପାଦ୍ରୀଙ୍କ ଏହିପରି ଅନ୍ୟାନ୍ୟ ଘଟଣାବଳୀରୁ ଯହିଁରେ ଆଁହଜରତ ସ.ଅଙ୍କ ଦାବି କରିବା ପୂର୍ବରୁ କୌଣସି ଖ୍ରୀଷ୍ଟିଆନ୍‌ଙ୍କ ସହ ସାକ୍ଷାତ୍ ହେବାର ବର୍ଣ୍ଣନା କରାଯାଇଛି ।

ତହିଁରୁ ଏହି ପରିଣାମ ବାହାର କରାଯାଇଛି ଯେ, ଆଁହଜରତ୍ ସ.ଅ ଖ୍ରୀଷ୍ଟଧର୍ମ ଦ୍ୱାରା ପ୍ରଭାବିତ ହୋଇ ନବୁୱତ୍‌ର (ଅବତାରତ୍ୱର) ଦାବି କରିଥିଲେ ଏବଂ ଆପଣ ସ.ଅଙ୍କ ଶିକ୍ଷା ସେହି ପ୍ରଭାବର ହିଁ ପରିଣାମ ଥିଲା । କିନ୍ତୁ ଏହି ଧାରଣାଟି ସମ୍ପୂର୍ଣ୍ଣ ଭୁଲ୍ ଅଟେ ଏବଂ ତଥ୍ୟହୀନ ଓ ଘଟଣା ବିରୁଦ୍ଧୀୟ ଅଟେ । ଯେଉଁ ବ୍ୟକ୍ତି ଆପଣ ସ.ଅଙ୍କ ଶିକ୍ଷା ଓ ଜୀବନୀ ବିଷୟରେ ଅଳ୍ପ ବହୁତ ବି ଅଧ୍ୟୟନ କରିଛି ଏବଂ ବିଦ୍ୱେଷ ସେହି ବ୍ୟକ୍ତିର ଚକ୍ଷୁ ଉପରେ ପରଦା ପକାଇ ନାହିଁ ତେବେ ସେ ଏହି ଆପତ୍ତି ଦ୍ୱାରା କେବେ ହେଲେ ଭ୍ରମିତ ହୋଇ ପାରିବ ନାହିଁ ।

ନିଶ୍ଚିତ ଭାବେ ଏହା ସତ୍ୟ ଯେ, ପ୍ରତ୍ୟେକ ବୁଦ୍ଧିମାନ୍ ମନୁଷ୍ୟ ନିଜ ସାମର୍ଥ୍ୟାନୁସାରେ ନିଜ ପରିବେଶକୁ ଅଧ୍ୟୟନ କରିଥାଏ ଏବଂ ପରିବେଶର ଭଲ ଓ ମନ୍ଦ ଗୁଣ ଯୋଗୁଁ ଭଲ କିମ୍ବା ଖରାପ ପ୍ରଭାବ ସୃଷ୍ଟି ହେବା ମଧ୍ୟ ଏକ ସ୍ୱଭାବଗତ ନିୟମ ଅଟେ ।

ଅତଏବ୍ ଯଦି ଆଁହଜରତ୍ ସ.ଅ ନବୁୱତ୍ (ଅବତାରତ୍ୱ) ପ୍ରାପ୍ତି ଆଗମନ (ବେସତ୍) ପୂର୍ବରୁ କୌଣସି ଖ୍ରୀଷ୍ଟିଆନ୍‌ଙ୍କ ସହ ସାକ୍ଷାତ୍ କରିଥିବେ ଏବଂ ଆପଣ ସ.ଅଙ୍କୁ ଖ୍ରୀଷ୍ଟଧର୍ମର ଶିକ୍ଷା ଶୁଣିବାର ସୁଯୋଗ ମିଳିଥିବ ତେବେ ସ୍ୱାଭାବିକ ରୂପେ ଆପଣ ସ.ଅଙ୍କ ହୃଦୟରେ ଏହାର ଭଲ ଓ ଖରାପ ଅଂଶ ସମ୍ପର୍କରେ ପ୍ରଭାବ ମଧ୍ୟ ସୃଷ୍ଟି ହୋଇଥିବ । କିନ୍ତୁ ଏହି ଧାରଣାଟି ସମ୍ପୂର୍ଣ୍ଣ ଭୁଲ୍ ଓ ଭିତ୍ତିହୀନ ଯେ, ଆପଣ ସ.ଅଙ୍କ ଅବତାରତ୍ୱ ଏବଂ ଶିକ୍ଷା ଏହି ପ୍ରଭାବର ହିଁ ପରିଣାମ ଥିଲା । କାରଣ ପ୍ରଥମତଃ ଅବତାରତ୍ୱ ପ୍ରାପ୍ତି ପୂର୍ବରୁ ଆପଣ ସ.ଅଙ୍କର କୌଣସି ଖ୍ରୀଷ୍ଟିଆନ୍‌ଙ୍କ ସହିତ ଏପରି ପରିସ୍ଥିତିରେ ସାକ୍ଷାତ୍ ହେବା ସିଦ୍ଧ ନୁହେଁ ଯାହା ସମ୍ପର୍କରେ ଏହା ଭାବି ହେବ ଯେ, ସେ ଆପଣ ସ.ଅଙ୍କ ସ୍ୱଭାବ ଉପରେ କୌଣସି ଗଭୀର ଓ ସ୍ଥାୟୀ ପ୍ରଭାବ ଛାଡ଼ିଥିଲା । କିନ୍ତୁ ଯଦି ବି ଧରିନିଆଯାଏ ଯେ, ଏହିପରି କୌଣସି ପ୍ରଭାବ ଥିଲା ତେବେ ନିଶ୍ଚିତ ଭାବେ ତାହା କୌଣସି ଭଲ ପ୍ରଭାବ ନଥିଲା ।

କାରଣ ଯେପରି ପ୍ରତ୍ୟେକ ବ୍ୟକ୍ତି ଜାଣନ୍ତି ଯେ, ଆପଣ ସ.ଅ ଆଣିଥିବା ଶିକ୍ଷାରେ ଖ୍ରୀଷ୍ଟଧର୍ମର ଅଧିକାଂଶ ମୌଳିକ ସମସ୍ୟା ସହ ଗ୍ରହଣୀୟ ନୁହେଁ ଏବଂ ଘୋର ମତଭେଦ ଦେଖାଯାଏ । ଉଦାହରଣ ସ୍ୱରୂପ, ବର୍ତ୍ତମାନର ଖ୍ରୀଷ୍ଟଧର୍ମର ଭିତ୍ତି (ମୂଳଦୁଆ) ଅଧିକାଂଶ ଭାବେ ଯୀଶୁ ଖ୍ରୀଷ୍ଟଙ୍କ ଈଶ୍ୱରତ୍ୱ (ଉଲୁହିୟତେ ମସିହ୍), ତ୍ରିରୂପବାଦ ବା ତ୍ରିଦେବତ୍ୱ (ତସ୍‌ଲୀସ/Trininty) ଏବଂ ପ୍ରାୟଶ୍ଚିତ୍ତ (କଫ୍‌ଫାରାହ୍) ର ବିଶ୍ୱାସ ଉପରେ ଆଧାରିତ ଅଟେ । କିନ୍ତୁ ଜଣେ ଶିଶୁ ମଧ୍ୟ ଏକଥା ଜାଣେ ଯେ, ପବିତ୍ର କୁର୍‌ଆନ୍‌ରେ ଏହି ତିନୋଟିଯାକ ବିଷୟ ବିରୋଧରେ ଅତ୍ୟନ୍ତ କଠୋର ଭାବେ ମତବ୍ୟକ୍ତ କରାଯାଇଛି । ଏପର୍ଯ୍ୟନ୍ତକି ଖ୍ରୀଷ୍ଟଙ୍କର କଳ୍ପିତ ଈଶ୍ୱରତ୍ୱ ଏବଂ ଈଶ୍ୱରଙ୍କ ପୁତ୍ର ହେବା ସମ୍ପର୍କରେ ଏପରି ଶବ୍ଦାବଳୀ ଆସିଛି ଯେ, ଏହା ଏପରି ଏକ ବିଶ୍ୱାସ ଯାହା ଯୋଗୁଁ ଆକାଶ ଓ ପୃଥିବୀ ଫାଟିଯିବ । **(ସୁରାଃ ମରିୟମ୍:91-93)** ଏହିସବୁ ପରିସ୍ଥିତିରେ ଇସ୍‌ଲାମ୍ ଧର୍ମର ଶିକ୍ଷାକୁ ଖ୍ରୀଷ୍ଟଧର୍ମ ସହିତ ଯୋଡ଼ିବା କିମ୍ବା ତାର ଶ୍ରେୟ ଖ୍ରୀଷ୍ଟଧର୍ମକୁ ଦେବା ଏକ ପାଗଳାମିର ପ୍ରଚେଷ୍ଟା ବ୍ୟତୀତ ଅନ୍ୟ କିଛି ନୁହେଁ ।

ଅବଶିଷ୍ଟାଂଶ...ପରବର୍ତ୍ତୀ ସଂଖ୍ୟାରେ

## ସିରତୁଲ୍ ମେହ୍‌ଦୀ

(ଲେଖକ. ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ)

ମାତ୍ର ମୋକଦ୍ଦମାରୁ ଖଲାସ (ମୁକ୍ତ) ହୋଇଗଲା । ହ. ସାହେବ କହୁଥିଲେ ଯେ, ମନେହୁଏ ଅଲ୍ଲାଃତାଲା ଆମ ଯୋଗୁଁ ହିଁ ତାକୁ ଜେଲ୍‌ରୁ ବଞ୍ଚାଇଦେଲେ । ଅନ୍ୟଥା ସେ ନିଜେ ଯେତେ ଖରାପ ଲୋକ ହୋଇଥାଉ ନା କାହିଁକି ଆମର ବିରୋଧୀମାନେ ଏହା ହିଁ କହୁଥିଲେ ଯେ, ଏମାନଙ୍କର ଜଣେ ଦାଦାପୁଅ ଭାଇ ଜେଲ୍ ଖାନାରେ ରହି ସାରିଛି । ଖାକ୍‌ସାର୍ (ବିନୀତ) କହୁଛି ଯେ, ହ. ମସିହ ମଉଦ୍ ଅ.ସଙ୍କ ସିୟାଲ୍‌କୋଟ୍‌ର ଚାକିରି 1864 ମସିହାରୁ 1868 ମସିହା ମଧ୍ୟର ଘଟଣା ଅଟେ । ଏହି ବର୍ଣ୍ଣନାରୁ ଏହା ବୁଝିବା ଉଚିତ୍ ନୁହେଁ ଯେ, ହ.ମସିହ୍ ମଉଦ୍ ଅ.ସ ଙ୍କର ସିୟାଲ୍‌କୋଟରେ ଚାକିରି କରିବା ଏହି କାରଣରୁ ଥିଲା ଯେ, ଆପଣ ଅ.ସଙ୍କ ଠାରୁ ମିର୍ଜା ଇମାମୁଦ୍ଦୀନ୍ ଜେଜେ ବାପାଙ୍କ ପେନ୍‌ସନ୍ ଟଙ୍କା ଠକି ନେଇଥିଲେ । କାରଣ ଯେପରିକି ସ୍ୱୟଂ ହ. ମସିହ୍ ମଉଦ୍ ଅ.ସ ନିଜ ରଚନାବଳୀରେ ସ୍ପଷ୍ଟ କରିଛନ୍ତି, ଆପଣଙ୍କର ଚାକିରି କରିବାର କାରଣ କେବଳ ଏହା ଥିଲା ଯେ ଆପଣଙ୍କ ପିତା ଚାକିରି କରିବା ପାଇଁ ବାରମ୍ବାର ଆପଣ ଅ.ସଙ୍କ ଉପରେ ଚାପ ପକାଉଥିଲେ । ଅନ୍ୟଥା ଆପଣ ଅ.ସଙ୍କ ନିଜର ମତ ଚାକିରି କରିବା ବିପରୀତ ଥିଲା । ଅର୍ଥାତ୍ ଆପଣ ଅ.ସ ଚାକିରୀ କରିବାକୁ ଚାହୁଁ ନଥିଲେ ।

{୫୦} بسم اللہ الرحمٰن الرحیم । ବିନୀତ କହୁଛି ଯେ, ଚିକିତ୍ସା ବିଜ୍ଞାନ (ତବାବତ୍ ବା ୟୁନାନୀ ଚିକିତ୍ସା) ଆମ ପରିବାରର ଏକ ପାରମ୍ପରିକ ବିଦ୍ୟା ଅଟେ । ଉକ୍ତ ଚିକିତ୍ସା ରେ ଆମ ପରିବାର ସଦାସର୍ବଦା ନିପୁଣ ରହି ଆସିଛି । ଜେଜେ ବାପା (ଗୁଲାମ୍ ମୁର୍ତ୍ତଜା ସାହେବ) ଜଣେ କୁଶଳୀ ଏବଂ ପ୍ରସିଦ୍ଧ ଚିକିତ୍ସକ (ହାଜିକୁତ୍ ତବୀବ୍) ଥିଲେ । ବଡ଼ବାପା ମଧ୍ୟ ଚିକିତ୍ସା ଶାସ୍ତ୍ର ପଢ଼ିଥିଲେ । ହ. ମସିହ୍ ମଉଦ୍ ଅ.ସଙ୍କର ମଧ୍ୟ ଚିକିତ୍ସା ବିଜ୍ଞାନରେ ଭଲ ଦକ୍ଷତା ଥିଲା ଏବଂ ସେ ଘରେ ଔଷଧର ଏକ ଭଣ୍ଡାର ରଖୁଥିଲେ, ଏହା ଦ୍ୱାରା ଆପଣ ଅ.ସ ରୋଗୀମାନଙ୍କୁ ଔଷଧ ମଧ୍ୟ ଦେଉଥିଲେ । ମିର୍ଜା ସୁଲତାନ୍ ଅହମଦ ସାହେବ ମଧ୍ୟ ଚିକିତ୍ସା ଶାସ୍ତ୍ର ପଢ଼ିଥିଲେ । ବିନୀତକୁ ହ. ଖଲିଫତୁଲ୍ ମସିହ୍ ସାନି (ଦ୍ୱିତୀୟ ଖଲିଫା) ଥରେ ବର୍ଣ୍ଣନା କରି କହିଥିଲେ ଯେ, ମୋତେ ମଧ୍ୟ ହ. ମସିହ୍ ମଉଦ୍ ଅ.ସ ଚିକିତ୍ସା ବିଜ୍ଞାନ ପଢ଼ିବା ପାଇଁ ତାଗିଦ୍ କରିଥିଲେ । ଚିକିତ୍ସା ବିଜ୍ଞାନ ଆମ ପରିବାରର ଏକ ବିଶେଷତା ହୋଇ ରହିଥିବା ସତ୍ତ୍ୱେ ଆମ ପରିବାରର କେହି ମଧ୍ୟ କେବେ ହେଲେ ଏହି ବିଦ୍ୟାକୁ ନିଜ ଜୀବିକାର ମାଧ୍ୟମ କରି ନାହାନ୍ତି କିମ୍ବା ଚିକିତ୍ସା ବଦଳରେ କାହାଠାରୁ କୌଣସି ପାରିଶ୍ରମିକ (ଫିସ୍) ନେଇ ନାହାନ୍ତି ।

{୫୧} بسم اللہ الرحمٰن الرحیم । ମତାଶ୍ରୀ (ଅମ୍ମା ଜାନ୍) ମୋତେ କହିଲେ ଯେ, ତୁମର ଜେଜେମା (ଦାଦୀ ସାହେବା) ହୋଶିୟାର୍‌ପୁର ଜିଲ୍ଲାର ଏମା ଗ୍ରାମର ଅଧିବାସୀନୀ ଥିଲେ । ହ. ସାହେବ (ମସିହ୍ ମଉଦ୍ ଅ.ସ) କହୁଥିଲେ ଯେ, ଆମେ ନିଜ ଜେଜେମାଆଙ୍କ ସହ ପିଲାଦିନେ କେତେଥର ଏମା ଯାଇଛୁ । ମାତାଶ୍ରୀ କହିଲେ ଯେ, ସେଠାରେ ହ. ସାହେବ ପିଲାଦିନେ ଚଢ଼େଇ ଧରୁଥିଲେ ଏବଂ ଛୁରୀ ନମିଳିଲେ ଖଗଡ଼ା (କାଶତଣ୍ଡି, ମୁଞ୍ଜି ଘାସ) ଦ୍ୱାରା ତାହାକୁ ଜେବହ୍ କରି ଦେଉଥିଲେ ।

ମାତାଶ୍ରୀ କହିଲେ ଯେ ଥରେ ଏମାରୁ କିଛି ବୃଦ୍ଧା ମହିଳାମାନେ ଆସିଥିଲେ । ସେମାନେ କଥା ପ୍ରସଙ୍ଗରେ କହିଲେ ଯେ "ସିନ୍ଧୀ" ଆମ ଗାଁରେ ଚଢ଼େଇ ଧରୁଥିଲା। ମାତାଶ୍ରୀ କହିଲେ ଯେ, ମୁଁ ବୁଝିପାରିଲି ନାହିଁ "ସିନ୍ଧୀ" କାହାକୁ କୁହାଯାଉଛି । ଶେଷରେ ଜଣାପଡ଼ିଲା ଯେ, ସେମାନଙ୍କର ଯଥାର୍ଥ ଓ ଇଙ୍ଗିତ ହ. ସାହେବଙ୍କ ଆଡ଼କୁ ଥିଲା । ମାତାଶ୍ରୀ କହୁଥିଲେ ଯେ, ଏହା ଏକ ପ୍ରଥା ଅଟେ ଯେ କୌଣସି ମାନସିକ (ମନ୍ନତ୍) ପୂରଣ ହେବା ଫଳରେ କେତେକ ଲୋକ ବିଶେଷକରି ସ୍ତ୍ରୀଲୋକମାନେ ନିଜର କୌଣସି ପିଲାର ଡାକନାମ "ସିନ୍ଧୀ" ରଖି ଦିଅନ୍ତି । ତଦନୁସାରେ ସେହି କାରଣରୁ ଆପଣ ଅ.ସଙ୍କ ମାଆ ଏବଂ କେତେକ ମହିଳାମାନେ ଆପଣ ଅ.ସଙ୍କୁ ମଧ୍ୟ ପିଲାଦିନେ ବେଳେବେଳେ ଏହି ସିନ୍ଧୀ ଶବ୍ଦ ପ୍ରୟୋଗ କରୁଥିଲେ ଓ ସିନ୍ଧୀ ବୋଲି ଡାକୁଥିଲେ ।

ବିନୀତ କହୁଛି ଯେ "ସିନ୍ଧୀ" ଶବ୍ଦଟି ସମ୍ଭବତଃ "ଦଶୱନ୍ଧୀ" କିମ୍ବା "ଦଶବନ୍ଧୀ" ଶବ୍ଦରୁ ଅପଭ୍ରଂଶ (ବିଗିଡ଼ି) ହୋଇଅଛି । ସିନ୍ଧୀ ଏପରି ପିଲାକୁ କୁହାଯାଏ ଯାହା ଉପରେ କୌଣସି ମାନସିକ ପୂରଣ ହେବା ଫଳରେ ଦଶଥର କୌଣସି ଜିନିଷ ବନ୍ଧାଯାଏ । ପୁଣି କେତେକ ସମୟରେ କୌଣସି ମାନସିକ ନଥାଏ । ବରଂ ଏମିତି ସ୍ନେହରେ ସ୍ତ୍ରୀଲୋକମାନେ ନିଜ ପିଲା ଉପରେ ଏହି ରୀତି ସମ୍ପାଦନ କରି ତାକୁ "ସିନ୍ଧୀ" ବୋଲି ଡାକିବାକୁ ଲାଗନ୍ତି ।

ଉକ୍ତ ବର୍ଣ୍ଣନାରେ ଯେଉଁ ପ୍ରସଙ୍ଗର ଉଲ୍ଲେଖ ରହିଛି ଯେ ହ.ମସିହ୍ ମଉଦ୍ ଅ.ସ ପିଲାଦିନେ କେବେ କେବେ ଶିକାର କରିଥିବା ଚଢ଼େଇକୁ ଖଗଡ଼ା (କାଶତଣ୍ଡି) ଦ୍ୱାରା ଚଢେଇମାନଙ୍କୁ ଜେବହ୍ କରୁଥିଲେ । ସେହି ବିଷୟରେ ଏହି କଥା ଉଲ୍ଲେଖଯୋଗ୍ୟ ଯେ, ଏଠାରେ ସରକଣ୍ଡା (ଖଗଡ଼ା ବା କାଶତଣ୍ଡି) କହିଲେ ସମ୍ପୂର୍ଣ୍ଣ ଗୋଲ୍ ଖଗଡ଼ାକୁ ବୁଝାଉ ନାହିଁ ବରଂ ଖଗଡ଼ାର କଟାଯାଇଥିବା ଏକ ଖଣ୍ଡକୁ ବୁଝାଉଛି । ଯାହା କେତେକ ସମୟରେ ଏତେ ଧାରୁଆ ହୋଇଥାଏ ଯେ ସାଧାରଣ ଛୁରୀର ଧାର ମଧ୍ୟ ତାହାର ସମକକ୍ଷ ହୋଇପାରିବ ନାହିଁ । ତଦନୁସାରେ ବିନୀତ ସ୍ୱୟଂ ମଧ୍ୟ ପିଲାଦିନେ ଅନେକ ଥର ଖଗଡ଼ା ଦ୍ୱାରା ନିଜ ହାତକୁ ଆହତ କରିବାର

ଅବଶିଷ୍ଟାଂଶ...ପରବର୍ତ୍ତୀ ସଂଖ୍ୟାରେ

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan